RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in




**ସ୍ୱସ୍ତିକଙ୍କୁ ୭ ୱିକେଟ୍**

▸ପୃଷ୍ଠା ୧୨ ଦେଖନ୍ତୁ...


# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-317 •SATURDAY •16 MAY 2026 •PAGE-12 •₹ 7.00 | JEYPORE | •ବର୍ଷ-୪୩ •ସଂଖ୍ୟା-୩୧୭ •ଶନିବାର •୧୬ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



# The Toppers Factory of Odisha... again

CBSE 12th Result 2026

99% SWAYAM SAMBHAV RAJGURU

98% NIKHILESWAR SINGH

97% SASWAT PRIYADARSI KUMURA

97% BABITA PADHAN

■ 150+ Students got 90% & above ■ 90% Students got more than 10th Marks

97% SHREYA SEPHALIKA PATRA
97% TANISHA NAIK
97% SWETA AGRAWAL
96% RUTUPARNA SAHU
96% AKASH MANSINGKA
96% SIDDHI SAMRUDDHI PANDA
96% AAKARSHI BANSAL
96% AARUSHI BANSAL
96% ANNAPURNA TRIPATHY
96% LISA BHOI
95% DUNESH CHAKRADHARI
95% K VEENITH KUMAR DORA
95% PIBYANKA BHOI
95% SANJU SAHU
95% MANISH YADAV
94% GOUTAM KUMAR JAIN
94% MAHESH BHOI
94% RADHIKA AGRAWAL
94% SMRUTI REKHA HOTA
94% TANUSHREE KUANR
94% ARCHIKA NATH
94% MONALISA PRUSETH
94% MOUSUMI SAHU
94% PALAK AGRAWAL
94% VAISHNAVI VARMA
93% SATTWIK SAMANTRAY
93% DIVYA TRIPATHY
93% PRIYANI SAHU
93% SAMRUDDHI JAIPURIA
93% SHRIYANSHEE NAIK
93% OMKAR AYASKANT MEHER
93% PIYUSH PRADHAN
93% PRAGNYA RASHMI SAHU
93% PRIYANSA PARIMITA NAIK

& Many many more...

## Growth over 10th Marks

| Name | 10th% | 12th% | Growth % |
|---|---|---|---|
| HARSH PANDEY | 45 | 82 | 37 |
| MILAN PANDEY | 60 | 90 | 30 |
| RADHIKA AGRAWAL | 65 | 94 | 29 |
| OJAS KALO | 45 | 73 | 28 |
| SATTWIK SAMANTRAY | 66 | 93 | 27 |
| ANSHUMAN PANDA | 56 | 83 | 27 |
| RANJAN SAHU | 60 | 87 | 27 |
| CHIRANJIT MAHANANDA | 55 | 81 | 26 |
| SUBHAM MEHER | 70 | 96 | 26 |
| SWAYAM SAMBHAV RAJGURU | 73 | 99 | 26 |
| TANUSHREE KUANR | 69 | 94 | 25 |
| BENNY OOIJER XESS | 65 | 90 | 25 |
| RUDRA KUMAR SA | 69 | 93 | 24 |
| AKASH BHAINSA | 59 | 83 | 24 |
| ANWESHA SAHU | 62 | 86 | 24 |
| AYUSHI PATTNAIK | 63 | 87 | 24 |
| DOLOP SINGH | 55 | 78 | 23 |
| TANISHA HANUMAN | 54 | 77 | 23 |
| HONEY MAKHIJA | 70 | 93 | 23 |
| SUBHANKAR BEHERA | 60 | 83 | 23 |
| KRISHNA PAREEK | 61 | 83 | 22 |
| AYUSHI MISHRA | 71 | 93 | 22 |
| PRINCE HASDA | 61 | 83 | 22 |
| BASUDEV PATEL | 60 | 82 | 22 |
| SHRIYANSH MEHER | 58 | 80 | 22 |
| MONALISA PRUSETH | 72 | 94 | 22 |

& a long list...

96% AYUSH KUMAR TANTY
96% PALAK GUPTA
96% NAITIK AGRAWAL
96% SHRUTI PRIYA AGRAWAL
96% SAMIP KUMAR DASH
96% SHUBHANKAR BEHERA
96% PRIYADARSHI NAG
96% SUBHAM MEHER
96% SANSHREY SHARAF
96% SHRAVANI MAHAPATRA
95% ARMAAN SA
95% ROSHNI GUPTA
95% P. DIVYANSU ACHARY
95% SUSHREE SAGARIKA PRADHAN
94% AKANKSHYA MISHRA
94% KRISHNA BANSAL
94% ASHIS MEHER
94% N SHUBHASHREE
94% AMIT KARA
94% AYUSHMAN DEBTA
93% ADITYA NAG
93% DIKSHA PATEL
93% KESHAV BANSAL
93% MANYATA PRIYADARSHINI ACHARYA
93% RUDRA KUMAR SA
93% HONEY MAKHIJA
93% MUSKAN BEHERA
93% SAMIKSHYA NAIK
93% YUVRAJ SHARMA
93% AYUSHI MISHRA

Admissions Open 2026-27
## Nursery - XI
Science | Commerce | Humanities

जीवा ज्योतिर् अशीमहि

# VEDIC INTERNATIONAL SCHOOL

SAMBALPUR | RAIGARH | BARGARH | RAIPUR

Pabpali, Sason, **Sambalpur.**
**M: 8117812340 / 9124612340**

Govindpali, **Bargarh.**
**M: 9124572708 / 9178712340 / 9124572710**

www.vedic.ac.in



# ଦେଶ ବିଦେଶ


ସକାଳ THE SAKALA
www.sakalaepaper.com

## ବେକାର ଯୁବକଙ୍କୁ 'ଅସରପା' ସହ ତୁଳନା କଲେ ପ୍ରଧାନବିଚାରପତି



ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ବେକାର ଯୁବକମାନଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ବେକାର ଯୁବକମାନଙ୍କୁ 'ଅସରପା' ସହ ତୁଳନା କରି ସେ କହିଛନ୍ତି ଯେ ଅନେକ ଯୁବକ/ଯୁବତୀ କୌଣସି ନିଯୁକ୍ତି ନପାଇ ଗଣମାଧ୍ୟମ ପ୍ରତିନିଧି, ସୋସିଆଲ ମିଡିଆ ପ୍ରତିନିଧି ଏବଂ ଆରଟିଆଇ କର୍ମୀ ସାଜି ବ୍ୟବସ୍ଥାର ସମାଲୋଚନା କରୁଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଆଇନଜୀବୀଙ୍କ ଆବେଦନର ଶୁଣାଣି କରୁଥିବା ବେଳେ ଏଭଳି ଟିପ୍ପଣୀ ଦେଇଥିଲେ। ଉକ୍ତ ଆଇନଜୀବୀ ନିଜକୁ ବରିଷ୍ଠ ଆଇନଜୀବୀ ଭାବେ ମାନ୍ୟତା ଦେବା ପାଇଁ ଆବେଦନ କରିଥିଲେ। ଖଣ୍ଡପୀଠ ଆବେଦନକାରୀଙ୍କୁ ଭର୍ତ୍ସନା କରିଥିଲେ। ଆବେଦନକାରୀଙ୍କ ଆଚରଣ ଏବଂ ତାଙ୍କର ସୋସିଆଲ ମିଡିଆ ପୋଷ୍ଟକୁ ନେଇ କ୍ଷୋଭ ପ୍ରକାଶ କରି ପ୍ରଧାନ ବିଚାରପତି କହିଥିଲେ ଯେ, ସମାଜରେ ଅନେକ 'ପରଜୀବୀ' (ପାରାସାଇଟ୍) ଅଛନ୍ତି ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରୁଛନ୍ତି। ଶୁଣାଣି ସମୟରେ ଅନେକ ଆଇନଜୀବୀଙ୍କ ଯୋଗ୍ୟତା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଲେ ଯେ ୟୁନିଫର୍ମ ପିନ୍ଧି ବୁଲୁଥିବା ଅନେକ ଆଇନଜୀବୀଙ୍କ ଡିଗ୍ରୀର ସତ୍ୟତା ଉପରେ ସନ୍ଦେହ ରହୁଛି। ସେମାନେ ପ୍ରକୃତରେ ଡିଗ୍ରୀ ହାସଲ କରିଛନ୍ତି କି ନାହିଁ, ତାହାର ସିବିଆଇ ତଦନ୍ତ ହେବା ଉଚିତ।

## ଭୋଜଶାଳା ଏକ ମନ୍ଦିର: ହାଇକୋର୍ଟ



ଭୋପାଳ, ୧୫।୫(ଏଜେନ୍ସି): ଧାର୍ ଜିଲ୍ଲାର ବିବାଦୀୟ ଭୋଜଶାଳା-କମଲ ମୌଲା ମସଜିଦ୍ ପରିସରକୁ ନେଇ ଶୁକ୍ରବାର ମଧ୍ୟପ୍ରଦେଶ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଏହି ବିବାଦୀୟ ପୀଠକୁ ମନ୍ଦିର ବୋଲି ରାୟ ଦେବା ସହିତ ଏଏସ୍ଆଇ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ସ୍ଥାନର ଧାର୍ମିକ ସ୍ୱରୂପ ହେଉଛି 'ଭୋଜଶାଳା', ଯାହା ମା' ସରସ୍ୱତୀଙ୍କର ଏକ ପ୍ରାଚୀନ ମନ୍ଦିର। ଐତିହାସିକ ତଥ୍ୟ ଏବଂ ସ୍ଥାପତ୍ୟ କଳାକୁ ଆଧାର କରି କୋର୍ଟ କହିଛନ୍ତି ଯେ, ଏହା ପରମାର ବଂଶର ରାଜା ଭୋଜଙ୍କ ଦ୍ୱାରା ନିର୍ମିତ ସଂସ୍କୃତ ଶିକ୍ଷା କେନ୍ଦ୍ର ଓ ମନ୍ଦିର ଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ଏହି ସ୍ଥାନର ସଂରକ୍ଷଣ ଏବଂ ପରିଚାଳନା ଦାୟିତ୍ୱରେ ରହିବ। ପୂର୍ବରୁ ହିନ୍ଦୁମାନଙ୍କ ପୂଜା ଅଧିକାର ଉପରେ ଥିବା କଟକଣାକୁ କୋର୍ଟ ହଟାଇ ଦେଇଛନ୍ତି। ମୁସଲିମ୍ ସମ୍ପ୍ରଦାୟର ପ୍ରାର୍ଥନା ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କୁ ମସଜିଦ୍ ନିର୍ମାଣ ପାଇଁ ଧାର୍ ଜିଲ୍ଲାରେ ଅନ୍ୟ ଏକ ଉପଯୁକ୍ତ ଜମି ଯୋଗାଇ ଦିଆଯାଉ। ବ୍ରିଟେନରୁ ମା' ସରସ୍ୱତୀଙ୍କ ପ୍ରାଚୀନ ମୂର୍ତ୍ତି ଫେରାଇ ଆଣିବା ପାଇଁ ହୋଇଥିବା ଆବେଦନ ଉପରେ କେନ୍ଦ୍ର ସରକାର ବିଚାର କରିବାକୁ କୋର୍ଟ କହିଛନ୍ତି।

## ମଣିପୁରରେ ୩୧ ବନ୍ଧକମୁକ୍ତ

### ଏବେ ବି ୭ ଜଣ ଅଜ୍ଞାତ ଗୋଷ୍ଠୀ ହାତରେ

ଇମ୍ଫାଲ, ୧୫।୫(ଏଜେନ୍ସି): ମଣିପୁରର କାଙ୍ଗପୋକପି ଏବଂ ସେନାପତି ଜିଲ୍ଲାରେ ହିଂସା ପରେ ବନ୍ଧକ ଥିବା ୩୮ ଜଣଙ୍କ ମଧ୍ୟରୁ ୩୧ ଜଣଙ୍କୁ ସଶସ୍ତ୍ର ଗୋଷ୍ଠୀ ମୁକ୍ତ କରିଛନ୍ତି। ସରକାର ଏବଂ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସ ପରେ ଏହି ସାଧାରଣ ନାଗରିକମାନେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରେ ନାଗା ସମ୍ପ୍ରଦାୟର ୧୨ ଜଣ ମହିଳା, କୁକି ସମ୍ପ୍ରଦାୟର ୪ ଜଣ ପୁରୁଷ ଓ ୧୦ ଜଣ ମହିଳା ଏବଂ 'ଡନ୍‌ବୋସ୍କୋ'ର ଦୁଇଜଣ ସଦସ୍ୟ ଅଛନ୍ତି। ମୁକ୍ତ ହୋଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ସେମାନଙ୍କୁ ଆଖିରେ ପଟି ବାନ୍ଧି ପାହାଡ଼ିଆ ଓ ଜଙ୍ଗଲିଆ ରାସ୍ତାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ହାତ ବନ୍ଧା ହୋଇଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି ଶାରୀରିକ ଆକ୍ରମଣ ହୋଇନଥିଲା। ମୋଟ ୩୮ ଜଣଙ୍କ ମଧ୍ୟରୁ ଆହୁରି ୭ ଜଣ ବର୍ତ୍ତମାନ ସୁଦ୍ଧା ସଶସ୍ତ୍ର ଗୋଷ୍ଠୀଙ୍କ କବ୍ଜାରେ ଅଛନ୍ତି। ୟୁନାଇଟେଡ୍ ନାଗା କାଉନସିଲ୍ ଏବଂ କୁକି ଇନପି ମଣିପୁର ପକ୍ଷରୁ ସମସ୍ତ ବନ୍ଧକଙ୍କୁ ଆଜି ସନ୍ଧ୍ୟା ସୁଦ୍ଧା ଛାଡ଼ିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି।

## କୁଲଦୀପଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଉନ୍ନାଓ ନାବାଳିକା ଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ସୁପ୍ରିମକୋର୍ଟଙ୍କଠାରୁ ଏକ ବଡ଼ ଶକ୍ତ ଧକ୍କା ଲାଗିଛି। ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ ଉପରେ ଲଗାଯାଇଥିବା ରୋକକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ପୀଠ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, 'ଜଣେ ବିଧାୟକ ପକ୍‌ସୋ ଆଇନ ଅଧୀନରେ ଜଣେ ସାର୍ବଜନୀନ ସେବକ ବା 'ପବ୍ଲିକ୍ ସର୍ଭାଣ୍ଟ' ନୁହନ୍ତି ବୋଲି ହାଇକୋର୍ଟ ଯେଉଁ ଯୁକ୍ତି ଦର୍ଶାଇଥିଲେ, ତାହାକୁ ଆମେ ଗ୍ରହଣ କରୁନାହୁଁ।' ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ଏହି ମାମଲାର ମୁଖ୍ୟ ଆବେଦନ ଉପରେ ଦୁଇ ମାସ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ସେଙ୍ଗରଙ୍କୁ ମିଳିଥିବା ସର୍ତ୍ତମୂଳକ ଜାମିନ ରଦ୍ଦ ହୋଇଛି ଏବଂ ତାଙ୍କୁ ପୁଣି ଜେଲ ଯିବାକୁ ପଡ଼ିବ। ଗତ ମାସରେ ଦିଲ୍ଲୀ ହାଇକୋର୍ଟ ସେଙ୍ଗରଙ୍କ ସଜାକୁ ସ୍ଥଗିତ ରଖି ଜାମିନ ପ୍ରଦାନ କରିଥିଲେ। କୋର୍ଟ କହିଥିଲେ ଯେ ସେଙ୍ଗର ଜଣେ ବିଧାୟକ ହୋଇଥିବାରୁ ତାଙ୍କୁ ତଳ କୋର୍ଟ 'ସାର୍ବଜନୀନ ସେବକ' ଭାବେ ବିଚାର କରିବା ଉଚିତ ନୁହେଁ। ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ବିଧାୟକଙ୍କ ଭାଇଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ପାଟନା, ୧୫।୫(ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଚ୍ୟାଲେଞ୍ଜ କରି ଦୁଇଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ଆରଜେଡି ବିଧାୟକ ରାହୁଲ କୁମାରଙ୍କ ଭାଇ ରୋହିତ କୁମାରଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଛନ୍ତି। ଶୁକ୍ରବାର ଦିନ କଙ୍କଡ଼ବାଗ୍ ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଏହି ଘଟଣା ଘଟିଛି। ରୋହିତ କୁମାର ମନ୍ଦିର ନିକଟ ଦେଇ ଯାଉଥିବା ସମୟରେ ଦୁଇଜଣ ଅଜଣା ଅପରାଧୀ ବାଇକ୍‌ରେ ଆସି ମାତ୍ର କିଛି ସେକେଣ୍ଡ ମଧ୍ୟରେ ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଚମ୍ପଟ ମାରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାଟି ନିକଟରେ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯାହାକୁ ଆଧାର କରି ପୁଲିସ ଅପରାଧୀଙ୍କୁ ଖୋଜୁଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କଙ୍କଡ଼ବାଗ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ରିଟେନ୍‌ରେ ଭଣ୍ଡ ଇମାମ୍‌କୁ ଆଜୀବନ ଜେଲ୍

### 'ଜିନ୍' ଶକ୍ତିର ଭୟ ଦେଖାଇ କରୁଥିଲେ ଦୁଷ୍କର୍ମ

ଲଣ୍ଡନ, ୧୫।୫(ଏଜେନ୍ସି): ନିଜକୁ ଅଲୌକିକ ଶକ୍ତିର ଅଧିକାରୀ କହି ମହିଳା ଓ ଶିଶୁମାନଙ୍କୁ ଯୌନ ଶୋଷଣ କରୁଥିବା ଜଣେ ପୂର୍ବତନ ଇମାମଙ୍କୁ ବ୍ରିଟେନର ଏକ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫୪ ବର୍ଷୀୟ ଅବଦୁଲ ହାଲିମ ଖାନଙ୍କୁ ଅତି କମରେ ୨୦ ବର୍ଷ ଜେଲରେ ରହିବାକୁ ପଡ଼ିବ। ଅବଦୁଲ ୨୦୦୪ ରୁ ୨୦୧୫ ମଧ୍ୟରେ ୭ ଜଣ ମହିଳା ଓ ଶିଶୁଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୀଡ଼ିତାଙ୍କ ମଧ୍ୟରେ ୧୨ ବର୍ଷର ନାବାଳିକା ମଧ୍ୟ ସାମିଲ ଅଛନ୍ତି। ସେ ନିଜକୁ ଜଣେ 'ଜିନ୍' (ଅଲୌକିକ ଆତ୍ମା) ରୂପେ ବଦଳାଇ ପାରନ୍ତି ବୋଲି କହି ପୀଡ଼ିତାମାନଙ୍କୁ ବିଶ୍ୱାସ ଜନ୍ମାଉଥିଲେ ଏବଂ ଗୁଣିଗାରେଡିର ଭୟ ଦେଖାଇ ସେମାନଙ୍କୁ ଚୁପ୍ ରଖୁଥିଲେ। ଜଣେ ଧର୍ମଗୁରୁ ଭାବେ ନିଜର ପ୍ରତିପତ୍ତିକୁ ବ୍ୟବହାର କରି ସେ ଅସହାୟ ମହିଳା ଓ କନ୍ୟାମାନଙ୍କୁ ଶୋଷଣ କରୁଥିଲେ। ବିଚାରପତି ଏହି ଘଟଣାକୁ 'ଭୟଙ୍କର ଏବଂ ବିଶ୍ୱାସଘାତକତାର ଚରମ ସୀମା' ବୋଲି ବର୍ଣ୍ଣନା କରିଛନ୍ତି।

## ଭିସା ଜାଲିଆତିରେ ୧୦ ହଜାର ବିଦେଶୀ ଛାତ୍ର

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଆମେରିକାର ଇମିଗ୍ରେସନ ଏଜେନ୍ସି 'ଆଇସିଇ' ଏକ ବଡ଼ ଧରଣର ଭିସା ଜାଲିଆତିର ତଦନ୍ତ ଆରମ୍ଭ କରିଛି। ଅନେକ ଛାତ୍ରଛାତ୍ରୀ ନିଜର ଭିସା ବୈଧତା ବଜାୟ ରଖିବା ପାଇଁ କେବଳ କାଗଜପତ୍ରରେ ଥିବା ନକଲି କମ୍ପାନୀ ମାଧ୍ୟମରେ ଚାକିରି କରୁଥିବା ଦେଖାଇଥିଲେ। ତଦନ୍ତ ବେଳେ ଜଣାପଡ଼ିଛି ଯେ, ଏହି କମ୍ପାନୀଗୁଡ଼ିକର କୌଣସି ଅଫିସ୍ ନାହିଁ କିମ୍ବା ସେଗୁଡ଼ିକ ବନ୍ଦ ପଡ଼ିଥିବା କୋଠାରେ ଚାଲୁଥିଲା। ପ୍ରାୟ ୧୦, ୦୦୦ ବିଦେଶୀ ଛାତ୍ରଙ୍କ ଉପରେ ନଜର ରଖାଯାଇଛି, ଯେଉଁଥିରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ମଧ୍ୟ ଅଛନ୍ତି। ବିଦେଶୀ ଛାତ୍ରମାନଙ୍କୁ ଆମେରିକାରେ ଚାକିରି କରିବାକୁ ସୁଯୋଗ ଦେଉଥିବା ଅପସନାଲ ପ୍ରାକ୍ଟିକାଲ ଟ୍ରେନିଂ କାର୍ଯ୍ୟକ୍ରମରେ ଏହି ବଡ଼ ଧରଣର ଅନିୟମିତତା ହୋଇଛି। କିଛି କ୍ଷେତ୍ରରେ ଭାରତରେ ବସିଥିବା ଏଜେଣ୍ଟମାନେ ଏହି ନକଲି ନେଟୱାର୍କକୁ ପରିଚାଳନା କରୁଥିବା ଜଣାପଡ଼ିଛି।

# ଖୋଲୁଛି ନିଟ୍ ଲିକ୍ ଷଡ଼ଯନ୍ତ୍ର ଗୁମର

## ଲିକ୍ ପଛରେ ରାଜସ୍ଥାନର ଗୋଟିଏ ପରିବାର



ଜୟପୁର, ୧୫।୫(ଏଜେନ୍ସି): ଚଳିତ ବର୍ଷର ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜସ୍ଥାନର ବିୱାଲ୍ ପରିବାର ଏହି ମହାଘୋଟାଲାର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ସେମାନେ କେବଳ ଚଳିତ ବର୍ଷ ନୁହେଁ, ବରଂ ଗତ ବର୍ଷ ମଧ୍ୟ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ହାତେଇଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, ଏହି

- ■ ପରିବାରର ୫ ସନ୍ତାନଙ୍କ ପାଖକୁ ଆସିଥିଲା ପ୍ରଶ୍ନପତ୍ର
- ■ ଦୁଇ ଭାଇ ମୁଖ୍ୟ କାର୍ଯ୍ୟଦାର୍

ପରିବାରର ପାଞ୍ଚ ଜଣ ସନ୍ତାନଙ୍କ ନିକଟକୁ ପୂର୍ବରୁ ପ୍ରଶ୍ନପତ୍ର ପହଞ୍ଚିଥିଲା। ତଦନ୍ତକାରୀ ସଂସ୍ଥା ଅନୁସାରେ, ଜୟପୁର ଜିଲ୍ଲା ଜାମୱା ରାମଗଡ଼ର ବାସିନ୍ଦା ମାଙ୍ଗିଲାଲ ବିୱାଲ୍ ଏବଂ ଦିନେଶ ବିୱାଲ୍ ଏହି କାରବାରର ମୁଖ୍ୟ ସୂତ୍ରଧର। ଏହି ଦୁଇ ଭାଇ ପ୍ରଥମେ ନିଜ ପରିବାରର ପିଲାମାନଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କୋଟି କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ମାଙ୍ଗିଲାଲଙ୍କ ପୁଅ ବିକାଶ ବିୱାଲ୍, ଯିଏ ବର୍ତ୍ତମାନ ଏମ୍‌ବିବିଏସ୍ ପଢୁଛନ୍ତି, ସେ ମଧ୍ୟ ଏହି ପ୍ରଶ୍ନପତ୍ର ବାଣ୍ଟିବାରେ ସାହାଯ୍ୟ କରିଥିବା ଅଭିଯୋଗ ରହିଛି। ଏଥିପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କାର କାରବାର ହୋଇଥିବା କୁହାଯାଉଛି। ଏହି ଘଟଣାରେ ମହାରାଷ୍ଟ୍ର ଏବଂ ହରିୟାଣାର ସମ୍ପୃକ୍ତି ମଧ୍ୟ ମିଳିଛି। ଶୁଭମ୍ ଖୈରନାର ନାମକ ଜଣେ ଛାତ୍ର ଏହି ପ୍ରଶ୍ନପତ୍ରର ମୁଖ୍ୟ ଉତ୍ସ ବୋଲି ଜଣାପଡ଼ିଛି। ସେ ଏହି ପ୍ରଶ୍ନପତ୍ରକୁ ଗୁରୁଗ୍ରାମରେ ଯଶ ଯାଦବଙ୍କୁ ଦେଇଥିଲେ, ଯେଉଁଠାରୁ ଏହା ରାଜସ୍ଥାନର ବିୱାଲ୍ ପରିବାର ପାଖକୁ ଆସିଥିଲା। ଏହି ନେଟୱର୍କରେ ଅନେକ ଡାକ୍ତର ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ଥିବା ଜଣାପଡ଼ିଛି। ରାଜସ୍ଥାନର ସିକରଠାରେ ଥିବା କିଛି କୋଚିଂ ସଂସ୍ଥା ମଧ୍ୟ ଏହି ଘଟଣାରେ ସନ୍ଦେହ ଘେରରେ ଅଛନ୍ତି। ଏହି ବଡ଼ ଧରଣର ଅନିୟମିତତା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଦୋଷ ସ୍ୱୀକାର କରିବା ସହ ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ଏହିପରି ଭାବେ ପ୍ରଶ୍ନପତ୍ର ଲିକ୍ ହେଉଥିବା ବେଳେ ଏହା ସାମ୍ନାକୁ ଆସିପାରୁ ନଥିଲା। ମାତ୍ର ଚଳିତ ବର୍ଷ କୋଚିଂ ସଂସ୍ଥାଗୁଡ଼ିକ ମଧ୍ୟରେ ଥିବା ପ୍ରତିଯୋଗିତା ଯୋଗୁଁ ଏହି ବଡ଼ ର୍‍ୟାକେଟ୍ ପର୍ଦ୍ଦାଫାଶ ହୋଇଛି। ସରକାର ଏବେ ପରୀକ୍ଷାର ନୂତନ ତାରିଖ ଘୋଷଣା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସିକର ଅଞ୍ଚଳର କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଚାଲିଥିବା ବ୍ୟବସାୟିକ ଶତ୍ରୁତା ଯୋଗୁଁ ଏହି ବଡ଼ ଧରଣର ସ୍କାମ ଲୋକଲୋଚନକୁ ଆସିଛି। ଏହି ର୍‍ୟାକେଟ୍ ବହୁ ବର୍ଷ ଧରି ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହାର ତଦନ୍ତ ଭାର ସିବିଆଇ'କୁ ହସ୍ତାନ୍ତର କରିଛନ୍ତି। ଏହି ଘଟଣା ସାରା ଦେଶରେ ପରୀକ୍ଷା ପରିଚାଳନା ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ନୂଆ ପରୀକ୍ଷା ତାରିଖ ଘୋଷଣା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଧରାପଡ଼ିଲେ ଅଧ୍ୟାପକ ପିଭି କୁଲକର୍ଣ୍ଣି



ପୁଣେ, ୧୫।୫(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ପୁଣେର ଜଣେ ରସାୟନ ବିଜ୍ଞାନ ଅଧ୍ୟାପକ ପିଭି. କୁଲକର୍ଣ୍ଣିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇ ଗିରଫ କରିଛି। ଅଭିଯୁକ୍ତ କୁଲକର୍ଣ୍ଣି ସ୍ୱତନ୍ତ୍ର କୋଚିଂ କ୍ଲାସ୍ ନେଇ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଲିକ୍ କରୁଥିଲେ। ଅଭିଯୁକ୍ତ କୁଲକର୍ଣ୍ଣି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର ଏବଂ ସେ ବହୁ ବର୍ଷ ଧରି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲର ସଦସ୍ୟ ଥିଲେ। ତେଣୁ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ହାତେଇବା ତାଙ୍କ ପକ୍ଷରେ ସମ୍ଭବପର ଥିଲା। ସିବିଆଇର ସୂଚନା ଅନୁଯାୟୀ, ଏପ୍ରିଲ ଶେଷ ସପ୍ତାହରେ କୁଲକର୍ଣ୍ଣି ପୁଣେସ୍ଥିତ ନିଜ ବାସଭବନରେ ଏକ ସ୍ୱତନ୍ତ୍ର କୋଚିଂ କ୍ଲାସ ଆୟୋଜନ କରିଥିଲେ। ସେଠାରେ ସେ ନିଟ୍-ୟୁଜି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନ, ବିକଳ୍ପ ଉତ୍ତର ଏବଂ ସଠିକ୍ ଉତ୍ତରଗୁଡ଼ିକ ଲେଖାଇଥିଲେ।

# ହର୍ମୁଜ ପ୍ରଣାଳୀକୁ ବାଇପାସ୍ କରିବ ୟୁଏଇ

ଆବୁଧାବି, ୧୫।୫(ଏଜେନ୍ସି): ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ଏବଂ ସାମୁଦ୍ରିକ ପରିବହନରେ ବାଧା ଉପୁଜିବା ପରେ ୟୁଏଇ ଏକ ବଡ଼ ପଦକ୍ଷେପ ନେଇଛି। ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ୟୁଏଇ ନିଜର ନୂତନ 'ପଶ୍ଚିମ-ପୂର୍ବ ପାଇପଲାଇନ' ପ୍ରକଳ୍ପକୁ ୨୦୨୭ ସୁଦ୍ଧା ଶେଷ

**ନୂଆ ତୈଳ ପାଇପ୍‌ଲାଇନ ନିର୍ମାଣ କାର୍ଯ୍ୟକୁ କଲା ତ୍ୱରାନ୍ୱିତ**




କରିବାକୁ ନିର୍ଦ୍ଦେଶ ଦେଇଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ହେଉଥିବା ତୈଳ ପରିବହନ ଏକ ପ୍ରକାର ବନ୍ଦ ହୋଇଯାଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ବାଟ ଦେଇ ହୋଇଥାଏ। ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ତୈଳ କମ୍ପାନୀ 'ଆଡନକ'କୁ ଏହି ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ କହିଛନ୍ତି। ଏହାଦ୍ୱାରା ଫୁଜୈରା ବନ୍ଦର ଦେଇ ତୈଳ ରପ୍ତାନି କ୍ଷମତା ଦ୍ୱିଗୁଣିତ ହେବ। ବର୍ତ୍ତମାନ ୟୁଏଇର 'ହବ୍‌ସାନ-ଫୁଜୈରା' ପାଇପଲାଇନ ଦୈନିକ ୧.୮ ମିଲିୟନ ବ୍ୟାରେଲ ତୈଳ ପରିବହନ କରିବାର କ୍ଷମତା ରଖିଛି। ନୂଆ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୟୁଏଇ ଯୁଦ୍ଧଗ୍ରସ୍ତ ଅଞ୍ଚଳକୁ ଏଡ଼ାଇ ସିଧାସଳଖ ଓମାନ ସାଗର ଦେଇ ରପ୍ତାନି କରିପାରିବ। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ କୁଏତ, ଇରାକ, କତାର ଏବଂ ବାହାରିନ ଭଳି ଦେଶମାନେ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି, କାରଣ ସେମାନେ ରପ୍ତାନି ପାଇଁ ସମ୍ପୂର୍ଣ୍ଣ ଭାବେ ଏହି ଜଳପଥ ଉପରେ ନିର୍ଭର କରନ୍ତି। କେବଳ ୟୁଏଇ ଏବଂ ସୌଦି ଆରବ ପାଖରେ ଏପରି ପାଇପଲାଇନ ଅଛି ଯାହା ଏହି ପ୍ରଣାଳୀକୁ ବାଇପାସ୍ କରିପାରିବ। ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି ଏବଂ ଯୋଗାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ୟୁଏଇର ଏହି ରଣନୈତିକ ପଦକ୍ଷେପ ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ଭାରତ ଭଳି ଆମଦାନୀକାରୀ ଦେଶମାନଙ୍କ ପାଇଁ ମଧ୍ୟ ଭବିଷ୍ୟତରେ ଆଶ୍ୱସ୍ତିକର ଖବର ହୋଇପାରେ।



## ୟୁଏଇରେ ମୋଦୀ

ଆବୁଧାବି, ୧୫।୫(ଏଜେନ୍ସି): ବିଶ୍ୱ ଶକ୍ତି ସଙ୍କଟ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ୟୁଏଇ ଗସ୍ତ କରିଛନ୍ତି। ଆବୁଧାବିରେ ପହଞ୍ଚିବା ପରେ ତାଙ୍କୁ ସେଠାକାର ସରକାରଙ୍କ ପକ୍ଷରୁ ଏକ ଭବ୍ୟ ଏବଂ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ବିମାନ 'ଏୟାର ଇଣ୍ଡିଆ ୱାନ୍' ଯେତେବେଳେ ୟୁଏଇ ଆକାଶ ମାର୍ଗରେ ପ୍ରବେଶ କଲା, ସେତେବେଳେ ୟୁଏଇ ବାୟୁସେନାର ଏଫ୍-୧୬ ବ୍ଲକ-୬୦ 'ଡେଜର୍ଟ ଫାଲକନ୍' ଯୁଦ୍ଧ ବିମାନଗୁଡ଼ିକ ତାଙ୍କୁ ଏସ୍କର୍ଟ କରି ବିମାନବନ୍ଦର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ସ୍ୱତନ୍ତ୍ର ସମ୍ମାନ ପାଇଁ ପିଏମ ମୋଦୀ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହିୟାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତରେ ତୈଳ ଦର ବୃଦ୍ଧି ପାଉଥିବା ସମୟରେ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଏଲ୍‌ପିଜି ଏବଂ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ୟୁଏଇ ବର୍ତ୍ତମାନ ଭାରତର ତୃତୀୟ ବୃହତ୍ତମ ବାଣିଜ୍ୟିକ ଅଂଶୀଦାର ଏବଂ ନିବେଶ କ୍ଷେତ୍ରରେ ଏକ ପ୍ରମୁଖ ଦେଶ। ୟୁଏଇରେ ନିଜର ଏକଦିବସୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ୟୁଏଇର ଏହି ରାଜକୀୟ ସ୍ୱାଗତ କେବଳ ଭାରତ-ୟୁଏଇ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ଦର୍ଶାଉନାହିଁ, ବରଂ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ପ୍ରତିପାଦିତ କରୁଛି। ଏହି ଚୁକ୍ତିନାମାଗୁଡ଼ିକ ଆଗାମୀ ଦିନରେ ଭାରତର ଇନ୍ଧନ ସଙ୍କଟ ଦୂର କରିବାରେ ସହାୟକ ହେବ।

### ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲା

## ୩ ଆଇପିଏସ୍ ନିଲମ୍ବିତ

କୋଲକାତା, ୧୫।୫(ଏଜେନ୍ସି): ପଶ୍ଚିମବଙ୍ଗର ଆର୍‌ଜି କର ମେଡିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ମାମଲାରେ କାର୍ଯ୍ୟରେ ଅବହେଳା ଏବଂ ତଦନ୍ତରେ ବିଭ୍ରାଟ ଅଭିଯୋଗରେ ରାଜ୍ୟ ସରକାର ତିନିଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। କୋଲକାତାର ପୂର୍ବତନ ପୁଲିସ କମିସନର ବିନିତ ଗୋୟଲ, ପୂର୍ବତନ ଡେପୁଟି କମିସନର ଇନ୍ଦିରା ମୁଖାର୍ଜୀ ଏବଂ ଅଭିଷେକ ଗୁପ୍ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଅଫିସରମାନଙ୍କ ବିରୋଧରେ ତଦନ୍ତରେ ଅବହେଳା କରିବା, ପୀଡ଼ିତାଙ୍କ ପରିବାରକୁ ଲାଞ୍ଚ ଯାଚିବା ଏବଂ ବିନା ଅନୁମତିରେ ସାମ୍ବାଦିକ ସମ୍ମିଳନୀ କରିବା ଭଳି ଗୁରୁତର ଅଭିଯୋଗ ରହିଛି। ରାଜ୍ୟ ଗୃହ ସଚିବଙ୍କ ନେତୃତ୍ୱରେ ଏହି ଅଫିସରମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ବିଭାଗୀୟ ତଦନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ମୂଳ ଅପରାଧର ତଦନ୍ତ ସିବିଆଇ କରୁଥିବା ବେଳେ ରାଜ୍ୟ ସରକାର କେବଳ ଅଫିସରମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ୨୦୨୪ ଅଗଷ୍ଟରେ ଏହି ଘୃଣ୍ୟ ହତ୍ୟାକାଣ୍ଡ ପରେ ପୁଲିସର ଭୂମିକାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।


## ସୁପ୍ରିମକୋର୍ଟରେ ଦୁଇ ଦିନ ହେବ ଭିଡିଓ କନଫେରେନ୍ସିଂରେ ଶୁଣାଣି

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଦେଶରେ ଦେଖାଦେଇଥିବା ଇନ୍ଧନ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଇନ୍ଧନ ସଞ୍ଚୟ' ଅପିଲ୍‌କୁ ସୁପ୍ରିମକୋର୍ଟ ସମର୍ଥନ ଜଣାଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଦିଗରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୋମବାର, ଶୁକ୍ରବାର ଏବଂ ଅନ୍ୟାନ୍ୟ ଆଂଶିକ କାର୍ଯ୍ୟ ଦିବସରେ ସମସ୍ତ ମାମଲାର ଶୁଣାଣି କେବଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ଜାରି ରହିବ। ସୁପ୍ରିମକୋର୍ଟର ବିଚାରପତିମାନେ ଇନ୍ଧନର ସଦୁପଯୋଗ ପାଇଁ 'କାର୍-ପୁଲିଂ' ବ୍ୟବସ୍ଥା ଆପଣାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି। କୋର୍ଟର ରେଜିଷ୍ଟ୍ରି ବିଭାଗର ପ୍ରାୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ସପ୍ତାହକୁ ଦୁଇ ଦିନ ଘରୁ କାମ କରିବାକୁ ଅନୁମତି ଦିଆଯାଇଛି। ରୋଟେସନ ଭିତ୍ତିରେ ଏହି ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ମଧ୍ୟ ଗୁରୁବାର ନିଜର ସୁରକ୍ଷା କାରକେଡ୍‌କୁ ଛୋଟ କରି ଇନ୍ଧନ ସଞ୍ଚୟର ବାର୍ତ୍ତା ଦେଇଥିଲେ। ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନିଜ ଗାଡ଼ି ବ୍ୟବହାର ସଂଖ୍ୟାକୁ ଅଧା କରିଦେଇଛନ୍ତି।



## ତେଲ ଦର ବୃଦ୍ଧି: ଏବେ ରୋଷେଇ ଘରେ ଲାଗିବ ନିଆଁ

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ପ୍ରାୟ ଚାରି ବର୍ଷର ବ୍ୟବଧାନ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ହୋଇଥିବା ବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ନୁହେଁ, ବରଂ ସାଧାରଣ ଖାଉଟିଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ଶୁକ୍ରବାର ଠାରୁ ଲିଟର ପିଛା ୩ ଟଙ୍କା ବଢ଼ିବା ପରେ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏହାର ପ୍ରଭାବ ଖୁବଶୀଘ୍ର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡ଼ିବାକୁ ଯାଉଛି। ଡିଜେଲ ଦର ବଢ଼ିବା ଯୋଗୁଁ ବସ୍, ଟ୍ରକ୍ ଏବଂ ଅଟୋ ଭଡ଼ା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମାଲ୍ ପରିବହନ ଖର୍ଚ୍ଚ ବଢ଼ିଲେ ବଜାରରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ। ପରିବା, ଫଳ, କ୍ଷୀର ଏବଂ ଶସ୍ୟ ଆଦି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଅମୁଲ୍ ଏବଂ ମଦର ଡାଏରୀ ପରି ସଂସ୍ଥାଗୁଡ଼ିକ ପୂର୍ବରୁ ଲିଟର ପିଛା ୨ ଟଙ୍କା ବଢ଼ାଇ ସାରିଛନ୍ତି। ଡେଲିଭରି ଆପ୍ ଏବଂ ଇ-କମର୍ସ ସଂସ୍ଥାଗୁଡ଼ିକ ସେମାନଙ୍କର ସେବା ଶୁଳ୍କ ବଢ଼ାଇ ପାରନ୍ତି କିମ୍ବା ରିହାତି କମାଇ ଦେଇପାରନ୍ତି। ଗ୍ରାମାଞ୍ଚଳରେ ଚାଷୀମାନେ ଟ୍ରାକ୍ଟର ଏବଂ ପମ୍ପ ସେଟ୍ ପାଇଁ ଡିଜେଲ ବ୍ୟବହାର କରନ୍ତି। ତେଲ ଦର ବଢ଼ିଲେ ଚାଷ ଖର୍ଚ୍ଚ ବଢ଼ିବ, ଯାହା ଶେଷରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବଢ଼ାଇବ। ଅର୍ଥନୀତି ବିଶେଷଜ୍ଞ ରାହୁଲ ଆହଲୁୱାଲିଆଙ୍କ କହିବା ଅନୁସାରେ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ଅନିଶ୍ଚିତ ହୋଇପଡ଼ିଥିବାରୁ ଏହି ଦର ବୃଦ୍ଧି ଆବଶ୍ୟକ ଥିଲା। ଯଦି ବଜାର ଦର ଅନୁସାରେ ତେଲ ମୂଲ୍ୟ ସ୍ଥିର ନହୁଏ, ତେବେ ଭବିଷ୍ୟତରେ ଏହା ଆହୁରି ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିପାରେ। ଭାରତରେ ପରିବହନ ଖର୍ଚ୍ଚ ପ୍ରତ୍ୟେକ କ୍ଷେତ୍ର ସହିତ ଜଡ଼ିତ। ତେଣୁ ତେଲ ଦର ବୃଦ୍ଧି ହେଲେ ଦୁର୍ବଳ ଶ୍ରେଣୀର ପରିବାର ଓ ଗ୍ରାମୀଣ ଅର୍ଥନୀତି ସବୁଠାରୁ ଅଧିକ ପ୍ରଭାବିତ ହୋଇଥାଏ। ଆଗାମୀ ଦିନରେ ଯଦି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କମେ ନାହିଁ, ତେବେ ମହଙ୍ଗା ମାଡ଼ରୁ ରକ୍ଷା ପାଇବା ଜନସାଧାରଣଙ୍କ ପାଇଁ କଷ୍ଟକର ହେବ।



"ସମ୍ମାନ ମିଳିଲେ ଖେଳିବି"

ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-317 SATURDAY 16 MAY 2026 PAGE-12 ₹ 7.00

ବର୍ଷ-୪୩ ସଂଖ୍ୟା-୩୧୭ ଶନିବାର ୧୬ ମେ ୨୦୨୬ ପୃଷ୍ଠା-୧୨ ଟ.୭.୦୦


# ତେଲ ଯନ୍ତ୍ରଣା

## ଦର ବଢ଼ିଲା ୩.୨୧ ଟଙ୍କା

ସିଏନଜି ମଧ ହେଲା ମହଙ୍ଗା

■ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ହର୍ମୁଜ ସଙ୍କଟ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ନେଇ ଚିନ୍ତିତ କେନ୍ଦ୍ର ସରକାର ଆଜି ପେଟ୍ରୋଲ ଓ ଡିଜେଲ ଦାମରେ ଲିଟର ପିଛା ତିନି ଟଙ୍କା ବୃଦ୍ଧି କରିଛନ୍ତି । ଏହା ସହିତ ସିଏନ୍‌ଜି ଦରରେ ମଧ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଛି । ୪ ବର୍ଷର ବ୍ୟବଧାନ ପରେ ସରକାର ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି କରିଥିବାରୁ ଦେଶରେ ମହଙ୍ଗା ପରିସ୍ଥିତି ଗୁରୁତର ଆକାର ଧାରଣ କରିବ । ବିରୋଧୀ ଦଳମାନେ ସରକାରଙ୍କୁ ଦରବୃଦ୍ଧି ନିଷ୍ପତ୍ତିର ସମାଲୋଚନା କରିଥିବା ବେଳେ ତେଲ ଦାମ୍ ଆହୁରି ବୃଦ୍ଧି ପାଇବ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ତୈଳ ସଙ୍କଟ ନେଇ କେନ୍ଦ୍ର ସରକାର ସତର୍କ କରାଇବା ସହିତ ଅନେକ ସରକାରୀ କଟକଣା ଜାରି କରିଥିଲେ । ଏଥିରେ ଆତଙ୍କିତ ହୋଇ ଗତ ତିନି ଦିନ ହେଲା ସାରା ଦେଶରେ ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼ ▶ପୃଷ୍ଠା-୧୦

- ସାରା ରାଜ୍ୟରେ ଅଟକିଲା ୪୦ ହଜାର ଟ୍ରକ୍
- ତେଲ କମ୍ପାନୀଙ୍କ ସହ ସରକାରଙ୍କ ବୈଠକ
- ଅଧିକାଂଶ ତେଲ ଟାଙ୍କିରେ ପୁଲିସ ମୁତୟନ
- ପୁଲିସ ତଦାରଖରେ ମୋ' ବସ୍‌ରେ ପଡିଲା ତେଲ
- ସାରା ରାଜ୍ୟରେ ଅଘୋଷିତ ଜରୁରୀ ସ୍ଥିତି:ବିରୋଧୀ

## ପେଟ୍ରୋଲ୍ ଟାଙ୍କିରେ ଧାଡ଼ି କମୁନି



■ ଭୁବନେଶ୍ୱର, ୧୫।୫ (ସମିସ): ସାରା ରାଜ୍ୟରେ ତେଲ ପାଇଁ ହାହାକାର । ପେଟ୍ରୋଲ ପମ୍ପରେ ଲାଗିଛି ଲମ୍ବାଧାଡ଼ି । ଗତକାଲିଠାରୁ ଆଜି ପରିସ୍ଥିତି ଆହୁରି ଅସମ୍ଭାଳ ହୋଇଛି । ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରିବାକୁ ପଡିଛି । ଲୋକେ ସବୁ କାମ ଧନ୍ଦା ଛାଡି ପେଟ୍ରୋଲ ପମ୍ପରେ ତେଲ ପାଇଁ ଧାଡ଼ି ଲଗାଇଛନ୍ତି । ଅନେକ ପେଟ୍ରୋଲ ପମ୍ପରେ ଭିଡ ନିୟନ୍ତ୍ରଣ କରିବାକୁ ପୁଲିସ ନିୟୋଜିତ କରାଯାଇଛି । ଅଧା ତେଲ ଟାଙ୍କି ଖାଲି, ଆଉ ଅଧା ତେଲ ଟାଙ୍କିରେ ମାଇଲ୍ ମାଇଲ୍ ପର୍ଯ୍ୟନ୍ତ ବାଇକ୍ ଓ କାର୍ ଧାଡ଼ି ଲାଗିଛି । ଆବଶ୍ୟକ ପରିମାଣର ତେଲ ଅଭାବରୁ ରାଜ୍ୟରେ ପ୍ରାୟ ୪୦ ହଜାର ଟ୍ରକ ରାସ୍ତାରେ ଠିଆ ହୋଇଛି । ତେଲ କମ୍ପାନୀଙ୍କ ପାଇଁ ଏଭଳି ସ୍ଥିତି ଉପୁଜିଥିବା ଟ୍ରକ ମାଲିକ ସଂଘ ଅଭିଯୋଗ କରିଛି । ପରିସ୍ଥିତି ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ତେଲ କମ୍ପାନୀ ସହ ଜରୁରୀ ବୈଠକ କରିଛନ୍ତି । ଏହା ପରେ ବି ରାଜ୍ୟ ସରକାର ତେଲର ଅଭାବ ନାହିଁ ବୋଲି କହୁଛନ୍ତି ଓ ବିରୋଧୀ ଏହାକୁ ଅଘୋଷିତ ▶ପୃଷ୍ଠା-୧୦

## ବଢ଼ିଲା ବସ୍‌ଭଡ଼ା

■ କଟକ, ୧୫।୫ (ସମିସ): ତୈଳ ସଂକଟ ନେଇ ଗୋଟିଏପଟେ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆଜି ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ପାଇଛି । ଏଥିପାଇଁ ସରକାରଙ୍କ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଟିକ୍ ମେକାନିଜିମ୍) ଅନୁସାରେ ଯାତ୍ରୀବାହୀ ବସ୍ ଭଡ଼ା ବୃଦ୍ଧି ପାଇଛି । ଏ ସଂକ୍ରାନ୍ତରେ ଆଜି ପରିବହନ ପ୍ରାଧିକରଣ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି । ଧାର୍ଯ୍ୟ ଭଡ଼ା ଅନୁସାରେ, ସାଧାରଣ ବସ୍ କିଲୋମିଟର ପ୍ରତି ୮୮ ପଇସାରୁ ୨ ପଇସା ବଢ଼ି ୯୦ ପଇସା ହୋଇଛି । ସେହିଭଳି, ଏକ୍ସପ୍ରେସ୍ ବା ଦ୍ରୁତଗାମୀ ବସ୍ ଭଡ଼ା କିଲୋମିଟର ପ୍ରତି ୯୨ ପଇସାରୁ ୯୪ପଇସା, ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୧ଟଙ୍କା ୨୭ ପଇସାରୁ ୪ପଇସା ବୃଦ୍ଧି ପାଇ ୧ ଟଙ୍କା ୩୧ ପଇସା ହୋଇଛି । ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୫୫ପଇସାରୁ ବଢ଼ି ୧ ଟଙ୍କା ୫୯ ପଇସା ଏବଂ ସୁପର୍ ପ୍ରିମିୟମ୍ ବସ୍ କିଲୋମିଟର ପ୍ରତି ୨ଟଙ୍କା ୪୧ପଇସାରୁ ୬ପଇସା ବୃଦ୍ଧି ପାଇ ୨ ଟଙ୍କା ୪୭ ପଇସା ହୋଇଛି । ପ୍ରକାଶଥାଉକି, ଗତକାଲି ଡିଜେଲ ଦର ପୂର୍ବରୁ ୯୨ଟଙ୍କା ୬୨ପଇସା ଥିବା ବେଳେ ଆଜି ବୃଦ୍ଧି ପାଇ ୯୫ଟଙ୍କା ୮୭ପଇସା ହୋଇଛି ।

## ଅଧା ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ
## ଚାଲିଗଲା ରୋଗୀଙ୍କ ଜୀବନ



■ କଟକ, ୧୫।୫(ସମିସ): ରାଜ୍ୟରେ ଗତ କିଛି ଦିନ ହେବ ତୈଳ ସଂକଟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାର ଭୟଙ୍କର ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଛି । ଆଜି କଟକ କାଠଯୋଡ଼ି ପୋଲ ଉପରେ ଏକ ଘରୋଇ ଆମ୍ବୁଲାନ୍ସର ତେଲ ସରିଯିବାରୁ ଚିକିତ୍ସାରେ ବିଳମ୍ବ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି । ତୈଳ ଅଭାବରୁ ଏହି କରୁଣ ପରିଣତି ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର କାଠଯୋଡ଼ି ପୋଲ ଉପରେ ଆଜି ଦିନ ଦ୍ୱିପ୍ରହରେ ଏଭଳି ଏକ ଅଭାବନୀୟ ତଥା ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ।

ପରିବାରଲୋକଙ୍କ ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରକାଶ କୁମାର କାଣ୍ଡି (୩୫) ପାରିବାରିକ ଅଶାନ୍ତି ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାରଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଉଥିଲେ । ଆଜି ଦିନ ପ୍ରାୟ ୧୨ଟାରେ ଆମ୍ବୁଲାନ୍ସଟି କାଠଯୋଡ଼ି ପୋଲ ଉପରେ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ବନ୍ଦ ହୋଇଯାଇଥିଲା । ଗାଡ଼ିରୁ ତେଲ ସରିଯାଇଥିବା ଜଣାପଡ଼ିଥିଲା । ବିଳମ୍ବ ହେବାରୁ ପ୍ରକାଶଙ୍କ ଅବସ୍ଥା ଅଧିକ

- କାଠଯୋଡ଼ି ପୋଲ ଉପରେ ଅଭାବନୀୟ ଘଟଣା
- ଆମ୍ବୁଲାନ୍ସରୁ ସରିଗଲା ତେଲ, ଅକ୍ସିଜେନ୍ ନ ଥିବା ଅଭିଯୋଗ
- ଅଧବାଟରେ ରୋଗୀଙ୍କ ସହ ହନ୍ତସନ୍ତ ହେଲେ ପରିବାରଲୋକେ

ବିଗିଡ଼ିବାରେ ଲାଗିଥିଲା । ଆମ୍ବୁଲାନ୍ସରେ ଅକ୍ସିଜେନ୍ ମଧ୍ୟ ଶେଷ ହୋଇଯାଇଥିବା ପରିବାରଲୋକେ ଗୁରୁତର ଅଭିଯୋଗ କରିଛନ୍ତି । ଆମ୍ବୁଲାନ୍ସ ଚାଳକ ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ରୋଗୀଙ୍କୁ ହସ୍ପିଟାଲ ପଠାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଧବାଟରେ ଗାଡ଼ି ଅଟକିବା ଯୋଗୁଁ ଯେଉଁ ସମୟ ନଷ୍ଟ ହେଲା, ସେଥିପାଇଁ ପ୍ରକାଶଙ୍କ ଜୀବନ ▶ପୃଷ୍ଠା-୧୦

# ସୀମା ଟପୁଛି ଅରାଜକତା

## ବ୍ଲକରେ ଏବିଡିଓଙ୍କୁ ବିଜେପି ନେତାଙ୍କ ନାଲିଆଖି

■ ଟାଙ୍ଗୀ, ୧୫।୫ (ସମିସ): କ୍ଷମତାକୁ ଆସିବା ପରେ ବିଜେପି ନେତାମାନେ ଦିନକୁ ଦିନ ଅଣାୟତ୍ତ ହେଉଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଅନୁରୂପ ଅଭିଯୋଗ ଆସୁଥିବା ସମୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ପଶି ବିଜେପି ନେତାମାନେ ଏବିଡ଼ିଓ ଓ ଅନ୍ୟ ମହିଳା ଅଧିକାରୀଙ୍କୁ ନାଲି ଆଖି ଦେଖାଇଛନ୍ତି । ସରକାର ଆମର, ସବୁକିଛି ଆମ କଥାରେ ଚାଲିବ ବୋଲି ଧମକ ଦେବା ସହ ନାଲି ଆଖି ଦେଖାଇବା ଭିଡ଼ିଓ ଏବେ ନିଆଁ ଭଳି ଭାଇରାଲ ହୋଇଛି । ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକ ପୁଲିସ ଉପସ୍ଥିତିରେ ବ୍ଲକ୍ ଅଫିସ ଭିତରେ ଏବିଡ଼ିଓ ଶାଶ୍ୱତ କୁମାର ଜେନାଙ୍କୁ ହାତ ଉଠାଇବାକୁ ବି ପଛାଇ ନଥିବା ଅଭିଯୋଗ ହୋଇଛି । ବିଜେପି ନେତା ଓ ସେମାନଙ୍କର ପଚାଶରୁ ଉର୍ଦ୍ଧ୍ୱ ସମର୍ଥକ ସରକାରୀ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କୁ ଯଥେଚ୍ଛାଚାର ବ୍ୟବହାର, ▶ପୃଷ୍ଠା-୧୦



- ବାଦ ପଡ଼ିଲେ ନାହିଁ ଏମ୍‌ଆଇ ଓ ମହିଳା ଅଧିକାରୀ
- ସରକାର ଆମର, ଆମ କଥାରେ ସବୁ ଚାଲିବ

## ମହଙ୍ଗା ଭତ୍ତା ୨% ବୃଦ୍ଧି

ଜାନୁଆରୀରୁ ପିଛିଲା ଭାବେ ଲାଗୁ

■ ଭୁବନେଶ୍ୱର, ୧୫।୫ (ସମିସ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ହୋଇଛି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ' ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନ ଭୋଗୀ ମାନଙ୍କ ଟିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ୍ୟ ଅନୁରୂପ ଭାବେ ମେ' ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ । ଏହାଦ୍ୱାରା ରାଜ୍ୟର ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଜୁନ୍ ୨୧ରେ ପୁଣି ନିଟ୍ ପରୀକ୍ଷା

## ଆସନ୍ତାବର୍ଷରୁ କାଗଜ-କଲମ ବଦଳରେ ଅନ୍‌ଲାଇନ୍‌ରେ ହେବ ପରୀକ୍ଷା: କେନ୍ଦ୍ର ଶିକ୍ଷାମନ୍ତ୍ରୀ

■ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ପୁଣି ଥରେ ଅନୁଷ୍ଠିତ ହେବ ବୋଲି ନିଟ୍ ପରୀକ୍ଷା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ । ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକାଯାଇପାରିବ ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଧାକୃଷ୍ଣନ କମିଟିର ସୁପାରିସ ପାଳନ କରାଯାଇଥିଲେ ମଧ ସୁରକ୍ଷା ବ୍ୟବସ୍ଥାରେ କିଛି ଅସୁବିଧା ଯୋଗୁଁ ପ୍ରଶ୍ନପତ୍ର ଲିକ୍ ହୋଇଛି । 'ଅନୁମାନ ପ୍ରଶ୍ନପତ୍ର' (ଗେସ୍ ପେପର) ନାମରେ ଅଭିଯୁକ୍ତମାନେ ପ୍ରକୃତ ପରୀକ୍ଷା ପ୍ରଶ୍ନପତ୍ରକୁ ପୂର୍ବରୁ ବାଣ୍ଟି ଦେଇଥିଲେ । ଗତ ମେ ୩ ତାରିଖରେ ପରୀକ୍ଷା ହୋଇଥିବା ବେଳେ ମେ ୭ ତାରିଖ ସୁଦ୍ଧା ଅଭିଯୋଗ ଆସିଥିଲା ଏବଂ ମେ ୧୨ ତାରିଖରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା କଥା ସ୍ପଷ୍ଟ ହୋଇଥିଲା । ଏହାପରେ ପରୀକ୍ଷାକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ଜାତୀୟ ପରୀକ୍ଷା ସଂସ୍ଥାର କୌଣସି ସଦସ୍ୟ ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ତଦନ୍ତ ସିବିଆଇ କରିବ । କଠିନ ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ଯେପରି ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପାଇଁ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ । ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ । ଏହାଦ୍ୱାରା ପରୀକ୍ଷା ପରିଚାଳନାରେ ▶ପୃଷ୍ଠା-୧୦



## ହାଇୱା-କାର୍ ମୁହାଁମୁହିଁ ଧକ୍କା

# ୨ ଛାତ୍ର ମୃତ, ୫ ଗୁରୁତର

■ଭୁବନେଶ୍ୱର, ୧୫।୫ (ସମିସ): ଖୋର୍ଦ୍ଧା-ଚନ୍ଦକା ରୋଡ୍‌ର ଭୋଳା ଛକ ନିକଟରେ କାର୍-ହାଇୱା ଧକ୍କା ହେବାରୁ ୨ ଛାତ୍ର ପ୍ରାଣ ହରାଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକଦ୍ୱୟ ହେଲେ, ଓମ୍ ପ୍ରକାଶ ସାହୁ ଓ ସମ୍ବିତ ବେହେରା । ଦୁହେଁ କଣ୍ଟାବାଡ଼ରେ ଥିବା ଏକ ଘରୋଇ କଲେଜର ବିସିଏ ବିଭାଗର ତୃତୀୟ ବର୍ଷର ଛାତ୍ର । ସମ୍ବିତଙ୍କ ଘର ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ବିନ୍ଧା ଅଞ୍ଚଳରେ ହୋଇଥିଲା ବେଳେ ଓମ୍‌ଙ୍କ ଘର ଗୋଲାପୋଖରୀ ଗ୍ରାମରେ ।


ପୁଲିସ ସୂଚନାନୁସାରେ, ଦୁର୍ଘଟଣାରେ ମୃତାହତ ଛାତ୍ରମାନେ କଣ୍ଟାବାଡ଼ର ଏକ ଆପାର୍ଟମେଣ୍ଟରେ ରହୁଥିଲେ । ରାତି ପ୍ରାୟ ସାଢ଼େ ୧ଟାରେ ୭ଜଣ ଯାକ ଗୋଟିଏ କାର୍‌ରେ ବାହାରକୁ ବାହାରିଥିଲେ । ଆପାର୍ଟମେଣ୍ଟଠାରୁ ୧୦୦ମିଟର ଦୂରରେ ତାଙ୍କ କାରକୁ ଏକ ହାଇୱା ଧକ୍କା ଦେଇଥିଲା । ଫଳରେ ଦୁଇଛାତ୍ରଙ୍କ ମୃତ୍ୟୁ ଘଟିଥିଲା ଓ ୫ଜଣଙ୍କ ଆହତ ହୋଇଥିଲେ । କାର୍ ଭିତରୁ ମୃତାହତଙ୍କୁ ଉଦ୍ଧାର କରିବା ବଡ଼ ଚ୍ୟାଲେଞ୍ଜ ହୋଇଥିଲା । ଅଗ୍ନିଶମ ଟିମ୍ ଗାଡ଼ିକୁ ଗ୍ୟାସ୍ କଟର୍‌ରେ କାଟି ମୃତାହତମାନଙ୍କୁ ଉଦ୍ଧାର କରିଥିଲା । ଚନ୍ଦକା ପୁଲିସ୍ ଦୁର୍ଘଟଣାଗ୍ରସ୍ତ କାର୍ ଓ ହାଇୱା ଜବତ କରିଛି । ଘଟଣାସ୍ଥଳରୁ ହାଇୱା ଚାଳକ ଫେରାର୍ ହୋଇଯାଇଛି ବୋଲି ପୁଲିସ ସୂଚନା ଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ମେ' ୭ ସନ୍ଧ୍ୟାରେ ଫାୟାର୍ ଷ୍ଟେସନ୍ ଓଭରବ୍ରିଜ୍ ଉପରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା । ଏଥିରେ ଜଣେ ଯୁବତୀଙ୍କ ସହ ୩ ଜଣଙ୍କ ମୃତ୍ୟୁ ଘଟିଥିଲା ।

# ଏସନ ଧୋକା ଦେବ ମୌସୁମୀ

ସକ୍ରିୟ ହେଉଛି ଏଲ୍-ନିନୋ

## ସଅଳ ଆସିବ; କମ୍ ବର୍ଷିବ

■ ଭୁବନେଶ୍ୱର, ୧୫।୫ (ସମିସ): ଚଳିତ ମାସ ୨୬ ତାରିଖରେ ମୌସୁମୀ କେରଳ ଛୁଇଁବ ଓ ବଙ୍ଗୋପସାଗରରେ ଲଘୁଚାପ ମୌସୁମୀର ଅଗ୍ରଗତିକୁ ସୁଗମ କରିବ । ତେଣୁ ପୂର୍ବବର୍ଷ ତୁଳନାରେ ମୌସୁମୀ ଆଗୁଆ ଆସିବ ସିନା, କିନ୍ତୁ ବର୍ଷା ଋତୁରେ କମ୍ ବର୍ଷିବ । ଏ ବର୍ଷ ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ପର୍ଯ୍ୟନ୍ତ ବର୍ଷାର ପରିମାଣ ଓ ମୌସୁମୀର ମିଜାଜକୁ ନେଇ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରିଛନ୍ତି ପାଣିପାଗ ବିଭାଗ । ଏମିତି କି ଚଳିତ ବର୍ଷ ମୌସୁମୀ ଋତୁରେ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମାଟି ଆର୍ଦ୍ରତା ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି । ଆଗକୁ ସୃଷ୍ଟି ହେବାକୁ ଥିବା ଏଲ୍-ନିନୋ ସ୍ଥିତି ଯୋଗୁଁ ଏଭଳି ଆଶଙ୍କା ପ୍ରକାଶ ପାଇଛି ।



ବିଶ୍ୱସ୍ତରୀୟ ପାଣିପାଗ ସଂସ୍ଥାଗୁଡ଼ିକ ପକ୍ଷରୁ ଜାରି ରିପୋର୍ଟଗୁଡ଼ିକୁ ବିଶ୍ଳେଷଣ କରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ "ଏଲ୍-ନିନୋ ୱାଚ୍' ସ୍ଥିତି ଜାରି କରାଯାଇଛି । ଏହା ସ୍ପଷ୍ଟ କରୁଛି ଯେ ବାୟୁମଣ୍ଡଳୀୟ ସ୍ଥିତି ଏବେ "ଏଲ୍-ନିନୋ' ଅବସ୍ଥାକୁ ପରିବର୍ତ୍ତିତ ହେବା ଏକପ୍ରକାର ନିଶ୍ଚିତ । ସମ୍ଭବତଃ ଜୁନ୍ ୨୦୨୬ ସୁଦ୍ଧା ଏହା ବିକଶିତ ହେବ । ବାୟୁମଣ୍ଡଳୀୟ ଏବଂ ସାମୁଦ୍ରିକ ସୂଚକାଙ୍କ ଅନୁଯାୟୀ ମେ-ଜୁଲାଇ ୨୦୨୬ ମଧ୍ୟରେ ଏହା ଘଟିବାର ୮୨ ପ୍ରତିଶତ ସମ୍ଭାବନା ରହିଛି । ବାର୍ଷିକ ଚକ୍ରକୁ ଅନୁଧ୍ୟାନ କଲେ ଜଣାପଡ଼ୁଛି ଯେ ୨୦୨୬-୨୭ ଶୀତ ଋତୁ ବେଳକୁ ଏଲ୍-ନିନୋ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହେବାର ପ୍ରାୟ ୯୬ ପ୍ରତିଶତ ସମ୍ଭାବନା ରହିଛି । ପ୍ରଶାନ୍ତ ମହାସାଗରରୁ ମିଳୁଥିବା ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ସମୁଦ୍ରର ପୃଷ୍ଠଭାଗ ଏବଂ ନିମ୍ନ ଭାଗର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି । ବିଷୁବରେଖୀୟ ପ୍ରଶାନ୍ତ ମହାସାଗରର ନିମ୍ନ ଭାଗର ତାପମାତ୍ରା ▶ପୃଷ୍ଠା-୧୦

## ୨୬ରେ କେରଳ ଛୁଇଁବ

■ ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି ଯେ ଚଳିତ ବର୍ଷ ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ ମେ ୨୬ ତାରିଖରେ କେରଳ ଛୁଇଁବାର ସମ୍ଭାବନା ରହିଛି । ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳରେ ପହଞ୍ଚିଥାଏ, ମାତ୍ର ଏଥର ଏହା କିଛି ଦିନ ପୂର୍ବରୁ ଆସୁଥିବାରୁ ପ୍ରବଳ ଗରମରୁ ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶକୁ ଅଗ୍ରସର ହେବା ପାଇଁ ଅନୁକୂଳ ପରିସ୍ଥିତି ରହିଛି । ଗତ ବର୍ଷ ମେ ୨୪ ତାରିଖରେ ମୌସୁମୀ କେରଳ ଛୁଇଁଥିଲା । ଚଳିତ ବର୍ଷ ମେ ୨୬ ତାରିଖର ୪ ଦିନ ପୂର୍ବରୁ କିମ୍ବା ପରେ ଏହା ପହଞ୍ଚିପାରେ ବୋଲି ପୂର୍ବାନୁମାନ ▶ପୃଷ୍ଠା-୧୦

● ସ୍ୱଦେଶୀ ଜାଗରଣ ମଞ୍ଚର ସାମ୍ବାଦିକ ସମ୍ମିଳନୀ

# ପେଟ୍ରୋଲ, ଡିଜେଲ ବ୍ୟବହାର ହ୍ରାସ ପାଇଁ ଆହ୍ୱାନ

କୋରାପୁଟ,୧୫।୫(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଯାନବାହାନ ବ୍ୟବହାର ହ୍ରାସ କରିବା, ବିଦେଶ ଯାତ୍ରା ହ୍ରାସ କରିବା, ସୁନା କିଣିବା ଏଡାଇବା, ଖାଇବା ତେଲ ବ୍ୟବହାର ହ୍ରାସ କରିବା ଏବଂ ବିଦେଶୀ ବ୍ରାଣ୍ଡେଡ୍ ସାମଗ୍ରୀ କିଣିବା ଏଡାଇବା ପାଇଁ ପ୍ରଧାନ ମନ୍ତ୍ରୀ କରିଥିବା ଆହ୍ୱାନକୁ ସ୍ୱାଗତ କରିଛି। ସ୍ଥାନୀୟ ଅତିଥି ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡିଶା ପଶ୍ଚିମର ପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି ଯେ ମଞ୍ଚ ଦେଶବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱାଗତ ଏବଂ ସମର୍ଥନ କରୁଛି, ବିଶେଷକରି ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ଦେଶର ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହା ବ୍ୟତୀତ, ଏହା କେବଳ ବିଦେଶୀ ମୁଦ୍ରା ସଞ୍ଚୟ କରିବ ନାହିଁ ବରଂ ଦେଶର ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରିବ। ଏହା ଏହି ସାମଗ୍ରୀଗୁଡ଼ିକର ଯୋଗାଣ ପ୍ରତିବନ୍ଧକ ଯୋଗୁଁ ସୃଷ୍ଟି ହେଉଥିବା ଅଭାବକୁ ପ୍ରଭାବଶାଳୀ ଭାବରେ ସମାଧାନ କରିପାରିବ। ସେ କହିଛନ୍ତି ଯେ ସ୍ୱଦେଶୀ ଜାଗରଣ ମଞ୍ଚ ବିଶ୍ୱାସ କରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରାମର୍ଶିତ ପଦକ୍ଷେପଗୁଡ଼ିକୁ ଗ୍ରହଣ କରି ଆମେ ପେଟ୍ରୋଲିୟମ ଉତ୍ପାଦର ବ୍ୟବହାର ହ୍ରାସ କରିବାରେ ସଫଳ ହେବୁ। ଆମେ ସ୍ୱଚ୍ଛ ଶକ୍ତି ଏବଂ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଲେ, ଆମେ କେବଳ ଅଶୋଧିତ ତୈଳ ଉତ୍ପାଦନ ଏବଂ ରପ୍ତାନି କରୁଥିବା ଦେଶଗୁଡ଼ିକ ଉପରେ ଆମର ନିର୍ଭରଶୀଳତାକୁ ହ୍ରାସ କରିପାରିବୁ ନାହିଁ, ବରଂ ସୌର ଏବଂ ପବନ




ଶକ୍ତି ଉପକରଣ ଏବଂ ବୈଦ୍ୟୁତିକ ଯାନ ଉପାଦାନ ପାଇଁ ଚୀନ୍ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକ ଉପରେ ମଧ୍ୟ ନିର୍ଭରଶୀଳତାକୁ ହ୍ରାସ କରିପାରିବୁ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ଡ. ରବି ନାରାୟଣ ମିଶ୍ର, ପ୍ରାନ୍ତ ପୂର୍ଣ୍ଣକାଳୀକ ଅଭୟ ପ୍ରସାଦ ଜେନା, କୋରାପୁଟ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ ଓ ପ୍ରିୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ବାଲି ଚାଲାଣ

# ୫ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଜୟପୁର,୧୫।୫(ସମିସ) : ଜୟପୁର ସଦର ଥାନା ପୁଲିସ ପକ୍ଷରୁ ଆଜି ଭୋରରୁ ପାଟ୍ରୋଲିଂ ଚାଲିଥିବା ବେଳେ ସଲପା ଗ୍ରାମ ନିକଟସ୍ଥ କୋଲବ ନଦୀରୁ ବେଆଇନ ବାଲି ଉଠାଯାଇ ଚାଲାଣ କରାଯାଉଥିବା ବେଳେ ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ସମୁଦାୟ ୫ଟି ଟ୍ରାକ୍ଟରକୁ ଜବତ ଏବଂ ଉକ୍ତ ଟ୍ରାକ୍ଟର ଡ୍ରାଇଭର ମାନଙ୍କୁ ବେଆଇନ ଭାବେ ସରକାରୀ ଖଣିଜ ସମ୍ପଦ ଲୁଟ ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଜି ଭୋରରୁ ଜୟପୁର ସଦରଥାନାର ଏଏସଏଆଇ ବ୍ୟୋମକେଶ ଧାଙ୍ଗଡାମାଝିଙ୍କ ନେତୃତ୍ୱରେ ଭୋରରୁ ସଦରଥାନା ଅଞ୍ଚଳରେ ପେଟ୍ରୋଲିଂ ଆରମ୍ଭ କରାଯାଇ ଚାଲୁ ରହିଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢେ ୮ ସମୟରେ ପୁଲିସ ଗାଡିକୁ ନେଇ କୋଲବ ନଦୀରୁ ବାଲି ଆଣୁଥିବା ଟ୍ରାକ୍ଟର (ଓଡି ୧୦ଏକ୍ସ-୭୫୭୯) ରାସ୍ତା ପାଶ୍ୱର୍ରେ ବାଲିକୁ ଅନ୍‌ଲୋଡିଂ କରିଦେଇଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବାଲି ଚାଲାଣର କାଗଜପତ୍ର ଡ୍ରାଇଭରଙ୍କୁ ମାଗିଥିଲେ। କିନ୍ତୁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରିନଥିଲେ। ଶେଷରେ ପୁଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଡ୍ରାଇଭର ସ୍ଥାନୀୟ ଡୁମୁରିଆଗୁଡାର ବାସିନ୍ଦା ଚୈତନ୍ୟ ଗାଦବା (୪୦)କୁ ଗିରଫ କରିଛନ୍ତି। ସେହିପରି ଉକ୍ତ କୋଲାବ ନଦୀ ଘାଟରୁ ସଲପା ଗ୍ରାମ ରାସ୍ତା ଦେଇ ବେଆଇନ ଚାଲାଣ ହେଉଥବା ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ଅନ୍ୟ ଦୁଇଟି ଟ୍ରାକ୍ଟର (ଓଡି୧୦ପି ୭୮୬୨) ଏବଂ (ଓଡି ୧୦କେ-୧୭୬୧) ଜବତ କରିଛନ୍ତି। ଉକ୍ତ ବେଆଇନ ଚାଲାଣ ହେଉଥିବା ଟ୍ରାକ୍ଟର ଡ୍ରାଇଭର ସଦରଥାନା ରନ୍ଧାରିଗୁଡାର ବାସିନ୍ଦା ସିମାଞ୍ଚଳ ମାଝି (୩୦), ସଲପା ଗ୍ରାମର ଜଗନ୍ନାଥ ସମରଥ (୪୦), ଖଡପା ଗ୍ରାମର ନବୀନ ଗୌଡ (୩୦), ବୋରିଗୁମ୍ମା ଥାନା କୁମ୍ଭାରଗୁଡା ଗ୍ରାମର ହରିହର ଗାଦବା (୪୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ବାଲି ଗୁଡିକକୁ ରାଜ୍ୟ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



# ନୂତନ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଯୋଗଦାନ



ନବରଙ୍ଗପୁର,୧୫।୫(ସମିସ): ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ବନାଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ନବରଙ୍ଗପୁରରୁ ବଦଳି ହୋଇ ଯାଇଥିବା ବେଳେ ତାଙ୍କ ସ୍ଥାନରେ ସୁନ୍ଦରଗଡରୁ ଆସିଥିବା ଆଇଏଫ୍ଏସ ଅଧିକାରୀ ଉଦୟ ସୁବୁଦ୍ଧି ନୂତନ ଜିଲ୍ଲା ବନ ଖଣ୍ଡ ଅଧିକାରୀ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ବେହେରାଙ୍କ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା, ବନୀକରଣ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସଚେତନତା ଦିଗରେ ଅନେକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ନୂତନ ଜିଲ୍ଲା ବନାଧିକାରୀ ଭାବେ ଯୋଗଦେଇଥିବା ଉଦୟ ସୁବୁଦ୍ଧି ପୂର୍ବରୁ ସୁନ୍ଦରଗଡରେ କାର୍ଯ୍ୟରତ ଥିଲେ। ଆଜି ସେ ନବରଙ୍ଗପୁର ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରି ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ପରିଚୟ ହୋଇଥିଲେ। ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଜିଲ୍ଲାରେ ଜଙ୍ଗଲ ଓ ପରିବେଶ ସୁରକ୍ଷାକୁ ଅଧିକ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି। ଏହି ଅବସରରେ ଉପସ୍ଥିତ ଥିଲେ ଏସଇଏଫ୍ ସୁଭାଷ ଚନ୍ଦ୍ର ଖୁଣ୍ଟିଆ , ଦିବ୍ୟ ମାଧୁରୀ ସେଠୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, କୋଡିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଉମରକୋଟ ରେଞ୍ଜର ଦେବସ୍ମିତା ସାହୁ, ଝରିଗାଁ ରେଞ୍ଜର ଗୋବିନ୍ଦ ନାୟକ, ଡାବୁଗାଁ ରେଞ୍ଜର ରାମଚନ୍ଦ୍ର ଭତରା, ରାଇଘର ରେଞ୍ଜର ମହମ୍ମଦ ସମ୍ମତ ପ୍ରମୁଖ ଉପସ୍ଥିତ ଥିଲେ।

# କଏନ୍ ଓ ନୋଟ୍ ଏକ୍ସଚେଞ୍ଜ ମେଳା

ଉମରକୋଟ,୧୫।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଠାରେ ମୁଦ୍ରା ଏବଂ ନୋଟ୍ ବିନିମୟ ମେଳା ଅନୁଷ୍ଠିତ ହୋଇଥିଲା। ବଡ଼ ବଡ଼ ପ୍ରଦର୍ଶନୀ ସମୟରେ ଆରବିଆଇ ପକ୍ଷରୁ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇ ଥାଏ। କେବଳ ମେଳା ନୁହେଁ, ଯେକୌଣସି ବ୍ୟାଙ୍କର ଚେଷ୍ଟ୍ ଶାଖା କୁ ଯାଇ ମଧ୍ୟ ଚିରା ନୋଟ୍ ବଦଳାଇ ପାରିବେ। ଯଦି ଆପଣଙ୍କ ପାଖରେ ଚିରା, ମଇଳା କିମ୍ବା ଟେପ୍ ଲଗା ହୋଇଥିବା ନୋଟ୍ ଅଛି, ତେବେ ତାହାକୁ ବଦଳାଇ ସେହି ମୂଲ୍ୟର ନୂଆ ନୋଟ୍ ନେଇପାରିବେ। ବହୁ ସମୟରେ ଲୋକଙ୍କ ପାଖରେ ଜମା ହୋଇଥିବା ଖୁଚୁରା ପଇସା (କୋଏନ ) ଦେଇ ନୋଟ୍ ନେବା ପାଇଁ ବ୍ୟାଙ୍କଗୁଡ଼ିକ ଏହି ମେଳା କରିଥାନ୍ତି। ଆର ବି ଆଇ କୌଣସି ପୁରୁଣା କଏନ୍ କିଣେ ନାହିଁ। ଏଥିପାଇଁ (ମୁଦ୍ରା ପ୍ରଦର୍ଶନୀ) ହୋଇଥାଏ। ଷ୍ଟେଟ୍ ବ୍ୟାଙ୍କ୍ ବା ଅନ୍ୟ ସହରରେ ସମୟ ସମୟରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ଏହା ଆୟୋଜିତ ହୁଏ। ପୁରୁଣା କଏନ୍ ବିକ୍ରି ନାଁରେ ଅନେକସମୟରେଅନଲାଇନ୍‌ଠକେଇହୋଇଥାଏ।ବର୍ତ୍ତମାନରଖବରଅନୁଯାୟୀ, ଆପଣ ନିଜ ନିକଟସ୍ଥ ଏସବିଆଇ କିମ୍ବା କୌଣସି ସରକାରୀ ବ୍ୟାଙ୍କ ଶାଖାକୁ ଯାଇ ସେମାନଙ୍କର ଟଙ୍କା ବିନିମୟ ସୁବିଧା ବିଷୟରେ ପଚାରି ବୁଝିପାରିବେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ କାର୍ଯ୍ୟ ଦିବସରେ ଏହି ସୁବିଧା ପ୍ରଦାନ କରନ୍ତି। ଏହି କାର୍ଯ୍ୟକ୍ରମରେ ଆରବିଆଇ ଅଧିକାରୀ ଉମାକାନ୍ତ ନାୟକ ଏବଂ ଏସବିଆଇ ଅଧିକାରୀ ମୁଖ୍ୟ ପରିଚାଳକ ପ୍ରଫୁଲ କୁମାର ବେହେରା ଓ କ୍ୟାସ୍ ଅଧିକାରୀ ଅଭିଷେକ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।




## ମାଲକାନଗିରିରେ ଡିଜେଲ-ପେଟ୍ରୋଲ ସଙ୍କଟ

# ତେଲ ଟାଙ୍କିରେ ଲମ୍ବା ଲାଇନ

ମାଲକାନଗିରି, ୧୫।୫(ସମିସ) : ମାଲକାନଗିରି ଜିଲ୍ଲାରେ ଏବେ ଡିଜେଲ ଓ ପେଟ୍ରୋଲ ସଙ୍କଟ ଗଭୀର ରୂପ ନେଇଛି। ଜିଲ୍ଲାର ଅନେକ ତେଲ ଟାଙ୍କିରେ ଇନ୍ଧନ ମହଜୁଦ ନଥିବା ବେଳେ କିଛି ସ୍ଥାନରେ ସୀମିତ ପରିମାଣରେ ତେଲ ମିଳୁଥିବାରୁ ଗ୍ରାହାକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବିଶେଷ କରି ଡିଜେଲ ଅଭାବରେ ପରିବହନ ବ୍ୟବସ୍ଥା, ବଡ ଗାଡି ଚଳାଚଳ ଓ ବିଭିନ୍ନ ଯନ୍ତ୍ରପାତିରେ ନିର୍ଭର କାର୍ଯ୍ୟକୁ ପ୍ରଭାବିତ ହୋଇଛି। ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ସକାଳୁ ହିଁ ଲୋକମାନେ ତେଲ ପାଇଁ ଭିଡ଼ ଜମାଉଥିବା ଦେଖାଯାଇଛି। ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ରହିଲେ ମଧ୍ୟ ଗ୍ରାହାକମାନେ ପର୍ଯ୍ୟାପ୍ତ ଡିଜେଲ କିମ୍ବା ପେଟ୍ରୋଲ ପାଇପାରୁ ନାହାନ୍ତି। ଏଥିପାଇଁ ସାଧାରଣ ଲୋକଙ୍କ ସହ ବ୍ୟବସାୟୀ ଓ ଗାଡି ଚାଳକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି ଟ୍ରକ, ବସ ଓ ଅନ୍ୟାନ୍ୟ ଭାରୀ ଯାନ ଚଳାଚଳ ପାଇଁ ଡିଜେଲ ଅତ୍ୟାବଶ୍ୟକ ହୋଇଥିବା ବେଳେ ଆବଶ୍ୟକ ପରିମାଣରେ ଡିଜେଲ ମିଳୁନଥିବାରୁ ପରିବହନ ବ୍ୟବସ୍ଥା ଅସ୍ଥିର ହୋଇପଡ଼ିଛି। ଏହାର ପ୍ରଭାବ ନିର୍ମାଣ କାର୍ଯ୍ୟ, କୃଷି କାମ ଓ ଛୋଟ ବଡ ବ୍ୟବସାୟ ଉପରେ ମଧ୍ୟ ପଡୁଛି। ତେବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବରେ ଇନ୍ଧନ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ ନିୟମିତ ଭାବେ ତେଲ ଟ୍ୟାଙ୍କର ଜିଲ୍ଲାକୁ ପହଞ୍ଚୁନଥିବାରୁ ଏପରି ସଙ୍କଟ ଉପୁଜିଥିବା କୁହାଯାଉଛି। ଜିଲ୍ଲାରେ ମୋଟ ୨୭ଟି ତେଲ ଟାଙ୍କି ରହିଥିବା ବେଳେ ଏଥିରୁ ୨ଟି କାର୍ଯ୍ୟକ୍ଷମ ହୋଇନାହି। ଜିଲ୍ଲାରେ ପ୍ରତିଦିନ ପ୍ରାୟ ୧ଲକ୍ଷ ୫୦ ହଜାର ଲିଟର ତେଲର ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ପ୍ରତି ୩ ଦିନ ବ୍ୟବଧାନରେ ଏହି ତେଲ ଟାଙ୍କିକୁ ତେଲ ଗାଡି ପାରାଦୀପ ତେଲ ଡିପୋରୁ ଆସି ପହଞ୍ଚୁଛି। ଫଳରେ ତେଲର ଅଭାବ ପରିଲିକ୍ଷିତ ହେଉଛି। ଏହାର ସୁଯୋଗ ନେଇ କିଛି କଳା ବେପାରୀ ସକ୍ରିୟ ହୋଇପଡ଼ିଛନ୍ତି। ଅଭିଯୋଗ ଅନୁଯାୟୀ, କିଛି ବ୍ୟବସାୟୀ ବିଭିନ୍ନ ପେଟ୍ରୋଲ ପମ୍ପରୁ ଡ୍ରମ ଯୋଗେ ଡିଜେଲ ଓ ପେଟ୍ରୋଲ କିଣି ଗ୍ରାମାଞ୍ଚଳରେ ଚଢା ଦରରେ ବିକ୍ରି କରୁଛନ୍ତି। ଫଳରେ ସାଧାରଣ ଲୋକ ଦୁଇଗୁଣା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ଡିଜେଲ ଓ ପେଟ୍ରୋଲ ଯୋଗାଣ ସୁନିଶ୍ଚିତ କରିବା ସହ କଳାବଜାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ତେବେ ଏନେଇ ଆମେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ପାରାଦୀପ ତେଲ ଡିପୋ ରୁ ସଠିକ ଭାବେ ତେଲ ବୋଝେଇ ଗାଡି ଆସି ପାରୁନି। ଅଧିକ ପରିମାଣର ତେଲ ଆସୁ ନଥିବା ବେଳେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆମେ ଦୃଷ୍ଟି ଦେଉଛୁ। ବର୍ତ୍ତମାନ ସ୍ଥିତିରେ ଜିଲ୍ଲାରେ ପ୍ରାୟ ୧୦ଟି ଟାଙ୍କିରେ ତେଲ ନାହି। ସେହି ଟାଙ୍କି ଗୁଡିକରେ ତେଲ ଗାଡି ଆସି ପହଞ୍ଚି ଯିବ। ଅନ୍ୟ ଯେଉଁ ଟାଙ୍କିରେ ତେଲ ଅଛି ସେଠାରେ ଯେପରି ସମସ୍ତ ଗ୍ରାହକଙ୍କୁ ତେଲ ମିଳିବ ସେନେଇ ଏକ ନିର୍ଦ୍ଦିଷ୍ଟ ପରିମାଣର ତେଲ ସମସ୍ତଙ୍କୁ ପ୍ରଦାନ କରାଯାଉଛି। ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ଲିଟର ତେଲ ଅଛି, ପୂର୍ବ ପରି ତେଲ ଡିପୋରୁ ଅଧିକ ପରିମାଣର ତେଲ ମିଳୁ ନଥିବାରୁ ଏହି ପରିସ୍ଥିତି ଉପୁଜିଛି। ତେବେ କଳା ବଜାରୀ ପାଇଁ ସେଭଳି କୌଣସି ଅଭିଯୋଗ ନଥିବା ବେଳେ ଏନେଇ ନଜର ରଖାଯାଇଛି, କଳା ବ୍ୟବସାୟୀର ସୁରାକ ମିଳିଲେ ଉଚିତ ପଦକ୍ଷେପ ନିଆଯିବ।



# ବିଜୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନାରାୟଣପାଟଣା,୧୫।୫(ସମିସ):

ନାରାୟଣପାଟଣା ଅନ୍ତର୍ଗତ ଶିରିଗୁଡା ଯୁବଗୋଷ୍ଠୀ ଦ୍ୱାରା ଆୟୋଜିତ ବିଜୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଜୁ ଜନତା ଦଳର ସଭାପତି ପ୍ରହ୍ଲାଦ ଖସ୍ଲା, କୁମ୍ଭାରୀ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ବୁଟୁ ଶିରିକା, ସମସ୍ତ ଯୁବ ଗୋଷ୍ଠୀ, ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଗତି ଗୁଡା ଓ ତେନ୍ତୁଳି ପଦର ଟିମ୍ ସମସ୍ତ ଖେଳାଳି ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ଟିମ୍‌ର ଖେଳାଳିମାନେ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଶେଷରେ ଗତିଗୁଡା ଟିମ୍ ତେନ୍ତୁଳି ପଦର ଟିମ୍‌କୁ ହରାଇ ବିଜୟ ହାସଲ କରିଥିଲା। ବିଜୁ ବାବୁଙ୍କ ନାମରେ ଟୁର୍ଣ୍ଣାମେଣ୍ଟଟି ଆୟୋଜନ କରିଥିବାରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଶିରିଗୁଡା ଗ୍ରାମର ଯୁବଗୋଷ୍ଠୀଙ୍କୁ ବିଜୁ ଜନତା ଦଳ ତରଫରୁ ଝିନ ହିକକା ଓ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଧନ୍ୟବାଦ ଜଣେଇ ଥିଲେ। ଶେଷରେ ଅତିଥିମାନେ ବିଜୟ ହାସଲ କରିଥିବା ଗତି ଗୁଡା ଟିମ୍ କୁ ଟ୍ରଫି ସହ ୧୫୦୦୦ ଟଙ୍କା ଓ ପରାଜୟ ହୋଇଥିବା ତେନ୍ତୁଳି ପଦର ଟିମ୍ କୁ ଟ୍ରଫି ସହ ୧୨୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିରିଗୁଡା ଗ୍ରାମର ଯୁବଗୋଷ୍ଠୀ ଉପସ୍ଥିତ ହୋଇଥିବା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ।



# ସାନଭାଇର ଟ୍ରାକ୍ଟର ଧକ୍କାରେ ବଡ଼ ମୃତ

କୋଷାଗୁମୁଡ଼ା, ୧୫।୫(ସମିସ): ଆଜି ସକାଳ ୭ଟାରେ ସମୟରେ ଆଉଁଳି ଗ୍ରାମର ଭଇଁସା ବେଡା ଛକ ନିକଟରେ ସତ୍ୟ ନାରାୟଣ ବିଶୋଇ(୪୩)ଙ୍କୁ ତାଙ୍କ ସାନଭାଇ ଲଳିତ ବିଶୋଇ(୪୦)ଙ୍କ ମହେନ୍ଦ୍ରା ଟ୍ରାକ୍ଟର ନମ୍ବର ସି ଜି୧୭-ଏଲ, ଡି,୬୪୫୮ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଡ୍ରାଇଭର ମଙ୍ଗଲରାମ ବିଶୋଇଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଥିବା ବେଳେ ଲଳିତ ବିଶୋଇ କୋଷାଗୁମୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କୋଷାଗୁମୁଡ଼ା ଥାନାଧିକାରୀ ବଙ୍ଗୀ ମାଝୀ, ଏଏସଆଇ ଚନ୍ଦ୍ର ଶେଖର ହଜାରୀଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଏପଟେ ଏଏସ ଆଇ ଶ୍ରୀ ହଜାରୀ ୮୩/୨୬ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ କରିବା ସହ ମୃତ ଶରୀର ବ୍ୟବଚ୍ଛେଦ କରି ଆଜି ଅପରାହ୍ଣ ସାଢେ ୩ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ବାଦାମ ବିକ୍ରେତାଙ୍କ ଆତ୍ମହତ୍ୟା

ଜୟପୁର,୧୫।୫(ସମିସ): ଜୟପୁର ଟାଉନଥାନା ହାଇଦ୍ରାବାଦ ଲାଇରେ ଭଡା ଗୃହରେ ରହୁଥିବା ତଥା ଠେଲାଗଡିରେ ବାଦମ ବିକ୍ରି କରୁଥିବା ବ୍ୟବସାୟୀ ଯୁବକ ମାଲୁ ଖାନ(୪୫) ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ବିହାର ରାଜ୍ୟର ବାସିନ୍ଦା ମୃତକଙ୍କ ଝୁଲନ୍ତା ଶବ ନେଇ ସାହି ବାସିନ୍ଦା ଟାଉନଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଟାଉନଥାନା ପୁଲିସ ଦୀର୍ଘ ସମୟରେ ପରେ ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଝୁଲାନ୍ତା ଶବ ଜବତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ଚିକିତ୍ସାଳୟକୁ ପଠାଇଥିଲେ। ମୃତକଙ୍କ ଭାଇ ପୋଡଶୀ ରାଜ୍ୟ ଜଗଦଲପୁରରେ ରହୁଥିବା ଯୋଗୁଁ ତାଙ୍କୁ ସୂଚନା ଦିଆଯାଇଥିଲା। ଏହିପରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ସୁବାଶ ଷଡଙ୍ଗୀ ସୂଚନା ଦେଇଛନ୍ତି ।

## ମନ୍ଥର ଗତିରେ ବ୍ରିଜ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ

# ମାଲକାନଗିରିରେ ମିଶିବେ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ

ବୈପାରୀଗୁଡ଼ା,୧୫।୫(ସମିସ): ପାଞ୍ଚ ବର୍ଷ ବିତିଲା । ତଥାପି ସରିନି ୧୪ କୋଟି ଟଙ୍କାର ତେନ୍ତୁଳିଗୁମ୍ମା ବ୍ରିଜ୍ ନିର୍ମାଣ କାର୍ଯ୍ୟ। ଏନେଇ ବଢୁଛି ଅସନ୍ତୋଷ । ମାଲକାନଗିରି ଜିଲ୍ଲାରେ ମିଶିବେ ପାଇଁ ଚେତାବନୀ ଦେଇଛନ୍ତି ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ। ଅପରପକ୍ଷେ ୮ ମାସ ମଧ୍ୟରେ ପୋଲ କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ। ସମସ୍ୟାରେ ବୁଡିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ବୈପାରୀଗୁଡା ବ୍ଲକର ସଂଗ୍ରାମ ମାଟି ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ପୀଠ ତେନ୍ତୁଳିଗୁମ୍ମାର ଲୋକେ। ଏହି ପଞ୍ଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି ବୈପାରିଗୁଡା ସଦର ମହକୁମା ଯାଏ ପହଞ୍ଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ। ବ୍ଲକ ସଦର ମହକୁମା ଯାଏ ଆସିବା ପାଇଁ ପଞ୍ଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଗବିନ୍ଦପାଲୀ ଦେଇ ପ୍ରାୟ ୭୦ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ। ଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ। ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ଯୋଜନାରେ ବ୍ରିଜ କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ। ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କାହାର ନଜର ନାହିଁ। ସାବରୀ ନଦୀ ଆରୋପଟେ ଥିବା ସାତ ଖଣ୍ଡ ଗାଁ ଲୋକେ ନିତି ସଂଘର୍ଷ କରୁଛନ୍ତି । ଏଠାରେ ଭରା ନଈ ପାର ହେବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା । ଜୀବନଙ୍କୁ ବାଜି ଲଗାଇ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଡ଼ଙ୍ଗା ରେ ନଦୀ ପାର ହେଉଛନ୍ତି । ଭଙ୍ଗା ଡ଼ଙ୍ଗାରେ ପାଣି ଭରିଯାଉଛି। ତଥାପି ବାଧ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ସାତ ଖଣ୍ଡଗାଁ ଲୋକେ। ଏନେଇ ଗତ କିଛି ଦିନ ପୂର୍ବେ ସ୍ଥାନୀୟ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜାନ ତେନ୍ତୁଳିଗୁମ୍ମା ପୋଲ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ସ୍ଥାନୀୟ ପୂର୍ବତନ ସରପଞ୍ଚ ବୁଦ୍ରା ନାୟକ, ଭେଜିନିଗୁଡା ୱାର୍ଡ ମେମ୍ବର କାଶୀନାଥ ଚଲାଣ, ସ୍ଥାନୀୟ ବୁଦ୍ଧିଜୀବୀ ତିଲୋକ ନାୟକ, ଅର୍ଜୁନ ସଗରିଆ ଭଳି ସାତ ଖଣ୍ଡ ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ପୋଲ ନିର୍ମାଣରେ କୋରାପୁଟ ଜିଲ୍ଲା ପ୍ରଶାସନର ଅପାରୋଗତା ଜଳଜଳ ଦେଖାଯାଉଛି। ଅତି ଶୀଘ୍ର ପୋଲ ନିର୍ମାଣ ନ ହେଲେ ତେନ୍ତୁଳିଗୁମ୍ମାବାସୀ ମାଲକାନଗିରି ଜିଲ୍ଲାରେ ମିଶିବେ ବୋଲି ତେନ୍ତୁଳିଗୁମ୍ମା ଗସ୍ତରେ ଆସିଥିବା କୋରାପୁଟ ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। କାରଣ ସେପଟେ ତେନ୍ତୁଳିଗୁମ୍ମାବାସୀଙ୍କୁ ମାଲକାନଗିରି ପାଖ ଏବଂ ସୁବିଧା ହେବ। ଏନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମସ୍ୟା ବିଷୟରେ ବୁଝିଛନ୍ତି ଏବଂ ଆସନ୍ତା ଜାନୁଆରୀ ମାସ ସୁଦ୍ଧା ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି । ପୋଲ ନିର୍ମାଣ ହେଲେ ନଦୀ ଆରୋପଟେ ଥିବା ୭ ଖଣ୍ଡ ଗାଁ ତଥା ଭେଜିନିଗୁଡା, ମାଛାଗୁଡା, ମାଟିଗୁଡା, କଣ୍ଟା ବାଉଁସିଆଗୁଡା, ମାଙ୍କଡପାଣି ଆଦି ଗାଁରେ ରାସ୍ତା, ପାଣି ବିଜୁଳି ଭଳି ମୌଳିକ ସୁବିଧା ପହଞ୍ଚିବ । ନିଶ୍ଚିତ ଭାବେ ସହିଦ ମାଟିର ଉନ୍ନତି ହେବ ବୋଲି ଜିଲ୍ଲାପାଳ କହିଛନ୍ତି।



# ଉମରକୋଟ ପେଟ୍ରୋଲ ପମ୍ପ୍‌ରେ ଲମ୍ବା ଲାଇନ୍



ଉମରକୋଟ ୧୫।୫(ସମିସ): ଉମରକୋଟ ସହରରେ ବର୍ତ୍ତମାନ ପେଟ୍ରୋଲ ପମ୍ପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ପେଟ୍ରୋଲ ଓ ଡିଜେର ସଙ୍କଟ ଏବେ ଚରମ ସୀମାରେ ପହଞ୍ଚିଛି। ରୋଷେଇ ଗ୍ୟାସ ପାଇଁ ଲୋକେ ଧାଡି ଲଗାଇବା ପରେ ଏବେ ପେଟ୍ରୋଲ ନେବା ପାଇଁ ଚାଲିଛି ପ୍ରତିଯୋଗିତା। ଲମ୍ବା ଧାଡିରେ ଦାର୍ଘ ସମୟ ଧରି ଛିଡା ହୋଇ ଲୋକେ ତେଲ ପକାଉଛନ୍ତି। ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ସରିବାକୁ ବସିଲାଣି। ଏଭଳି ସ୍ଥିତିରେ ଯେଉଁ କେତେକ ପେଟ୍ରୋଲ ପମ୍ପ ଖୋଲା ରହିଛି, ସେଠାରେ ଗ୍ରାହକଙ୍କର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଉମରକୋଟ ସହରର ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଲୋକଙ୍କୁ ପ୍ରାୟ ଘଣ୍ଟା ଘଣ୍ଟା କାଳ ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଯାଇ ଲୋକଙ୍କୁ ତେଲ ମିଳୁଛି। ଆଗକୁ ପେଟ୍ରୋଲ ମିଳିବ କି ନାହିଁ ଗ୍ରାହକମାନେ ସେହି ଆଶଙ୍କାରେ ଥିବାରୁ ପେଟ୍ରୋଲ ନେବା ପାଇଁ ଲମ୍ବା ଲାଇନ୍‌ରେ ରହୁଛନ୍ତି। ଆଗ ଭଳି ନିଜ ଇଚ୍ଛାରେ ତେଲ ମିଳୁନି। ଅଶୋଧିତ ତୈଳ ଦର ବୃଦ୍ଧି ହେତୁ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦରରେ ପରିବର୍ତ୍ତନ ଦେଖାଯିବା ଏକ ଚିନ୍ତାର ବିଷୟ। ଡିଜେଲ ଦର ବଢ଼ିଲେ ଟ୍ରକ୍ ଏବଂ ଅନ୍ୟାନ୍ୟ ପରିବହନ ଗାଡ଼ିର ଭଡ଼ା ବୃଦ୍ଧି ପାଏ। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ବଜାରରେ ଫଳ, ପନିପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଥାଏ। ତେଲ ଦର ବୃଦ୍ଧି ସିଧାସଳଖ ଭାବେ ସାଧାରଣ ଜନତାଙ୍କ ପକେଟ୍ ଉପରେ ଚାପ ପକାଇଥାଏ ଏବଂ ବଜାରରେ ସାମଗ୍ରିକ ମହଙ୍ଗା ମାଡ଼ ଦେଖାଯାଏ।

# ଗୁଡାରୀକୁ ରେଳପଥ, ଏକ୍ସପ୍ରେସ୍ ୱେ ସଂଯୋଗ ନେଇ ବୈଠକ

ଗୁଡାରୀ,୧୫।୫ (ସମିସ): ରାୟଗଡା ଜିଲ୍ଲାର ଗୁଡାରୀ ପରିଷଦ ଗଠନର ପ୍ରାୟ ୫୪ ବର୍ଷ ଏବଂ ବ୍ଲକ୍ ଗଠନ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବିକାଶରୁ ବଞ୍ଚିତ ରହିଛି ଗୁଡାରୀ ସହର। ଏଥିପାଇଁ ରେଳପଥ ଓ ଏକ୍ସପ୍ରେସ ୱେ ସଂଯୋଗ ଦାବିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଗେଷ୍ଟ ହାଉସ୍‌ରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା।



ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରେଳପଥ ଓ ଦୁଇଟି ବଡ଼ ଏକ୍ସପ୍ରେସ ୱେ ପ୍ରକଳ୍ପ ବ୍ରହ୍ମପୁର-ଜୟପୁର ଏକ୍ସପ୍ରେସ ୱେ ଓ ଖଡ଼ଗପୁର-ବିଜୟୱାଡା ଦ୍ୱିତୀୟ ଏକ୍ସପ୍ରେସ ୱେ ଗୁଡାରୀ ସହର ଏଥିରୁ ବାଦ ପଡ଼ିଥିବା ଜାଣିବା ପରେ ସ୍ଥାନୀୟ ଲୋକ ଅସନ୍ତୋଷ ବାତାବରଣ ଦେଖାଯାଇଛି। ବହୁ ପ୍ରତୀକ୍ଷିତ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥରୁ ବାଦ୍ ପଡୁଛି ଗୁଡାରୀ। ଦକ୍ଷିଣ ଓଡ଼ିଶାରେ ରେଳ ଯୋଗାଯୋଗର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କର ଏହି ପ୍ରକଳ୍ପ ଗୁଡାରୀ ବ୍ଲକ୍‌କୁ ସଂଯୋଗ କରୁନଥିବା ଫାଇନାଲ ଲୋକେସନ ସର୍ଭେରୁ ଜଣା ପଡ଼ିଛି। ଆଦିବାସୀ ବହୁଳ ପଛୁଆ ଅଞ୍ଚଳ ଗୁଡାରୀ ପ୍ରତି ଏହା ଦୀର୍ଘ ବର୍ଷର ଅବହେଳାକୁ ଦର୍ଶାଉଛି। ଏଥି ନିମନ୍ତେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏ ସମସ୍ତ ବିଷୟକୁ ନେଇ ଗୁଡାରୀ ସହରର ସମସ୍ତ ସାଧାରଣ ଲୋକ ବୁଦ୍ଧିଜୀବୀ ବିଭିନ୍ନ ଦଳର ନେତା ଯୋଗଦେଇ ଏହି ରାସ୍ତା ଗୁଡିକ ଗୁଡାରୀ ସହର ଦେଇ ଯିବ ଏବଂ ସହର ଆଗାମୀ ଦିନରେ ବିକଶିତ ଆଡ଼କୁ ଗତି କରିବ ବୋଲି ଆଲୋଚନ କରାଯାଇଥିଲା। ଏଥିପାଇଁ ୨୨ତାରିଖ ଦିନ ସାଂସଦଙ୍କ ସହ ଆଲୋଚନା କରିବା ସହ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମିଶିବା ପାଇଁ ଯୋଜନା କରିଥିବା ଜଣାପଡିଛି। ଏମିତିରେ ପରିଷଦ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି ଆଜି ପର୍ଯ୍ୟନ୍ତ ଜିଲ୍ଲା କିମ୍ବା ରାଜଧାନୀକୁ ସରକାରୀ ବସ ପାଇଁ ସାଧାରଣ ଲୋକ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଆଜି ଯେଉଁ ବୈଠକ ଅନୁଷ୍ଠିତ ହୋଇଛି ତାହା କେତେଦୂର ଫଳପ୍ରଦ ହେବ ଏଠାକାର ବାସିନ୍ଦା ଦେଖିବାକୁ ବାକି ରହିଛି।

## ବାଇକ୍ - ଅଟୋ ମୁହାଁମୁହିଁ ଧକ୍କା, ଯୁବକ ମୃତ

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ରାୟଗଡ଼/ଟିକିରି , ୧୫।୫(ସମିସ): ରାୟଗଡ଼ ଓ କୋରାପୁଟ ଜିଲ୍ଲା ସୀମାନ୍ତ ୩୨୬ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଧାମଣଗଣ୍ଡା ନିକଟରେ ଗତକାଲି ରାତ୍ରରେ ଏକ ଅଟୋରିକ୍ସା ଓ ବାଇକ ମଧ୍ୟରେ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଛୋଟ ଭାଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଯୁବକଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ରାତ୍ରରୁ ହିଁ ରାଜପଥ ଅବରୋଧ କରିବା ଫଳରେ ବହୁ ରାତ୍ରି କାଳୀନ ଯାତ୍ରୀବାହୀ ବସ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ଦୀର୍ଘ ୧୦ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ଅବରୋଧ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, କୁମ୍ଭାରିପୁଟ ମଞ୍ଜାପଦର ଗ୍ରାମକୁ ଯାଇ ମୀନପାଇ ଗ୍ରାମକୁ ଫେରୁଥିବା ସମୟରେ ଏକ ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ମୀନପାଇ ଗ୍ରାମର ସୁନୀଲ ମିନିଆକା(୨୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ସହ ଥିବା ଛୋଟ ଭାଇ ମିଳନ ମିନିଆକା(୧୨) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାତି ପ୍ରାୟ ୮ଟା ୪୫ ମିନିଟ୍‌ରୁ ସକାଳ ୭ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଯଥା ଯାତ୍ରୀବାହୀ ବସ୍, କାର୍, ଟ୍ରକ୍, ବାଇକ୍ ଆଦି ଅଟକି ରହିଥିଲା। ଅନେକ ଯାତ୍ରୀ ରାତିସାରା ଖାଇବା ପିଇବା ବିନା ବସ୍ ଭିତରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୁଟୁଲି ସରପଞ୍ଚ ପୂର୍ବତନ କୈଳାସ ମିନିଆକା, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ବିଡିଓ ସୁଜିତ କୁମାର ମିଶ୍ର ଓ ଏସଡିପିଓ ଗୌରହରି ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହା ସହ ମୃତକଙ୍କ ପରିବାରକୁ ସରକାରୀ ଯୋଜନା ଅନୁଯାୟୀ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପରେ ପୋଲିସ ରାସ୍ତାରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ପଞ୍ଚାୟତ ପାଣ୍ଠି ଦୁରୁପଯୋଗ ଅଭିଯୋଗ

# ସନ୍ଦେହଘେରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ବିଷମ କଟକ,୧୫।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ଗ୍ରାମ ପଞ୍ଚାୟତରେ ଅର୍ଥ ହେରଫେର ହେଉଥିବା ଅଭିଯୋଗ ଆସିଛି। ପଞ୍ଚାୟତ କାର୍ଯ୍ୟାଳୟରେ କୌଣସି ବୈଠକ ନ କରି ୱାର୍ଡ ସଭ୍ୟମାନଙ୍କ ଜାଲ ଦସ୍ତଖତ କରି ଲକ୍ଷାଧିକ ଅର୍ଥ କରବାର ହେଉଛି। ଟେର ପାଉନି ଜିପିଡିଓ କି ଅଡିଟ୍ ଅଧିକାରୀ। ବହୁ ଚତୁରତାର ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଆଳରେ ଲକ୍ଷାଧିକ ଟଙ୍କା ଉଠାଯାଉଛି। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ଫାଇଲ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ବ୍ଲକ ଯନ୍ତ୍ରୀ ପର୍ଯ୍ୟନ୍ତ କାହା ପାଖରେ ନଥିବାର ଶୁଣିବାକୁ ମିଳୁଛି। ଗତ କିଛି ମାସ ତଳେ ଗ୍ରାମପଞ୍ଚାୟତର ପିଡ଼ିଏସ ଜମା ରାଶିରୁ ଗୋଦାମ ଗୃହ ମରାମତି କାର୍ଯ୍ୟ କରାଯାଇଛି । କିନ୍ତୁ ଏହି ମରାମତି କାର୍ଯ୍ୟ ନିମନ୍ତେ ପଞ୍ଚାୟତରେ କୌଣସି ବୈଠକ ବସିନଥିବା ବେଳେ ବୈଠକରେ ଏଭଳି କାର୍ଯ୍ୟ ପାରିତ ମଧ୍ୟ ହୋଇନାହିଁ ବୋଲି ୱାର୍ଡ ସଭ୍ୟ ଅଭିଯୋଗ କରିଥିଲେ।




କିନ୍ତୁ ପରବର୍ତୀ ସମୟରେ ଦାୟୀତ୍ୱ ରେ ନଥାଇ ମଧ୍ୟ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀ ବି.ବି. ବେହେରା ଉକ୍ତ କାର୍ଯ୍ୟର ବିଲ କରି ଟଙ୍କା ଉଠାଇବାକୁ ସୁଯୋଗ ଦେଲେ। ଆଶ୍ଚର୍ଯ୍ୟର ବିଷୟ ଯେଉଁ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଥିବା ଦର୍ଶାଯାଇଛି, ସେହି ବୈଠକରେ ଦସ୍ତଖତ କରିଥିବା ୧୩ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୫ଜଣଙ୍କ ସମେତ ସମିତି ସଭ୍ୟ ମଧ୍ୟ ଅନୁପସ୍ଥିତ ଥିଲେ। ପିଡିଏସ୍ ଜମା ଖାତାରୁ କେତେ ଟଙ୍କା ବାହାର କରାଯିବ ସେ ନେଇ ବୈଠକରେ କୌଣସି ନିଷ୍ପତି ନିଆଯାଇନାହିଁ କି କୌଣସି ସଦସ୍ୟଙ୍କ ନିଷ୍ପତି ମଧ୍ୟ ନିଆଯାଇନଥିବା ସତ୍ୱେ ପିଇଓ ଜଣକ ୪ଲକ୍ଷ ଟଙ୍କା ବାହାର କରିବାକୁ କିପି ଯୋଜନା କଲେ ତାହା ଅସ୍ୱଷ୍ଟ। ବର୍ତମାନ ବିଷମକଟକ ପଞ୍ଚାୟତଟି ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ହୋଇଥିବା ସ୍ଥଳେ ଦାୟୀତ୍ୱ ହସ୍ତାନ୍ତର ପୂର୍ବରୁ ପଞ୍ଚାୟତ ପାଣ୍ଠି ଚଳୁ କରିଦେବାର ଯୋଜନା ଆଳରେ ଏହି ସବୁ କରାଯାଇଥିବା କୁହାଯାଉଛି। ପ୍ରକାଶ ଥାଉକି ୨୦୨୨-୨୩ ରେ ପିଡିଏସ ଖାତାରୁ ୪ ଲକ୍ଷ, ୨୦୨୩-୨୪ ଆର୍ଥିକ ବର୍ଷ ର ମଧ୍ୟ ଉକ୍ତ ଗୋଦାମ ମରାମତି ବାବଦରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ପୁଣି ଗୋଟଏ ବର୍ଷ ବ୍ୟବଧାନରେ ପୁନଃ ମରାମତି ବାବଦରେ ୪ଲକ୍ଷ ଟଙ୍କା ଉଠାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଧିବଦ୍ଧ ପ୍ରକିୟା ବିନା ଜମା ରାଶିରୁ ଟଙ୍କାର ବ୍ୟବହାର ବାରଣ ଥିବା ସତ୍ତ୍ୱେ କାର୍ଯ୍ୟନିର୍ବାହୀ ଅଧିକାରୀ ଏପରି କାର୍ଯ୍ୟରେ କିପରି ସଂଶ୍ଲିଷ୍ଟ ରହିଛନ୍ତି ତାହା ତଦନ୍ତ ପରିସର ଭୁକ୍ତ। ଏଭଳି ଅଭିଯୋଗକୁ ନେଇ ଆମେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ କିନଷ୍ଠ ଯନ୍ତ୍ରୀଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଗୋଦାମ ଗୃହ ମରାମତି ନିମନ୍ତେ ପିଡିଏସ୍ ଜମା ଖାତାରୁ ୪ଲକ୍ଷ ଉଠାଣ ସଂକ୍ରାନ୍ତରେ ପଞ୍ଚାୟତ ସମିତି ସଭ୍ୟ ଦେବୀ ପ୍ରସାଦ ପଟ୍ଟନାୟକ କୌଣସି ଅବଗତ ନଥିବା ପ୍ରକାଶ କରିଛନ୍ତି। ତେବେ ଟଙ୍କା ମରାମତି ବାବଦରେ ହୋଇଥିବା ଖର୍ଚ୍ଚ ସବୁର ଯାଞ୍ଚ କରାଗଲେ ଲକ୍ଷାଧିକ ଟଙ୍କା ହେରଫେରର ପ୍ରକୃତ ତଥ୍ୟ ପଦାକୁ ଆସିପାରିବ ବୋଲି କୁହାଯାଉଛି।

# ଗଛ ପଡ଼ି ଭାଙ୍ଗିଲା ପାଚେରି



କୋରାପୁଟ,୧୫।୫(ସମିସ): କୋରାପୁଟ ସହର ସ୍ଥିତ ଜଗନ୍ନାଥ ମନ୍ଦିର ପଛ ପାଖରେ ଥିବା ସରକାରୀ ବାସଭବନ ପରିସରରୁ ବହୁ ପୁରାତନ ଦେବଦାରୁ ଗଛ ପଡି ପାଚେରିଟି ଭୁଶୁଡି ପଡିଥିବା ଦେଖାଯାଇଛି। ଏହି ଗଛର ମୂଳଭାଗ ଉଇ ଲାଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ବାସଭବନରେ ରହୁଥିବା କର୍ମଚାରୀଙ୍କ ସହ ପାଖ ପଡୋଶୀ ମାନେ ମଧ୍ୟ ବହୁଦିନ ଆଗରୁ ଏହି ଗଛକୁ କାଟିବା ପାଇଁ ଜିଲ୍ଲାପ୍ରଶାସନ, ଅଗ୍ନିଶମ, ଜଙ୍ଗଲ ବିଭାଗକୁ ଜଣାଇଥିବା ସତ୍ତ୍ୱେ ଏହାକୁ କେହି ଦୃଷ୍ଟି ଦେଲେନାହିଁ । ଫଳରେ ଏହି ଗଛଟି ଆଜି ଦିନ ୧୨ଟା ସମୟରେ ହଠାତ୍ ଭାଙ୍ଗିପଡିଥିଲା। ସେହି ସମୟରେ ସେଠାରେ ଗୋଟିଏ କାର ଠିଆ ହୋଇଥିଲା ଓ ଚାଳକ କାର ମଧ୍ୟ ସେଥିରେ ଥିଲେ। ସୌଭାଗ୍ୟ ବଶତଃ ଗଛଟି ଭାଙ୍ଗି ପାଚେରି ଉପରେ ରହିଯିବାରୁ କାରର ବିଶେଷ କ୍ଷତି ହୋଇନାହିଁ। ସେତେବେଳେ ଅଫିସ ସମୟ ହୋଇଥିବାରୁ ସେହି ବାସଭବନ ପରିସରରେ କୌଣସି ବ୍ୟକ୍ତଙ୍କ ଚଳ ପ୍ରଚଳ ନଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଲୋକେ ସଙ୍ଗେ ସଙ୍ଗେ ୧୧୨ ନମ୍ବରକୁ ଫୋନ କରିବାରୁ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଛର ଡାଳ କାଟି ରାସ୍ତା ଅବରୋଧ ହଟାଇ ଥିଲେ। କୋରାପୁଟରେ ସରକାରୀ ବାସଭବନ ପରିସର ସହ ସହରର ବିଭିନ୍ନ ସ୍ଥାନରେ ଏଭଳି ଆହୁରି ବହୁ ପୁରାତନ ଗଛ ମାନ ଅଛି, ଯାହାର ମୂଳ ସବୁ ନଷ୍ଟ ହୋଇଯିବା ସହିତ ଗଛ ଗୁଡିକୁ ଉଇ ପୋକଦ୍ୱାରା ନଷ୍ଟ ହୋଇଯାଇଛି । ସେସବୁକୁ ବେଳ ଥାଉ ଥାଉ ପ୍ରଶାସନ ଚିହ୍ନଟ କରି କାଟିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ହୋଇପଡିଛି। ନଚେତ ଆଗାମୀ ଦିନରେ ବହୁତ ଗୁଡ଼ିଏ ଅଘଟଣ ଘଟି ଧନ ଜୀବନ ନଷ୍ଟ ହେବ ବୋଲି ଲୋକେ ଆଲୋଚନା କରୁଥିବା ଜଣାପଡିଛି। ସେହିଭଳି ଗତ ବୁଧବାର ଦିନ ସନ୍ଧ୍ୟା ସମୟରେ କୋରାପୁଟ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଆଖଣ୍ଡଳମଣି ମନ୍ଦିର ସମ୍ମୁଖରେ ଥିବା ଏକ ବିରାଟ ପୁରୁଣା ବଟ ବୃକ୍ଷର ବଡ଼ ଡାଳଟେ ଭାଙ୍ଗି ପଡିବା ସହ ମନ୍ଦିର ପାଚେରି ନଷ୍ଟ ହୋଇଥିବା ଦେଖା ଯାଇଥିଲା। ମନ୍ଦିରରେ ଆଳତି ସରିଯାଇଥିବାରୁ ଭିଡ଼ କମିଯାଇଥିଲା। ଫଳରେ କୌଣସି ଧନ ଜୀବନର କ୍ଷୟକ୍ଷତି ହୋଇନଥିଲା।

● ଇନ୍ଦ୍ରାବତୀ ପ୍ରକଳ୍ପରେ ଢିଲା ଶାସନ ବ୍ୟବସ୍ଥା!

# ଅପରିଷ୍କାର ପରିବେଶ, ଜନ ଅସନ୍ତୋଷ





ତେନ୍ତୁଳିଖୁଣ୍ଟି ୧୫।୫(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ କାର୍ଯ୍ୟାଳୟରେ ଶାସନ ବ୍ୟବସ୍ଥା ଢିଲା ହୋଇପଡିଥିବା ଅଭିଯୋଗ ହେଉଛି । ପ୍ରକଳ୍ପରେ ହେଉଥିବା ତମାମ ଉନ୍ନୟନ କାର୍ଯ୍ୟର ତଦାରଖ ସଠିକ ଭାବେ କରାଯାଉ ନାହିଁ, ପ୍ରକଳ୍ପ କାର୍ଯ୍ୟାଳୟ ଅପରିଷ୍କାର ହୋଇ ପଡ଼ିଥିବାରୁ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏହି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ନୁହେଁ କି ବୋଲି ପ୍ରଶ୍ନ ଉଠିଛି । ଇନ୍ଦ୍ରାବତୀ ପ୍ରକଳ୍ପରେ ନବରଙ୍ଗପୁର ଜିଲ୍ଲାର କ୍ଷମତା ସଂକୁଚିତ କରିବା ପାଇଁ ଚକ୍ରାନ୍ତ କରି ବିଭିନ୍ନ କାର୍ଯ୍ୟାଳୟ ସ୍ଥାନାନ୍ତର ସହ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରାଯାଉଥିବା ଅଭିଯୋଗରେ ପୂର୍ବ ସରକାର ଅମଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଇତିମଧ୍ୟରେ ସରକାର ପରିବର୍ତନ ହୋଇ ଦୁଇବର୍ଷରୁ ଅଧିକ ସମୟ ବିତିଛି। ଯଥା ପୂର୍ବଂ ତଥା ପରଂ ଭିତ୍ତିରେ ପ୍ରକଳ୍ପରେ ଯୋଗଦେଇଥିବା ଯନ୍ତ୍ରୀଙ୍କୁ ବଦଳି କରି ସଂଖ୍ୟା ହ୍ରାସ କରାଯାଉଛି । ପାରିପାଶ୍ୱରିକ ବିକାଶ ଏକ ପ୍ରକାର ଠପ୍ ହୋଇପଡିଥିବା ବେଳେ କିଛି ଉନ୍ନୟନ କାର୍ଯ୍ୟ କେବଳ ଠିକାଦାର ପୋଷା ପାଇଁ ହେଉଥିବା ଅଭିଯୋଗ ହେଉଛି । ଠିକା କାର୍ଯ୍ୟ ହୋଇଥିବା ସ୍ଥାନରେ ଯନ୍ତ୍ରୀ ମାନଙ୍କ ଦର୍ଶନ ମିଳୁନଥିବା ବେଳେ ପ୍ରକଳ୍ପ କାର୍ଯ୍ୟାଳୟ ମଧ୍ୟ ଅଧିକାଂଶ ସମୟ ଖାଁ ଖାଁ ରହୁଛି । ଯିଏ ଯେତେବେଳେ ପାରିଲା ଆସିଲେ, ଯିଏ ଯେତେବେଳେ ଗଲେ, କିଏ କେଉଁ କାର୍ଯ୍ୟରେ କେଉଁଠି ଯାଉଛନ୍ତି ସେଥିରେ କିଛି ଲଗାମ ନାହିଁ। କାର୍ଯ୍ୟ କ୍ଷେତ୍ରରେ ଯନ୍ତ୍ରୀଙ୍କ ଦର୍ଶନ ମିଳୁନଥିବା ଅଭିଯୋଗ ହେଉଛି। ପ୍ରକଳ୍ପ କାର୍ଯ୍ୟାଳୟ ପରିସର ମଧ୍ୟରେ ପାନ ଛେପରେ କାନ୍ଥ ଗୁଡିକ ରଙ୍ଗୀନ ହୋଇପଡିଛି । ପ୍ରକଳ୍ପ କୋଠାରେ ଶିଉଳି ଲାଗି ସମ୍ପୂର୍ଣ୍ଣ କୋଠାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଗଲାଣି । ଏନେଇ ପୋଡାଗଡ଼ ନିର୍ବାହୀ ଯନ୍ତ୍ରୀ ଇଂ ସୁଶାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ରଙ୍ଗ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ଚାଷୀ ପ୍ରତାପଙ୍କ ଖାତାକୁ ଆସିଲା ୨ ଲକ୍ଷ ୧୭ ହଜାର

କାଲିମେଳା,/ଏମ୍‌ଭି ୭୯ (ସମିସ) ୧୫।୫: ଦୀର୍ଘ ୩ ମାସରୁ ଅଧିକ ସମୟଧରି ନିଜ ପରିଶ୍ରମର ଧାନ ବିକ୍ରୟ ଟଙ୍କା ପାଇଁ ସରକାରୀ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଥିଲେ ମାଲକାନଗିରି ଜିଲ୍ଲା ଏମଭି - ୯୬ ଗ୍ରାମର ଚାଷୀ ପ୍ରତାପ ବରାଳ। ଶେଷରେ ତାଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ଓ ଚାଷୀଙ୍କ ଅସହାୟ ସ୍ଥିତି ସାମ୍ନାକୁ ଆସିବା ପରେ ଗୁରୁବାର ସଞ୍ଜ ସମୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୨ ଲକ୍ଷ ୧୭ ହଜାର ଟଙ୍କା ଆସିଛି। ସୂଚନାଯୋଗ୍ୟ ଯେ, ପ୍ରତାପ ବରାଳ ଗତ ଜାନୁଆରୀ ୨୭ ତାରିଖରେ ଏମଭି - ୭୯ ଧାନ କ୍ରୟ କେନ୍ଦ୍ରରେ ପ୍ରାୟ ୪୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। କିନ୍ତୁ ଦୀର୍ଘ ୩ ମାସରୁ ଅଧିକ ସମୟ ଧରି ତାଙ୍କ ଖାତାକୁ ଟଙ୍କା ନ ଆସିବାରୁ ସେ ଆର୍ଥିକ ଓ ମାନସିକ ଭାବେ ଭାଙ୍ଗିପଡ଼ିଥିଲେ। ଧାନ ଚାଷ ପାଇଁ ନେଇଥିବା କରଜ, ଘର ଖର୍ଚ୍ଚ ଓ ପରିବାରର ଚାପ ତାଙ୍କୁ ନିରାଶାର ସୀମାକୁ ନେଇଯାଇଥିଲା। ଏନେଇ ସେ ଜନଶୁଣାଣି ୱେବସାଇଟ୍‌ରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ଅନେକ ସ୍ଥାନରେ ନ୍ୟାୟ ପାଇଁ ଦୁଆର ଦୁଆର ଘୁରିଥିଲେ। ପ୍ରତ୍ୟେକ ସ୍ଥାନରୁ ମିଳୁଥିଲା କେବଳ ଗୋଟିଏ ଉତ୍ତର, 'ଆଉ ୭ ଦିନ...ଆଉ ୧୦ ଦିନ' ଅପେକ୍ଷା କର। ଅବହେଳା ମଧ୍ୟରେ ଚାଷୀ ପରିବାର ପ୍ରାୟ ଭାଙ୍ଗିପଡ଼ିଥିବା ବେଳେ 'ସକାଳ' ଖବରକାଗଜରେ ତାଙ୍କର ଦୁଃଖ କାହାଣୀ ବାରମ୍ବାର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇଥିବା ଚର୍ଚ୍ଚା ହେଉଛି। ତାଙ୍କ ଦୁଃଖକୁ ସାମ୍ନାକୁ ଆଣିଥିବାରୁ ସେ ସକାଳ ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହି ଘଟଣା ଏକ ବଡ଼ ପ୍ରଶ୍ନ ଛାଡ଼ିଯାଇଛି। ଜଣେ ଚାଷୀ ନିଜ ପରିଶ୍ରମର ଟଙ୍କା ପାଇବା ପାଇଁ କାହିଁକି ମାସ ମାସ ଧରି ଦୌଡ଼ିବେ, କାହିଁକି ବାରମ୍ବାର ଖବର ପ୍ରକାଶ ପାଇବ, ଚାପ ଓ ଧମକ ପରେ ବ୍ୟବସ୍ଥା କାମ କରିବ। ସରକାରୀ ଧାନ କ୍ରୟ ବ୍ୟବସ୍ଥାରେ ଏଭଳି ଅବହେଳା ଓ ବିଳମ୍ବ କେବେ ବନ୍ଦ ହେବ। ଜଣେ ସାଧାରଣ ଚାଷୀ ବିନା ହଇରାଣ ଓ ବିନା ଅପମାନରେ ନିଜ ଟଙ୍କା ପାଇବେ। ଏହି ପ୍ରଶ୍ନର ଉତ୍ତର ଏବେ ସରକାର ଓ ପ୍ରଶାସନଙ୍କ ପାଖରେ ନାହିଁ।




'ସକାଳ' ପ୍ରଭାବ

# ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଏକଲବ୍ୟ ବିଦ୍ୟାଳୟର ସଫଳତା

ପଟ୍ଟାଙ୍ଗି,୧୫।୫(ସମିସ): କୋରାପୁଟ ଜିଲ୍ଲା କୁଦୁଲି ପଞ୍ଚାୟତ ଅନ୍ତର୍ଗତ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ୯୬.୫ ପ୍ରତିଶତ ପାସ୍ ହାର ରହିଥିବା ବେଳେ ସମସ୍ତ ଛାତ୍ର ଛାତ୍ରୀ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି। ନିଳେନ୍ଦ୍ରୀ ମଞ୍ଜରବାଲି ୮୦.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପର୍ ହୋଇଥିବା ବେଳେ ପିଣ୍ଟୁ ମୁଦୁଲି ୭୯.୮ ପ୍ରତିଶତ ଓ କଣ୍ଟେଶ୍ୱର ମାଣ୍ଡିଙ୍ଗା ୭୯.୨ ପ୍ରତିଶତ ମାର୍କ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ସଫଳତା ପାଇଁ ଏନ୍‌ଇଏସଟି ସ, ନୂଆଦିଲ୍ଲୀ, ଓଏମ୍‌ଟିଇଏସ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ବିଦ୍ୟାଳୟର ଅଭିଭାବକ ସଂଘ ଓ ପ୍ରାକ୍ତନ ଛାତ୍ର ସଂସଦ ତରଫରୁ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବାସନକୁସନ ଓ ରୋଷେଇ ଉପକରଣ ଯୋଗାଣ

# ଜିଲ୍ଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ରାୟଗଡ଼,୧୫।୫(ସମିସ):


ରାୟଗଡ ଜିଲ୍ଲା ମଙ୍ଗଳ ବିଭାଗର ଦ୍ୱାରା ବାସନକୁସନ ଏବଂ ରୋଷେଇ ଉପକରଣ ଯୋଗାଣ ସମ୍ପର୍କୀତ ଟେଣ୍ଡରରେ ଅନିୟମିତତା ତଥା ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ପାତ୍ର ଆସୋସିଏସଷ୍ଟ ସଂସ୍ଥାର ଶୁଭମ କୁମାର ପାତ୍ର ଏହି ଅଭିଯୋଗ କରିଛନ୍ତି। ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଗତ ଏପ୍ରିଲ ମାସ ୨୭ ତାରିଖରେ ଟେଣ୍ଡର ଡାକ ନୋଟିସ ନଂ ୨୪୪୯/୨୦୨୬ ସରକାରୀ ଜିଲ୍ଲା ୱେବ୍‌ସାଇଟରେ ବିଳମ୍ବରେ ଦୃଶ୍ୟମାନ ତଥା ଅପ୍‌ଲୋଡ ସମ୍ପର୍କରେ ଅଭିଯୋଗ କରିବା ସହ ଦାଖଲ ଶେଷ ତାରିଖ ବୃଦ୍ଧି ପାଇଁ ସେ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିବା ଜଣାପଡିଛି। ଉକ୍ତ ଟେଣ୍ଡର ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଗତ ମାସ ଏପ୍ରିଲ ୨୭ ତାରିଖରୁ ଟେଣ୍ଡର ଡକୁମ୍ୟମେଣ୍ଟ ଦାଖଲ କରିବାର ଆହ୍ୱାନ କରାଯାଇ ଏହାର ଶେଷ ତାରିଖ ମେ ୧୪ ତାରିଖ ଅପରାହ୍ନ ୧ ଘଣ୍ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ତେବେ ଶ୍ରୀ ପାତ୍ର ଜିଲ୍ଲାର ସରକାରୀ ୱେବସାଇଟରେ ଚଳିତ ମେ ମାସ ୧୩ ତାରିଖରୁ ସେ ଯାଞ୍ଚ କରି ଆସୁଥିବା ବେଳେ ୨୭ ତାରିଖରେ ଉପରୋକ୍ତ ଟେଣ୍ଡର

## ଅନିୟମିତତା ଅଭିଯୋଗକୁ ଖଣ୍ଡନ କଲେ ଡିଡବ୍ଲ୍ୟୁଓ

ସମ୍ପର୍କୀତ କୌଣସି ନୋଟିସ ସେଠାରେ ଉପଲବ୍ଧ ତଥା ଅପ୍‌ଲୋଡ ହୋଇ ନଥିବା କହିଛନ୍ତି। ସେହିପରି ଗତ ୧୪ ତାରିଖ ସକାଳ ଦଶଟା ସମୟରେ ସେ ପୁଣିଥରେ ଯାଞ୍ଚ କରିଥଲେ। କିନ୍ତୁ ଉକ୍ତ ଟେଣ୍ଡର ଅପଲୋଡ ହୋଇ ନ ଥିବା ବେଳେ ଏହା ସଂଧ୍ୟା ସମୟରେ ଦୃଶ୍ୟମାନ ହୋଇଥିଲା। ଯେଉଁଥିରେ ସେ ଏପ୍ରିଲ ୨୭ ତାରିଖରୁ ଟେଣ୍ଡେର ଆହ୍ୱାନ କରାଯାଇ ମେ ମାସ ୧୪ତାରିଖ ଅପରାହ୍ନ ୧ ଘଣ୍ଟା ସମୟ ଶେଷ ସମୟସୀମା ଥିବା ଜାଣିବାକୁ ପାଇଥିଲେ। ଉକ୍ତ ବାସନକୁସନ ଓ ରୋଷେଇ ଉପକରଣ ଯୋଗାଣ ସମ୍ପର୍କୀତ ଟେଣ୍ଡର ପୂର୍ବରୁ ଏକକ ବିଡର କାରଣରୁ ସମାନ ଟେଣ୍ଡର ପ୍ରକ୍ରିୟା ଦୁଇ ଥର ବାତିଲ ହୋଇଥିବା ବେଳେ ସେ ଜଣେ ଯୋଗ୍ୟ ଓ ଆଗ୍ରହୀ ବିଡର ଥିବାରୁ ପୁଣି ଥରେ ବିଡ୍ ପୁନଃ ଦାଖଲ ଆଶାରେ ପୋର୍ଟାଲ ଉପରେ ନିରନ୍ତର ନଜର ରଖି ଆସୁଥିଲେ। ସରକାରୀ କାର୍ଯ୍ୟାଳୟରେ ଟେଣ୍ଡର ସୂଚନା ଦିଆଯାଇ ନ ଥିବାରୁ ସେ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ଏକ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ସୁଯୋଗରୁ ବଞ୍ଚିତ ହୋଇଥିବା କହିଛନ୍ତି। ଟେଣ୍ଡର ଡକ୍ୟୁମେଣ୍ଟ ଦାଖଲ ଅବଧି ଶେଷ ହେବା ପର୍ଯ୍ୟନ୍ତ ଟେଣ୍ଡର ନୋଟିସ ୱେବସାଇଟରେ ଏପରି ପ୍ରଦର୍ଶନ ନ ହେବା କିମ୍ବା ବିଳମ୍ବରେ ଦୃଶ୍ୟମାନତା ସ୍ୱଚ୍ଛତା, ନିରପେକ୍ଷତା, ସମାନ ସୁଯୋଗ ଏବଂ ସାଧାରଣ କ୍ରୟ ପରିଚାଳନା ନୀତିକୁ ଗୁରୁତର ଭାବରେ ପ୍ରଭାବିତ କରୁଛି ବୋଲି ଶ୍ରୀ ପାତ୍ର ଚିଠିରେ ଉଲ୍ଲେଖ କରିଥିବା କହିଛନ୍ତି। ସେ ଏହି ଟେଣ୍ଡର ପ୍ରକ୍ରିୟାର ସମସ୍ତ ପରିଚାଳନାକୁ ପୁନଃ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଉପରୋକ୍ତ ଟେଣ୍ଡରର ଅନିୟମିତତାକୁ ଖଣ୍ଡନ କରିବା ସହ ସମସ୍ତ ସରକାରୀ ନିୟମ ପ୍ରକ୍ରିୟା ପ୍ରଣାଳୀ ମାଧ୍ୟମରେ ଟେଣ୍ଡର ହୋଇଥିବା ଏବଂ ଆଗକୁ ସ୍କୁଲ ଖୋଲିବାକୁ ଥିବା ଯୋଗୁଁ ବିଭାଗ ସ୍ୱଚ୍ଛତାର ସହ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରିଥିବା କହିଛନ୍ତି। ଏହି ଟେଣ୍ଡର ପୂର୍ବରୁ ଚାରିଥର ବାତିଲ ହୋଇଥିଲା। ଏବେ ୩ ଜଣ ଆବେଦନ କରିଥିଲେ । ଯୋଗ୍ୟ ବିଡରଙ୍କୁ ଟେଣ୍ଡର ପ୍ରଦାନ କରାଯାଇଥିବା କହିଛନ୍ତି। ତେବେ ଜିଲ୍ଲା ସରକାରୀ ୱେବ ସାଇଟରେ କେଉଁ ତାରିଖ ଓ କେଉଁ ସମୟରେ ଏହି ଟେଣ୍ଡେର ନିମନ୍ତେ ନୋଟିସ ଅପଲୋଡ଼ ହୋଇଥିଲା ତାହା ତଦନ୍ତ କଲେ ସବୁବେଳେ ଜଣାପଡିବ ବୋଲି ଶ୍ରୀ ପାତ୍ର କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
--ଆଲବର୍ଟ ଆଇନଷ୍ଟାଇନ୍

## ଆବାସିକ କାର୍ଯ୍ୟାଳୟ

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ - ଏହି ଆପ୍ତ ବାକ୍ୟ କରୋନା ମହାମାରୀ ପରେ ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ପୃଷ୍ଠଭୂମିରେ ଭାରତରେ ପୁଣି ଥରେ ପ୍ରମାଣ କରିବାର ଅବକାଶ ସୃଷ୍ଟି କରିଛି। ଉତ୍କଟ ତୈଳସଙ୍କଟର ମୁକାବିଲା ପାଇଁ ଘରୁ କାମ କରିବା (ୱାର୍କ ଫ୍ରମ ହୋମ୍) ସପକ୍ଷରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଏହା ସରକାରୀ ଭାବେ ଆଂଶିକ କାର୍ଯ୍ୟକାରୀ ହୋଇଛି। ଏଥିସହିତ ଭାରତରେ ଆବାସିକ କାର୍ଯ୍ୟାଳୟର ପରିକଳ୍ପନା ପୁଣି ଥରେ ଆଲୋଚନା ପ୍ରସଙ୍ଗକୁ ଆସିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସୃଷ୍ଟ ତୈଳ ଯୋଗାଣ ସମସ୍ୟାର ସମାଧାନ ନିକଟ ଭବିଷ୍ୟତରେ ଦେଖାଯାଉନାହିଁ। ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଅସ୍ଥିରତା ଅଧିକ ଦିନ ଲାଗି ରହିଲେ ଆଗାମୀ ଦିନରେ ଭାରତରେ ତୈଳସଙ୍କଟ ଅତି ଉତ୍କଟ ହେବ। ଏହାର ମୁକାବିଲା ପାଇଁ ହୁଏତ କେବଳ ସ୍ୱାସ୍ଥ୍ୟ, ପୁଲିସ ଓ କେତେକ ଜରୁରୀକାଳୀନ ସେବା ପ୍ରଦାନକାରୀ ଅନୁଷ୍ଠାନକୁ ବାଦ୍ ଦେଇ ସମସ୍ତ ସଂସ୍ଥା/ଅନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇପାରେ କିମ୍ବା ଘରୁ କାମ କରିବା(ୱାର୍କ ଫ୍ରମ ହୋମ୍) ନିୟମ କାର୍ଯ୍ୟକାରୀ କରାଯାଇପାରେ। ଗତ କରୋନା ମହାମାରୀ କାଳରେ ଏଭଳି ବ୍ୟବସ୍ଥା ବିଦେଶ ଓ ଭାରତର ମେଟ୍ରୋ ସହରମାନଙ୍କରେ କାର୍ଯ୍ୟକାରୀ ହୋଇଥିଲେ ହେଁ ଓଡ଼ିଶାରେ ତାହାର ପ୍ରଭାବ ବିଶେଷ ପରିଲକ୍ଷିତ ହୋଇ ନଥିଲା। କିନ୍ତୁ ପରିବେଶ ପ୍ରଦୂଷଣ, ସ୍ଥାନାଭାବ ସମସ୍ୟା, ଶକ୍ତି ଅପଚୟ, ମାନବ ସମ୍ବଳ କାର୍ଯ୍ୟ ସମୟ ହ୍ରାସ ଆଦି ପ୍ରସଙ୍ଗ ବିଚାରକୁ ନେଲେ ଆବାସିକ କାର୍ଯ୍ୟାଳୟର ଯୁକ୍ତିସଙ୍ଗତା ଓ ଯଥାର୍ଥତା ସପକ୍ଷରେ ମତ ପ୍ରକାଶ ପାଇଥିଲା, ଯାହା ଆଜିର ପୃଷ୍ଠଭୂମିରେ ମଧ୍ୟ ପ୍ରାସଙ୍ଗିକ।

ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ମୁଖ୍ୟ କାର୍ଯ୍ୟାଳୟ ଓ ଏହାର ଶାଖାକୁ କର୍ମଚାରୀଙ୍କ ବାସସ୍ଥାନ ସହିତ ଯୋଡ଼ିବା କଷ୍ଟକର ନୁହେଁ। ଯଦି ସେଭଳି କିଛି ନିହାତି ଆବଶ୍ୟକ ନଥିବ ତେବେ ଜଣେ କର୍ମଚାରୀ ଘରେ ବସି କାମ କରିବାରେ ଅସୁବିଧା କିମ୍ବା ଅସଙ୍ଗତି ନାହିଁ। ଏହାଦ୍ୱାରା ଘରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାଆସିବାରେ ହେଉଥିବା ସମୟ, ଶକ୍ତି, ଅର୍ଥ ଓ ଇନ୍ଧନ ଅପଚୟ ଏବଂ କାର୍ଯ୍ୟାଳୟର ଅଟ୍ଟାଳିକା ପାଇଁ ଜମି ଆବଶ୍ୟକତା ଓ ରକ୍ଷଣାବେକ୍ଷଣଜନିତ ବିପୁଳ ଖର୍ଚ୍ଚକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇପାରିବ। ପ୍ରଦୂଷଣ, ବିଶ୍ୱ ତାପନ ସମସ୍ୟା ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ହୋଇପାରିବ। ଘରେ ରହି କାମ କରିବାର ସୁଯୋଗ ପାଇଲେ କର୍ମଚାରୀମାନେ ସଂସ୍ଥା ପାଇଁ ଅଧିକ ସମୟ ଦେଇପାରିବେ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବ। ଉପରୋକ୍ତ କାରଣଗୁଡ଼ିକୁ ଗ୍ରହଣ କରି ଅଧିକାଂଶ ପାଶ୍ଚାତ୍ୟ ଦେଶରେ ଆବାସିକ କାର୍ଯ୍ୟାଳୟ ବିକଳ୍ପ କ୍ରମଶଃ ଗ୍ରହଣୀୟ ହେଉଛି। ଯଦି ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆନ୍ତରିକତାର ସହିତ ଆବାସିକ କାର୍ଯ୍ୟାଳୟ ବିକଳ୍ପ ସମ୍ବନ୍ଧରେ ବିଚାର କରାଯାଏ ତେବେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରନ୍ତା।

ଅବଶ୍ୟ ଏହି ବିକଳ୍ପ ବା ପରୀକ୍ଷାନିରୀକ୍ଷାର ସଫଳତା ନିର୍ଭର କରୁଛି ସୂଚନା ପ୍ରଯୁକ୍ତି ସେବାର ଗୁଣାତ୍ମକ ମାନ ଏବଂ ତାହାର ସଫଳ ଉପଯୋଗିତା ଉପରେ। ଓଡ଼ିଶା ସମେତ ଭାରତର ଅଧିକାଂଶ ରାଜ୍ୟର ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଆଶାନୁରୂପ ନୁହେଁ। ଯଦିବା ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ପର୍ଯ୍ୟାପ୍ତ ବିକାଶ କରି ଆବାସିକ କାର୍ଯ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୁଏ ତେବେ ମଧ୍ୟ ଏହାର ନିରବଚ୍ଛିନ୍ନ ସେବା, କର୍ମଚାରୀଙ୍କ ମାନସିକତା ଓ ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ଏକାଧିକ ପ୍ରଶ୍ନ ସୃଷ୍ଟି କରୁଛି। ଘରେ ବସି କାମ କରିବାର ସୁଯୋଗ ଯଦି ଠକାମି ବା ଅଳସୁଆ ପ୍ରବୃତ୍ତିକୁ ଜନ୍ମ ଦିଏ ତେବେ ମୂଳ ଉଦ୍ଦେଶ୍ୟ ସାକାର ହୋଇପାରିବ ନାହିଁ। ଏତଦ୍‌ବ୍ୟତୀତ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠାନ/ସଂସ୍ଥାର ଉପରସ୍ତରରେ ଥିବା ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ନିର୍ଣ୍ଣାୟକ ସାବ୍ୟସ୍ତ ହୁଏ। ସେହିଦୃଷ୍ଟିରୁ ପ୍ରଥମେ ପରିଚାଳନାଗତ ଢାଞ୍ଚାରେ ଆବଶ୍ୟକ ସଂସ୍କାର ଜରିଆରେ ଦକ୍ଷତା ବୃଦ୍ଧି ଆବଶ୍ୟକ।

ଭାରତୀୟ କର୍ମସଂସ୍କୃତିର ଏକ ଅଲିଖିତ ପ୍ରଥା ଶାରୀରିକ ଉପସ୍ଥିତି ଓ ତଦାରଖ ମାନସିକତା ସହିତ ଜଡ଼ିତ। ବ୍ରିଟିଶ୍ ଅମଳରୁ ଚାଲିଆସିଥିବା ଏହି କର୍ମସଂସ୍କୃତି ନବ୍ୟ ଆଧୁନିକ ଅର୍ଥନୀତିରେ ମଧ୍ୟ ସେଭଳି ସଂଶୋଧିତ ହୋଇନାହିଁ କି ଏ ଦିଗରେ ପ୍ରୟାସ ମଧ୍ୟ ଆରମ୍ଭ ହୋଇନାହିଁ। ଆଜି ମଧ୍ୟ ଉପସ୍ଥାନ ବା ମୁଣ୍ଡଗଣତି ଭିତ୍ତିକ ବା ମୁହଁଚହାଁ କାର୍ଯ୍ୟ ପରିବେଶକୁ ଭାରତର କର୍ପୋରେଟ୍ ମାନବ ସମ୍ବଳ ବିଭାଗ ଅଗ୍ରାଧିକାର ଦେଇଆସିଛି ଏବଂ ଏହା ହିଁ ଉତ୍ପାଦକତା ବୃଦ୍ଧିର ଅପରିହାର୍ଯ୍ୟ ମାର୍ଗ ଗୃହୀତ ହୋଇଛି। କିନ୍ତୁ ବାସ୍ତବତା ହେଉଛି ଆଜିର ନବନିଯୁକ୍ତ ଯୁବବର୍ଗ ଏକ ପରିବର୍ତ୍ତନଶୀଳ ସାବଲୀଳ ଓ ସ୍ୱାଧୀନ କର୍ମପରିବେଶକୁ ପସନ୍ଦ କରୁଥିବା ବେଳେ ପ୍ରଶାସନର ଉପର ଧାଡ଼ିରେ ବସିଥିବା ପରିଚାଳକ ବା ପ୍ରଶାସକମାନେ ଏ ପର୍ଯ୍ୟନ୍ତ ପାରମ୍ପରିକ ରୂଢ଼ିବାଦୀ ମାନସିକତାକୁ ପରିହାର କରି ପାରିନାହାନ୍ତି। କର୍ପୋରେଟ୍ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ସହକର୍ମୀଙ୍କ ସମ୍ମୁଖରେ ଅଧସ୍ତନମାନଙ୍କୁ ତାଗିଦ୍ କରିବାରେ ମିଳୁଥିବା ଆତ୍ମତୃପ୍ତି ଆବାସିକ କାର୍ଯ୍ୟାଳୟ(ୱାର୍କ ଫ୍ରମ ହୋମ୍) କର୍ମସଂସ୍କୃତିରେ ସମ୍ଭବ ନୁହେଁ। ତେଣୁ ଭାରତୀୟ 'ବସ୍'ମାନେ କେତେଦୂର ସେମାନଙ୍କ ପଦପଦବୀର ଅହଂ ପ୍ରଦର୍ଶନର ଆତୁରତା(ବସ୍‌ଗିରି)କୁ ପରିହାର କରିପାରିବେ ତାହା ଉପରେ ଆବାସିକ କାର୍ଯ୍ୟାଳୟର ସଫଳତା ନିର୍ଭର କରୁଛି।

ଏସବୁ ବିରୋଧାଭାସ ସତ୍ତ୍ୱେ ପରିବର୍ତ୍ତନର ଆହ୍ୱାନକୁ ଦୀର୍ଘଦିନ ଧରି ଏଡ଼ାଇ ଚାଲିବା ଅସମ୍ଭବ। କର୍ମଚାରୀ ମହଲରେ ମତ ପ୍ରକାଶ ପାଉଛି ଯେ ଯଦି ଘରେ ବସି ବଜାରର ସେବା ମିଳିପାରୁଛି ତେବେ କାର୍ଯ୍ୟ ସମ୍ପାଦନରେ କୁଣ୍ଠା କାହିଁକି? ସହର ଦ୍ରୁତ ସମ୍ପ୍ରସାରିତ ହେବା ସହିତ ଆବାସଠାରୁ କାର୍ଯ୍ୟାଳୟର ଦୂରତା ଅସମ୍ଭବ ଭାବେ ବଢ଼ିବାରେ ଲାଗିଛି। ଏହି ଦୂରତ୍ୱ କର୍ମଚାରୀମାନଙ୍କର ସମୟ, ଅର୍ଥ ଅପଚୟ ସହିତ ଶାରୀରିକ ଦକ୍ଷତା, ଉତ୍ପାଦକତାକୁ ହ୍ରାସ କରୁଛି। ତେଣୁ ଏହାର ବିକଳ୍ପ ରୂପେ ଆବାସିକ କାର୍ଯ୍ୟାଳୟ ସଂସ୍କୃତିର ପରୀକ୍ଷା ଏକ ଅପେକ୍ଷା ରଖେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟର ପୃଷ୍ଠଭୂମିରେ ଭାରତରେ ଯଦି ଆବାସିକ କାର୍ଯ୍ୟାଳୟର ପରୀକ୍ଷା-ନିରୀକ୍ଷା ସଫଳ ହୁଏ ତେବେ ତାହାର ପ୍ରଭାବ ସୁଦୂରପ୍ରସାରୀ ହେବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର, କୋର୍ଟକଚେରି ମାମଲାର ତ୍ୱରିତ ଶୁଣାଣି, ପୁଲିସ-ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ସମ୍ପୂର୍ଣ୍ଣ ବ୍ୟବସ୍ଥା ଗତିଶୀଳ ହୋଇ ଶାସନ-ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇପାରିବ।

## ମିତବ୍ୟୟିତାର ଆବଶ୍ୟକତା ଓ ଆମ ବ୍ୟବସ୍ଥା

**ପ୍ରହଲାଦ କୁମାର ସିଂହ**

ମିତବ୍ୟୟିତା ଅବଲମ୍ବନ ପାଇଁ ପେଟ୍ରୋଲ, ଡିଜେଲ୍ ଓ ଖାଇବା ତେଲ ବ୍ୟବହାର କମାଇବା, ବିଦେଶ ଭ୍ରମଣକୁ ଏଡ଼ାଇବା, ଘରୁ କାମ କରିବା ଏବଂ ବର୍ଷକ ପର୍ଯ୍ୟନ୍ତ ସୁନା ନ କିଣିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦେଇଥିବା ଆହ୍ୱାନ ଘେନି ଚାରିଆଡ଼େ ଚର୍ଚ୍ଚା। ଏହାର ପ୍ରଭାବରେ ପ୍ରଧାନମନ୍ତ୍ରୀଙ୍କ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳଙ୍କ ସଦସ୍ୟମାନେ ସେମାନଙ୍କ ଥାଟବାଟ୍‌ରେ ଯାଉଥିବା କାର୍‌କେଡ୍‌ରେ ଗାଡ଼ି ସଂଖ୍ୟା କମାଇବା ଘେନି ଘୋଷଣା କରିଛନ୍ତି। ଆଉ କେତେକ ରାଜ୍ୟ ସରକାରୀ ଗାଡ଼ି ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଉପୁଜିଥିବା ବିଭ୍ରାଟ ଯୋଗୁଁ ମିତବ୍ୟୟିତାର ଆବଶ୍ୟକତା ଅଧିକ ଅନୁଭୂତ ହେଉଥିବା ବେଳେ ଏହି ଆହ୍ୱାନକୁ କେନ୍ଦ୍ର କରି ବିତର୍କ ସୃଷ୍ଟି ହୋଇଛି।

ଏକଥା ସତ ଯେ ଆମ ଦେଶରେ ଯେତେ ପରିମାଣର ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ୍ ଆଦି ବ୍ୟବହାର ହୁଏ ତାହାର ମୁଖ୍ୟାଂଶ ବିଦେଶରୁ ଆମଦାନି କରାଯାଇଥାଏ। ଯୁଦ୍ଧ ଯୋଗୁଁ ତୈଳ ଓ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଥିବାରୁ ଆମକୁ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏବେ ଅଶୋଧିତ ତୈଳ ଆମଦାନି ପାଇଁ ଭାରତ ବାର୍ଷିକ ପ୍ରାୟ ୧୫ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରୁଛି। ଗ୍ୟାସ୍ ପାଇଁ ତ ହାଣ୍ଡିଶାଳ ଉପରେ ମାଡ଼ ପଡ଼ିଛି। ଭାରତ ବିଦେଶରୁ ବାର୍ଷିକ ପାଖାପାଖି ୨ଲକ୍ଷ କୋଟି ଟଙ୍କାର ଖାଇବା ତେଲ ଓ ଦେଢ଼ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାସାୟନିକ ସାର ଆମଦାନି କରୁଥିବା କୁହାଯାଉଛି। ସୁନା କିଣିବା କ୍ଷେତ୍ରରେ ବି ବିଦେଶକୁ ଆମର ବାର୍ଷିକ ପାଖାପାଖି ଅଢ଼େଇ ଲକ୍ଷ କୋଟି ଟଙ୍କା ଚାଲିଯାଉଛି। ଏହି ତାଲିକା ଢେର ଲମ୍ବା।

ଭାରତକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ସରକାରରେ ଥିବା ବେଳେ ବହୁ ଘୋଷଣା କରି ଆସିଛନ୍ତି। କିନ୍ତୁ ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ବାଣିଜ୍ୟିକ ନିଅଣ୍ଟ ସଂକ୍ରାନ୍ତରେ ଯେଉଁ ପରିସଂଖ୍ୟାନ ରହିଛି ସେଥିରେ ରପ୍ତାନୀ ଅପେକ୍ଷା ଆମଦାନି ଅଧିକ ହେଉଥିବାରୁ ଆମର ଆର୍ଥିକ ବ୍ୟବସ୍ଥା ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଥିବା ସ୍ପଷ୍ଟ। ୧୯୫୦-୫୧ରୁ ଏଯାବତ୍ ମାତ୍ର ୨ଟି ଆର୍ଥିକ ବର୍ଷ ୧୯୭୨-୭୩ ଓ ୧୯୭୬-୭୭କୁ ଛାଡ଼ିଦେଲେ ଅନ୍ୟ ସବୁ ବର୍ଷ ଆମର ବାଣିଜ୍ୟିକ ନିଅଣ୍ଟ ଲାଗିରହୁଛି। ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ତାହା ୨୩, ୯୪, ୭୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ କହୁଛି। ଗତ ଆର୍ଥିକ ବର୍ଷର ବାଣିଜ୍ୟିକ ନିଅଣ୍ଟ ପରିମାଣ ୧୧୯.୩୦ ବିଲିଅନ୍ ଆମେରିକୀୟ ଡଲାରରେ ପହଞ୍ଚିଥିବା କୁହାଯାଉଥିବା ବେଳେ ପରବର୍ତ୍ତୀ ଆର୍ଥିକ ସର୍ଭେ ରିପୋର୍ଟରୁ ଏହାର ବାସ୍ତବ ସ୍ଥିତି ଜଣାପଡ଼ିବ।

ବାଣିଜ୍ୟିକ ନିଅଣ୍ଟର ସିଧାସଳଖ କୁପ୍ରଭାବ ପଡୁଛି ଆମର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ। ଏହାଛଡ଼ା ଦେଶର ଋଣବୋଝ ବି ହୁହୁ ହୋଇ ବଢ଼ିବାରେ ଲାଗିଛି। ସ୍ୱାଧୀନୋତ୍ତର ଭାରତବର୍ଷରେ ଅନେକ ବିକାଶ ହୋଇଥିଲେ ମଧ୍ୟ ମନ୍ଦିରକୁ ମୁଖଶାଳା ବଳିଗଲା ଭଳି ଆମର ଋଣବୋଝ ଆମ ବିକାଶକୁ ଚାପି ଦେଉଛି। ୧୯୪୭ରେ ଦେଶର ଦେଣା ୨୩୩୧ କୋଟି ୯୮ ଲକ୍ଷ ଟଙ୍କାରେ ସୀମିତ ଥିଲା। ଏହା ବଢ଼ିବଢ଼ି ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କା ହେଲାଣି। ରାଜ୍ୟ ସରକାରଗୁଡ଼ିକର ବି ଋଣ ବୋଝ ପ୍ରାୟ ୧୦୦ ଲକ୍ଷ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କର ୫୩, ୪୭, ୩୧୫ କୋଟି ଟଙ୍କାର ଯେଉଁ ବଜେଟ୍ ରହିଛି ସେଥିରୁ ପ୍ରାୟ ୨୪ ପ୍ରତିଶତ ଋଣରୁ ଆସିବ ଏବଂ ସୁଧ ଆଦି ଦେୟ ବାବଦରେ ୨୦ ପ୍ରତିଶତ ଖର୍ଚ୍ଚ ହେବ। ଏ ବର୍ଷ କେନ୍ଦ୍ର ସରକାର ୧୭.୨ ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଡଲାରର ବିନିମୟ ମୂଲ୍ୟ ଭାରତୀୟ ଟଙ୍କାରେ ବଢ଼ିବଢ଼ି ଚାଲିଛି। ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ଟଙ୍କା ୯୭ ପଇସା ଥିବା ବେଳେ ଏବେ ତାହା ପ୍ରାୟ ୯୬ ଟଙ୍କାରେ ପହଞ୍ଚିଲାଣି।

ଏଭଳି ସ୍ଥିତିରେ ସ୍ୱଦେଶୀ, ସ୍ୱାବଲମ୍ବନ, ସ୍ୱାଭିମାନ ଓ ସମାଜବାଦକୁ ଅଣଦେଖା କରି ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାକୁ ବଢ଼ାଇବା ଫଳରେ ଆର୍ଥିକ, ସାମାଜିକ ଓ ରାଜନୈତିକ ବୈଷମ୍ୟ ବୃଦ୍ଧି ପାଉଛି। ପ୍ରକାଶିତ ରିପୋର୍ଟ ମୁତାବକ ଆମ ଦେଶର ଧନୀ ଲୋକମାନଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୯୦ ଭାଗ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୪୦.୬ ପ୍ରତିଶତ ଠୁଳ ହୋଇଛି। ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ଭାରତରେ ରୁହନ୍ତି। ଅନ୍ୟପକ୍ଷରେ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହୁଏ ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକ ଭରଣା କରିଥା'ନ୍ତି। ଆଳସ୍ୟ, ଦାରିଦ୍ର୍ୟ, ଦୁର୍ନୀତି, ନିଶା ଓ ହିଂସା ଆମ ଜନଜୀବନକୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ବେକାରୀ, ବେରୋଜଗାରୀ ଓ ଦରଦାମ୍ ବୃଦ୍ଧିରେ ସାଧାରଣ ଲୋକେ ଅସ୍ତବ୍ୟସ୍ତ।

ସ୍ୱାଭିମାନ ଓ ଆତ୍ମନିର୍ଭରଶୀଳତାର ମାର୍ଗରେ ଯିବା ପରିବର୍ତ୍ତେ ଲୋକଙ୍କୁ ବିଭିନ୍ନ ମାଗଣା ଯୋଜନା, ନିଶା, ଅପରାଧ ଆଦିରେ ଛନ୍ଦି ଦିଆଯାଉଛି। ମାଗଣା ଯୋଜନା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଆମ ଦେଶର ୮୧କୋଟି ୩୫ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଗହମ ବଣ୍ଟା ଯାଉଛି। ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା କରି ବାଣ୍ଟିବା କାମ ଚାଲିଥିବା ବେଳେ ମଧୁବାବୁ ପେନ୍‌ସନ୍ ଯୋଜନା ଓ ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ୫୭ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅର୍ଥ ବଣ୍ଟା ଚାଲିଛି। ସାରା ଦେଶରେ ଏହି ଧାରା ପ୍ରତିଯୋଗିତାଭିତ୍ତିରେ ଲାଗିଛି। ୫ଟଙ୍କିଆ ଆହାରଠାରୁ ଆଉ ବହୁ ମାଗଣା ଯୋଜନା ଆମ ବ୍ୟବସ୍ଥା ଉପରେ ଭାରି ପଡୁଛନ୍ତି। ଖୋଦ୍ ରିଜର୍ଭ ବ୍ୟାଙ୍କ ମଧ୍ୟ ମାଗଣା ଯୋଜନା ବ୍ୟବସ୍ଥା ଘେନି ବାରମ୍ବାର ଚିନ୍ତାବ୍ୟକ୍ତ କରୁଛନ୍ତି। କିନ୍ତୁ ତାହାର କିଛି ପ୍ରଭାବ ପଡୁନାହିଁ।

ମିତବ୍ୟୟିତା ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ଦେଖାଯାଏ ଯେ ରାଜନୈତିକ, ପ୍ରଶାସନିକ, ସାମାଜିକ ଆଦି କ୍ଷେତ୍ରରେ ନେତୃତ୍ୱ ନେଉଥିବା ବହୁ ବ୍ୟକ୍ତି ଅପବ୍ୟୟରେ ମାତି ଅନ୍ୟମାନଙ୍କ ପାଇଁ ଖରାପ ଉଦାହରଣ ସୃଷ୍ଟି କରନ୍ତି। କଳାଧନର ପାହାଡ଼ ଉପରେ ବସି ଗରିବଙ୍କ ଟିକସ ପଇସା ଓ ଋଣ ଅର୍ଥରେ ମଉଜ କରୁଥିବା ଶାସକ/ସେବକମାନଙ୍କ ପାଇଁ ସ୍ୱଚ୍ଛତା, ମିତବ୍ୟୟିତା ସତେଯେମିତି ଅପହଞ୍ଚ ଇଲାକା ହୋଇରହିଛି। ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମା'ରମାଦେବୀ, ଗୁଲଜାରିଲାଲ ନନ୍ଦା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଲାଲବାହାଦୂର ଶାସ୍ତ୍ରୀ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାଶଙ୍କ ଭଳି ନେତାମାନେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ମିତବ୍ୟୟିତା, ସାଧୁତା, ଦେଶପ୍ରେମ ଆଦିର ଯେଉଁ ଛାପ ଛାଡ଼ିଯାଇଛନ୍ତି ତାହାକୁ ବର୍ତ୍ତମାନର ପିଢ଼ି ଅନୁସରଣ କଲେ ବହୁ ସମସ୍ୟାର ସମାଧାନ ହେବା ସହିତ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଆଦର୍ଶ ବିଶ୍ୱ ଆଗରେ ଆମେ ରଖିପାରିବା।

ବିଜୁ ପଟ୍ଟନାୟକ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମିତବ୍ୟୟିତା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଯେଉଁ ମନ୍ତ୍ରୀମାନଙ୍କର ଭୁବନେଶ୍ୱରରେ ଘର ଅଛି ସେମାନେ ସରକାରୀ କ୍ୱାର୍ଟର୍ସ ନରଖିବା, ମୁଖ୍ୟମନ୍ତ୍ରୀଙ୍କଠାରୁ ସମସ୍ତ ମନ୍ତ୍ରୀ, ମୁଖ୍ୟ ସଚିବଙ୍କଠାରୁ ସମସ୍ତ ସଚିବ ଓ କ୍ଷେତ୍ର ଅଧିକାରୀମାନେ ସପ୍ତାହରେ ପ୍ରତି ଶନିବାର ଓ ରବିବାର ଦିନ ସରକାରୀ ଗାଡ଼ି ବ୍ୟବହାର ନକରିବା, ବ୍ୟକ୍ତିଗତ ଓ ଘରୋଇ କାର୍ଯ୍ୟରେ ସରକାରୀ ସୁବିଧା ସୁଯୋଗର ଦୁରୁପଯୋଗ ନକରିବା ଆଦି କଟକଣା ସେତେବେଳେ ଲାଗିଥିଲା। ଏବେ ତାହାର ପୁନରାବୃତ୍ତି କରାଯାଇପାରିବ କି? ତଳୁ ଉପର ପର୍ଯ୍ୟନ୍ତ ଆମ ନେତା ଓ ଅଧିକାରୀମାନଙ୍କ ସୁରକ୍ଷା ଓ ଆଡ଼ମ୍ବର ପାଇଁ ଯେତେ ଅର୍ଥ ବରବାଦ ହେଉଛି ସେମାନେ ତାହା ଛାଡ଼ିପାରିବେ କି? ପ୍ରତିଟି ସରକାରୀ ଟଙ୍କାକୁ ଦୁର୍ନୀତି, ଭ୍ରଷ୍ଟାଚାରରୁ ରକ୍ଷା କରାଯାଇପାରିବ କି? ସରକାରୀ ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀ ଓ ଅଧିକାରୀମାନଙ୍କ ଲାଗି ଯେତୋଟି ସରକାରୀ ଗାଡ଼ି ଓ ସରକାରୀ କର୍ମଚାରୀ ନିୟୋଜନ ହେବା କଥା ତାହାର ଅଧା କାଣ୍ଟଛାଣ୍ଟ କରିପାରିବେ କି? ଯଦି ଗଙ୍ଗୋତ୍ରୀ ବିଷାକ୍ତ ହେବ ତେବେ ଗଙ୍ଗା ସାଗରରେ ସ୍ୱଚ୍ଛତା ରହିବ କେଉଁଠି? ଏ ପରିପ୍ରେକ୍ଷୀରେ ସର୍ବପ୍ରଥମେ ଦେଶକୁ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଦେଉଥିବା ନେତା ଓ ପ୍ରଶାସକମାନେ କାୟମନୋବାକ୍ୟରେ ମିତବ୍ୟୟିତା, ସାଧୁତା, ସ୍ୱଚ୍ଛତା ଓ ସଂଯମ ଅବଲମ୍ବନ କଲେ ତଥାକଥିତ ଧନିକ ବର୍ଗଙ୍କୁ 'ଟ୍ରଷ୍ଟିସିପ୍' ମନ୍ତ୍ରରେ ଅଭିମନ୍ତ୍ରିତ କରାଇବା ପାଇଁ ଚାପ ପଡ଼ିପାରିବ। ସାଧାରଣ ଲୋକେ ବି ରାଷ୍ଟ୍ରର ହିତ ଦୃଷ୍ଟିରୁ ମିତବ୍ୟୟିତା ସହିତ ଶୃଙ୍ଖଳାକୁ ଆପଣାଇବେ।

ପ୍ରତିକୂଳ ପରିସ୍ଥିତି ସଶକ୍ତ ହେବା ପାଇଁ ପ୍ରେରଣା ଦେଇଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧଜନିତ ପରିସ୍ଥିତି ସହିତ ବାଣିଜ୍ୟିକ ନିଅଣ୍ଟ, ଋଣବୋଝ, ଆର୍ଥିକ ବୈଷମ୍ୟ, ପରମୁଖାପେକ୍ଷିତା, ନିଶା, ହିଂସା, ଦୁର୍ନୀତି, କଳାଧନ, ଅପରାଧ ଆଦିର ନକାରାତ୍ମକ ବାତାବରଣରୁ ମୁକୁଳି ଆମକୁ ସକାରାତ୍ମକ ମାର୍ଗରେ ସମୃଦ୍ଧ ଭାରତ ନିର୍ମାଣ ପାଇଁ ଆଗେଇବାକୁ ପଡ଼ିବ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନାବରଣ ପ୍ରତିବଦଳରେ ଯେଉଁ ସ୍ୱାଧୀନତା ହାସଲ କରାଯାଇଛି ତାହାକୁ ବିଷବଳୟରୁ ରକ୍ଷା କରିବା ପାଇଁ ପୁଣି ଆମକୁ ତ୍ୟାଗ ଓ ସେବାର ମନ୍ତ୍ରରେ ଅଭିମନ୍ତ୍ରିତ ହେବାକୁ ପଡ଼ିବ। ଦେଶ ବଡ଼ ହେଲେ ଆମେ ସମସ୍ତେ ବଡ଼ ହେବା। ସର୍ବପ୍ରଥମେ ଆମ ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ତା'ପରେ ଆଉ ଯାହାକିଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଅନିୟନ୍ତ୍ରିତ ବିସ୍ତାରିତ ସହର

**ଅରିଜିତ ମିଶ୍ର**

'ସହର' ଆଧୁନିକ ସମୟର ଏକ ଉନ୍ନତିମୂଳକ ଦୃଷ୍ଟାନ୍ତ। ବର୍ତ୍ତମାନର ଆଧୁନିକ ସମାଜ ସହରୀ ଜୀବନରେ ଚଳିବା ନିମନ୍ତେ ଶତଚେଷ୍ଟିତ। ସେଥିପାଇଁ ସହରମାନଙ୍କର ସଂଖ୍ୟା ଏବଂ ସହରର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। ମଣିଷର ମାନସିକତା ହେଉଛି ହାତ ପାଖରେ ସବୁ ସୁବିଧା ମିଳିବା ଦରକାର, ଯେପରିକି ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ଶିଳ୍ପାୟନ, ବିଦ୍ୟୁତ୍ ଓ ଜଳ ସୁବିଧା ଇତ୍ୟାଦି। ମୁଖ୍ୟତଃ ଗ୍ରାମାଞ୍ଚଳର ଯୁବବର୍ଗ ଚାକିରି ଓ ଶିକ୍ଷା ଅନ୍ୱେଷଣରେ ବର୍ତ୍ତମାନ ସହର ମୁହାଁ।

ସହରମାନଙ୍କରେ ଜନସଂଖ୍ୟା ଏବଂ ଗୃହ ସଂଖ୍ୟା ବଢ଼ିବା ଦ୍ୱାରା ଗୃହୋପଯୋଗୀ ଜମିର ଅଭାବ ଦେଖାଦେଉଛି। ତେଣୁ ସହର ନିକଟସ୍ଥ ଚାଷ ଜମି, ଜଙ୍ଗଲ, ନଦୀ କୂଳ, ସମୁଦ୍ର କୂଳ ଆଦି ଜମିଗୁଡ଼ିକ ଧୀରେ ଧୀରେ ସହର ଉପକଣ୍ଠ ଅଞ୍ଚଳରେ ଅନିୟନ୍ତ୍ରିତ ଭାବରେ ବିସ୍ତାର କଲାଣି। ଭାରତରେ ବର୍ତ୍ତମାନ ବଡ଼ ସହରଗୁଡ଼ିକର ଆକାରରେ ୫% ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ୨% ରୁ ୪% ବୃଦ୍ଧି ପାଉଛି। ଦିଲ୍ଲୀରେ ୧୯୯୦ ମସିହା ପରେ ୪% ସହରର ଆକାର ବୃଦ୍ଧି ପାଇଛି। ବିଶେଷକରି ଗୁଡଗାଁଓ, ନୋଏଡ଼ା, ଗାଜିଆବାଦ ଆଦି ଅଞ୍ଚଳର ଦ୍ରୁତ ସମ୍ପ୍ରସାରଣ ଘଟିଛି। ମୁମ୍ବାଇ ସହରରେ ସୀମିତ ଜମି ଥିବାରୁ ଉଚ୍ଚ ଅଟ୍ଟାଳିକାର ନିର୍ମାଣ ବୃଦ୍ଧି ପାଇଛି। ନବି ମୁମ୍ବାଇ, ଥାନେ ପରି କେତେକ ଅଞ୍ଚଳ ବଢ଼ି ସମ୍ପୂର୍ଣ୍ଣ ମୁମ୍ବାଇର ଆକାର ୩% ବୃଦ୍ଧି ପାଇଛି। କର୍ଣ୍ଣାଟକର ବେଙ୍ଗାଲୁରୁ ସହର ପ୍ରଯୁକ୍ତିବିଦ୍ୟାର ମାତ୍ରାଧିକ ଅନୁଷ୍ଠାନ ହେବା ଦ୍ୱାରା ତାହାର ସୀମା ୨୦୦ ବର୍ଗ କିଲୋମିଟରରୁ ବୃଦ୍ଧି ପାଇ ୮୦୦ ବର୍ଗ କିଲୋମିଟରରେ ପହଁଚିଛି। ସେହିପରି ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହର ବର୍ତ୍ତମାନ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ସହରମାନଙ୍କ ମଧ୍ୟରୁ ଅନ୍ୟତମ। କ୍ରମଶଃ ଭୁବନେଶ୍ୱର ଓ କଟକ ସହରର ମଧ୍ୟବର୍ତ୍ତୀ ଅଞ୍ଚଳ ପାହାଲ, ନଖରା, ବାଲିକୁଦା ଆଦିକୁ ଦେଖିଲେ ଜାଣି ହେଉନି କିଏ ଭୁବନେଶ୍ୱର କିଏ କଟକ! ଭୁବନେଶ୍ୱରରେ ବରମୁଣ୍ଡା ଠାରୁ ଖଣ୍ଡଗିରି, ଆଇଗିଣିଆ, ପିତାପଲ୍ଲୀ ଆଦି ଉପକଣ୍ଠ ଅଞ୍ଚଳ ଏବେ ଖୋର୍ଦ୍ଧା ସହର ନିକଟତର ହେଲାଣି। ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟ ଭୁବନେଶ୍ୱର ସହର ସହିତ ମିଶିବାକୁ ଉଦ୍ୟତ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରାସ୍ତା ଠାରୁ ବାରଙ୍ଗ, ତ୍ରିଶୁଳିଆ ଅଞ୍ଚଳ ଏବେ ସହରୀ ସଭ୍ୟତାରେ ଅବତୀର୍ଣ୍ଣ। ଜନସଂଖ୍ୟାର ଘନତ୍ୱ ବୃଦ୍ଧି ହେବା ଫଳରେ କଟକ ସହରର ଆକାରରେ ୨% ବିସ୍ତାର ହୋଇ ଭୁବନେଶ୍ୱର ସହିତ ମିଶ୍ରଣ ଘଟିଲାଣି।

ସବୁଠାରୁ ବଡ଼ ସମସ୍ୟା ହେଉଛି ସହର ଓ ସହର ତଳିମାନଙ୍କରେ ବସ୍ତି ଓ ବସ୍ତିବାସିନ୍ଦାଙ୍କ ସଂଖ୍ୟା ବୃଦ୍ଧି ପାଇବା। ସହର ଭିତରେ ଶସ୍ତା ଘର ମିଳୁ ନ ଥିବାରୁ ଉପକଣ୍ଠରେ ଥିବା ସରକାରୀ ଜମି ବା ଗୋଚର ଜମିକୁ ଜବରଦଖଲ କରି ବସ୍ତି ନିର୍ମାଣ ହେଉଛି। ଭାରତର ବଡ଼ ସହରଗୁଡ଼ିକରେ ବସ୍ତିବାସିନ୍ଦାଙ୍କ ମାତ୍ରା ୪୦% ଥିବା ବେଳେ ଓଡ଼ିଶାରେ ୨୫% ରହିଛି। ବସ୍ତି ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ପରିବେଶ ଅସ୍ୱଚ୍ଛ ହେବା ସହିତ ସ୍ୱାସ୍ଥ୍ୟ, ଖାଦ୍ୟ ଓ ପାନୀୟରେ ସମସ୍ୟା ଏବଂ ବିଭିନ୍ନ ପ୍ରକାରର ଅପରାଧ ବୃଦ୍ଧି ପାଏ।

ଏହାର ନିୟନ୍ତ୍ରଣ ନିହାତି ଆବଶ୍ୟକ। ମୁଖ୍ୟତଃ ସରକାରୀ ସ୍ତରରେ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଯେଉଁ ସହର ଉପକଣ୍ଠ ଚାଷ ଜମିଗୁଡ଼ିକୁ ଲୋକେ ବିକିବା ପାଇଁ ଘରବାଡ଼ି ପଟ୍ଟା କରୁଛନ୍ତି, ସେଥିରେ ନିହାତି ନିୟନ୍ତ୍ରଣ ଲାଗିବା ଜରୁରୀ। ଦୀର୍ଘମିଆଦୀ ସହରୀ ଯୋଜନା କରିବା ସହିତ ସହରର ଚତୁଃର୍ପାଶ୍ୱକୁ ଗଛ ଲଗାଇ ସବୁଜ ସୁନ୍ଦର କଲେ ପରିବେଶ ପାଇଁ ଭଲ। ସରକାରୀ ସ୍ତରରେ ଭୂମିହୀନମାନଙ୍କୁ 'ଜାଗା ମିଶନ୍' ମାଧ୍ୟମରେ ଭୂମି ଓ ଗୃହ ବଣ୍ଟନ ହେଉଛି। ଏହି ମାତ୍ରା ସଠିକ୍ ରୂପେ ପରିଚାଳନା ହେଲେ ଆଗକୁ ବିଶେଷ ଭାବରେ ବସ୍ତିବାସିନ୍ଦାଙ୍କ ସଂଖ୍ୟା କମିଯିବ। ଗାଁରେ ଯୁବବର୍ଗଙ୍କ ପାଇଁ ରୋଜଗାରର ରାସ୍ତା ସୃଷ୍ଟି ହେଲେ ମଙ୍ଗଳପ୍ରଦ। ଯାହା ଫଳରେ ସେମାନେ ସହରାଭିମୁଖୀ ନହୋଇ ଗାଁରେ ରୋଜଗାରର ପନ୍ଥା ବାଛିବେ। ପ୍ରଦୂଷଣ ଜନିତ ସମସ୍ୟାକୁ ନିହାତି ଭାବରେ ଧ୍ୟାନ ଦେଲେ ମଣିଷ ଓ ସହରୀ ପରିବେଶ ବଞ୍ଚି ପାରିବ।

ସମସ୍ତ ଅସୁବିଧାର ନିରାକରଣ ଖାଲି ସରକାରଙ୍କ ହସ୍ତକୁ ଠେଲି ଦେଇ ବସିଗଲେ ହେବନି। ସେଥିପାଇଁ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଜରୁରୀ। ବର୍ତ୍ତମାନ ଓ ଭବିଷ୍ୟତରେ ସହରକୁ ଯେପରି ଏକ ସୁସ୍ଥ ପରିବେଶ ମଧ୍ୟରେ ରଖିପାରିବା ସେଥିନିମିତ୍ତ ଜନସାଧାରଣଙ୍କ ଏକତା ଓ ନିଃସ୍ୱାର୍ଥ ସହଯୋଗ ଅତ୍ୟନ୍ତ କାମ୍ୟ।

ବୀରନରସିଂହପୁର(ପୁରୀ),
ମୋ: ୯୦୪୦୩୫୦୦୮୯

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଅଭିଲେଖଗୁଡ଼ିକ ପ୍ରାକୃତ, ଗ୍ରୀକ୍ ତଥା ଆରାମିକ ଭାଷାରେ ଲିଖିତ। ଆଫଗାନିସ୍ତାନରେ ଲିଖିତ ଅଭିଲେଖ ସବୁରେ ଆରାମିକ ତଥା ଗ୍ରୀକ୍ ଲିପି ବ୍ୟବହାର କରାଯାଇଥିବା ବେଳେ ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ ମାନସେହରା ତଥା ଶାହବାଜଗଡ଼ି ନିମନ୍ତେ ଖରୋଷ୍ଠୀ ଲିପି ଏବଂ ସାମ୍ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳ ନିମନ୍ତେ ବ୍ରାହ୍ମୀ ଲିପି ବ୍ୟବହାର କରାଯାଇଥିଲା।

ଅଶୋକଙ୍କ ଅଭିଲେଖଗୁଡ଼ିକୁ ସାଧାରଣ ଭାବେ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା ଯେଉଁଗୁଡ଼ିକ ପଥର ଚଟାଣ ଉପରେ ଖୋଦିତ ଏବଂ ଅନ୍ୟଟି ହେଉଛି ପଥର ତିଆରି ସ୍ତମ୍ଭରେ ଖୋଦିତ। ସେହିଭଳି ପଥର ଚଟାଣରେ ଖୋଦିତ ଶିଳାଲେଖଗୁଡ଼ିକ ମଧ୍ୟ ତିନିଗୋଟି ଭାଗରେ ବିଭକ୍ତ - ଶିଳା ଲିପି, କ୍ଷୁଦ୍ର ଶିଳାଲିପି ଓ ଗୁମ୍ଫା ଲେଖ।

ଷଷ୍ଠ ସ୍ତମ୍ଭଲେଖ ଅନୁଯାୟୀ ଅଶୋକ ଧର୍ମ ସମ୍ପର୍କୀୟ ଲେଖମାନ ରାଜ୍ୟାଭିଷେକର ବାରବର୍ଷ ପରେ (ଖ୍ରୀ. ପୂ. ୨୬୯) ଅଥବା ରାଜ୍ୟ ଶାସନରେ ତ୍ରୟୋଦଶ ବର୍ଷ ପରେ (ଖ୍ରୀ.ପୂ. ୨୫୭) ପ୍ରବର୍ତ୍ତନ କରିବା ଆରମ୍ଭ କଲେ। ସେ ପ୍ରଥମେ କ୍ଷୁଦ୍ର ଶିଳାଲିପି ମାନ ଖୋଦନ କରାଇଥିଲେ। ଏହାର ଅଳ୍ପକାଳ ପରେ ଶିଳାଲିପିଗୁଡ଼ିକ ପ୍ରବର୍ତ୍ତନ କରାଇଲେ। ତ୍ରୟୋଦଶ ଶିଳାଲିପି ଅଶୋକଙ୍କ ରାଜ୍ୟଶାସନର ନବମ ବର୍ଷରେ ଏବଂ ଅଷ୍ଟମ ଶିଳାଲିପି ଶାସନର ଏକାଦଶ ବର୍ଷରେ ଜାରି କରାଯାଇଥିଲା। ଏଗୁଡ଼ିକ ତାଙ୍କର ବିଗତ ବର୍ଷ ମଧ୍ୟରେ ସଂଘଟିତ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମକୁ ନେଇ ପ୍ରବର୍ତ୍ତିତ କରାଯାଇଥିଲା। ତୃତୀୟ ତଥା ଚତୁର୍ଥ ଶିଳାଲିପି ତାଙ୍କ ଶାସନର ତ୍ରୟୋଦଶ ବର୍ଷରେ ଏବଂ ପଞ୍ଚମ ଶିଳାଲିପି ଶାସନର ଚତୁର୍ଦ୍ଦଶ ବର୍ଷରେ ପ୍ରବର୍ତ୍ତିତ ହୋଇଥିଲା। ତିନିଗୋଟି ଗୁମ୍ଫାଲେଖ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଲେଖ ଶାସନର ତ୍ରୟୋଦଶ ବର୍ଷରେ ଖୋଦିତ ହେବା ସହ ତୃତୀୟଟି ଶାସନର ବିଂଶ ବର୍ଷରେ ଖୋଦିତ ହୋଇଥିଲା।

ସ୍ତମ୍ଭଲେଖଗୁଡ଼ିକ ମଧ୍ୟରୁ କ୍ଷୁଦ୍ର ସ୍ତମ୍ଭଲେଖରେ କୌଣସି ନିର୍ଦ୍ଦିଷ୍ଟ ସମୟର ଉଲ୍ଲେଖ ନାହିଁ। ଦୁଇଟିଯାକ ସ୍ତମ୍ଭଲେଖ ଶାସନର ଏକବିଂଶ ବର୍ଷରେ ଖୋଦିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଶୋକଙ୍କ ଶାସନର ପଞ୍ଚଦଶ ବର୍ଷର ଘଟଣାକ୍ରମ ସହ ସଂପର୍କିତ। ପ୍ରଥମ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ତମ୍ଭ ଲେଖମାନ ତାଙ୍କ ଶାସନ ସପ୍ତବିଂଶ ବର୍ଷରେ ଖୋଦିତ ହୋଇଥିଲା। ଷଷ୍ଠ ସ୍ତମ୍ଭଲେଖଟି ସମ୍ରାଟଙ୍କର ଶାସନର ତ୍ରୟୋଦଶ ବର୍ଷର ଏକ ଘଟଣାକ୍ରମ ସଂପର୍କିତ ଥିଲା।

ଅଶୋକଙ୍କ ଶିଳାଲେଖଗୁଡ଼ିକ ଯେଉଁସବୁ ସ୍ଥାନମାନଙ୍କରେ ସ୍ଥାପନ କରାଯାଇଥିଲା, ସେଗୁଡ଼ିକ ସବୁ ଭୌଗୋଳିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେଗୁଡ଼ିକ ଯୋଜନାବଦ୍ଧ ଭାବେ ଜନବସତି ନିକଟରେ ଅଥବା ଗୁରୁତ୍ୱପୂର୍ଣ୍ଣ ଯାତ୍ରାମାର୍ଗରେ କିମ୍ବା ଧର୍ମସ୍ଥଳ ନିକଟରେ ସ୍ଥାପନ କରାଯାଉଥିଲା। ଯାହାଫଳରେ ସେଗୁଡ଼ିକ ଅଧିକସଂଖ୍ୟକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିବେ। ଯେଉଁ ସ୍ଥାନମାନଙ୍କରେ ଶିଳାଲେଖ ସ୍ଥାପନ କରାଯାଇଥିଲା ସେଗୁଡ଼ିକ ମୁଖତଃ ଛଅଗୋଟି ଅଞ୍ଚଳର ଚାଳିଶ ଗୋଟି ସ୍ଥଳ। ଅଞ୍ଚଳସବୁ ହେଲା ଉତ୍ତରଭାରତ, ଦକ୍ଷିଣଭାରତ, ପୂର୍ବଭାରତ, ପଶ୍ଚିମଭାରତ, ମଧ୍ୟଭାରତ ଏବଂ ଭାରତ ବାହାର ଥିବା ଅଞ୍ଚଳ। ଯେଉଁସବୁ ସ୍ଥାନରେ ଅବସ୍ଥିତ ସେଗୁଡ଼ିକ ହେଲା ଉତ୍ତର ଭାରତର ଅହରୌରା, ଏଲାହାବାଦ- କୋସମ, ଦିଲ୍ଲୀ- ମିରଟ ଓ ଦିଲ୍ଲୀ-ତୋପ୍ରା, କାଲାସୀ, ସାରନାଥ, ସୋହଗୌରା। ଦକ୍ଷିଣ ଭାରତର ବ୍ରହ୍ମଗିରି, ଗବୀ ମଠ, ମାସ୍କି, ପାଲକୀଗୁଣ୍ଡ, ରାଜୁଲା ମନ୍ଦାଗିରି, ସିଦ୍ଧାପୁର, ସୁବନ୍ତେଗିରି ଓ ୟେରାଗୁଡି। ପୂର୍ବ ଭାରତରେ ବରାବର ପାହାଡ଼ ଗୁମ୍ଫା, ଧଉଳି, ଜଉଗଡ଼, ଲଉରିୟା- ଅରାରାଜ, ଲଉରିୟା-ନନ୍ଦନଗଡ଼, ମହାସ୍ଥାନ, ପାଟଳୀପୁତ୍ର, ରାମପୂର୍ବା, ସହସ୍ରାମ ଓ ତାମ୍ରଲିପି।। ପଶ୍ଚିମ ଭାରତର ବଇରାତ, ଭରୁଚ, ଗିରନାର, ଜତିଙ୍ଗ-ରାମେଶ୍ୱର, ସୋପାରୀ ଓ ଉଜ୍ଜୟିନୀ। ମଧ୍ୟ ଭାରତର ଗୁଜରା, ରୂପନାଥ ଓ ସାଞ୍ଚି। ଭାରତ ବାହାର ଅଞ୍ଚଳରେ କାନ୍ଦାହାର, ଲମ୍ପିକ, ମାନସେହରା, ନିଗଳି- ସାଗର, ରୁମିନ୍ଦେଇ, ଶାହବାଜ ଗଡ଼ି ଓ ତକ୍ଷଶିଳା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚିତ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। କର୍ମଠ ଓ ସାହସୀ ହେବେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ସୁସ୍ଥ ଓ ନିରାମୟ ରହିବେ। ବ୍ୟବସାୟ ଲାଭଜନକ ହେବ। ମାଲି ମୋକଦ୍ଦମାରେ ବିଜୟୀ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି। ପରୋପକାରୀ ହେବେ।

**ସିଂହ:** ଅତିଥି ସତ୍କାର କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧନ ହେବ। ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ଦାନ ଧର୍ମ କରନ୍ତୁ।

**କନ୍ୟା:** ଭାଗ୍ୟଶାଳୀ ହେବେ। ମିତ୍ରଙ୍କଠାରୁ ସହାୟତା ମିଳିବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅନ୍ୟମାନଙ୍କୁ କଷ୍ଟ ଦେବା ପରି କଥା କୁହନ୍ତୁନି।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। କର୍ମଚଞ୍ଚଳ ରହିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଖର୍ଚ୍ଚ ବଢ଼ିପାରେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

# କେବଳ ଅଭିଯୁକ୍ତଙ୍କ ସହ ସଂପର୍କ ଆଇନଗତ ପ୍ରମାଣର ବିକଳ୍ପ ନୁହେଁ: ହାଇକୋର୍ଟ

## ପ୍ରାକ୍ତନ ଡିଏସ୍‌ପିଙ୍କ ପତ୍ନୀ ଓ ସହଯୋଗୀଙ୍କ ନାମରେ ଭିଜିଲାନ୍ସ ମାମଲା ରଦ୍ଦ

କଟକ, ୧୫।୫ (ସମିସ): ଦୁର୍ନୀତିନିରୋଧୀ ଆଇନର ଗମ୍ଭୀରତାକୁ ଆଧାର କରି ମନଇଚ୍ଛା ଜଣଙ୍କୁ ଅଭିଯୁକ୍ତ କରିବା ଠିକ୍ ନୁହେଁ। କେବଳ ମୁଖ୍ୟ ଅଭିଯୁକ୍ତଙ୍କ ସହ ସମ୍ପର୍କ କିମ୍ବା ସାଧାରଣ ସନ୍ଦେହ କୌଣସି ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପ୍ରମାଣର ବିକଳ୍ପ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଭାବେ ଭିଜିଲାନ୍ସ କେବଳ ଧାରଣା ବା ଅନୁମାନରେ କାମ ନ କରି ଅଧିକ ସଠିକତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ପୂର୍ବତନ ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକଙ୍କ ପତ୍ନୀ ବିଜୟଲକ୍ଷ୍ମୀ ନାୟକ ଏବଂ ତାଙ୍କର ଜଣେ ପରିଚିତ ଅନିଲ କୁମାର ତୋମାରଙ୍କ ବିରୋଧରେ ଚାଲିଥିବା ଭିଜିଲାନ୍ସ ମାମଲାକୁ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କ ବିରୋଧରେ ବାଲେଶ୍ୱର ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ)ଙ୍କ ଅଦାଲତରେ ଚାଲିଥିବା ଏହି ଅପରାଧିକ ମାମଲାକୁ ବି ଅଦାଲତ ରଦ୍ଦ କରିଛନ୍ତି। ୨୦୧୧ ମସିହାର ଏହି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରି ଜଷ୍ଟିସ୍ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପତ୍ତିର ମାଲିକାନା କିମ୍ବା ଆର୍ଥିକ କାରବାରର ଅଭିଯୋଗ କେବଳ ତଦନ୍ତ ସମୟରେ ସଂଗୃହୀତ ପ୍ରାଥମିକ ଦଲିଲ ଉପରେ ଆଧାରିତ ହେବା ଉଚିତ। କେବଳ କାହାର ନିକଟତର ହେବା କାରଣରୁ ସନ୍ଦେହ କରିବା ଏବଂ ଆଇନଗତ ଅପରାଧ ପାଇଁ ପ୍ରମାଣ ରହିବା ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ରହିବା ଆବଶ୍ୟକ। ଯେଉଁ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ ଆଧାର ନାହିଁ, ସେହିଭଳି ମାମଲାକୁ ବର୍ଷବର୍ଷ ଧରି ଜାରି ରଖିବା ଅନୁଚିତ ବୋଲି କହିଛନ୍ତି ହାଇକୋର୍ଟ। ଯଥେଷ୍ଟ ପ୍ରମାଣ ନଥାଇ ଆବେଦନକାରୀମାନଙ୍କୁ ବର୍ଷବର୍ଷ ଧରି ଏହି ମାମଲାରେ ଜଡ଼ିତ କରି ରଖାଯାଇଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ଗତ ୨୦୧୦ ମସିହାରେ ବଣାଇ ଏସ୍‌ଡିପିଓ ଥିବା ନଗେନ୍ଦ୍ର ପ୍ରସାଦ ନାୟକଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ମାମଲା କରିଥିଲା। ଏହି ମାମଲାରେ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଓ ସହଯୋଗୀ ଅନିଲ କୁମାରଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଏହା ବିରୋଧରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ପ୍ରମାଣ ପତ୍ର**

ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭୁବନେଶ୍ୱର, ତାରିଖ ୧୨.୦୫.୨୦୨୬ ସମ୍ମୁଖରେ ଏକ ଶପଥ ପତ୍ର ଅନୁଯାୟୀ, ମୁଁ ଜୟଦେବ ଶତପଥୀ, ବୟସ ୪୬ ବର୍ଷ, ପିତା - ସ୍ୱର୍ଗତ କିଶୋର ଚନ୍ଦ୍ର ଶତପଥୀ, ଠିକଣା - କୁମ୍ଭାର ଷ୍ଟ୍ରିଟ୍, ମାଲକାନଗିରି, ପୋଷ୍ଟ/ଥାନା/ଜିଲ୍ଲା- ମାଲକାନଗିରି, ପିନ୍ - ୭୬୪୦୪୫ ଏହାଦ୍ୱାରା ଘୋଷଣା କରୁଛି ଯେ ମୋର ନାବାଳକ ପୁଅର ନାମ ସାଇ ସିଦ୍ଧାନ୍ତ ଶତପଥୀ (ପୁରୁଣା ନାମ) ରୁ ସିଦ୍ଧାନ୍ତ ଶତପଥୀ (ନୂତନ ନାମ) ରେ ପରିବର୍ତ୍ତନ ହୋଇଛି। ଏଣିକି ସେ ସମସ୍ତ ଉଦ୍ଦେଶ୍ୟରେ **ସିଦ୍ଧାନ୍ତ ଶତପଥୀ** ଭାବରେ ପରିଚିତ ହେବେ।

ସ୍ୱା/- ଜୟଦେବ ଶତପଥୀ

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, NHM, SUNDARGARH**
**DISTRICT PROGRAMME MANAGEMENT UNIT, NHM**

10001/164/2627

SUNDARGARH, ODISHA, 770001
Contact No: 06622-272201, E-mail: dpmsundargarh@gmail.com
Letter No: 1771/DPMU/NHM/2026 Date: 15/05/2026

**NOTICE INVITING EOI FOR EMPANELLMENT OF AGENCY**

Sealed tenders/bids are hereby invited regarding empanelment of Agency/Supplier for following Items/services to office of the CDM & PHO, Sundargarh on annual rate contract basis of ZSS, Sundargarh.

1. Tender A- Empanelment of agency for supply of Printing related items
2. Tender B- Empanelment of agency for Providing Accomodation, Training venue and Food.
3. Tender C – Empanelment of agency for providing catering services.
4. Tender D – Empanelment of supplier for providing Computer Consumables & Stationary items.

Details bid documents for all above services may be downloaded from www.sundargarh.odisha.gov.in. Interested bidders have to submit separate bid of each of the above items/services. The sealed tender should reach the office of the undersigned on or before **08.06.2026 till 01:00 P.M** along with the required documents through Speed Post/Regd.post/Courier only. The tender will be opened on 09.06.2026 as per the time mentioned in bid documents in the office chamber of the undersigned. This office will not entertain any tender after the due date/time fixed for in any circumstances. The undersigned reserves the right to reject any or all the quotation without assigning any reason thereof.

CDM & PHO cum DMD
Sundargarh

OIPR-10001/10100/1/26-27/0003

**AFFIDAVIT**

By virtue of an Affidavit before Notary Public, Malkangiri, I **Padmani Madhi,** aged about 37 years, W/o: Narasing Madhi, resident of village: Dengaguda Colony, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 528/26, Dated: 27/04/2026 that I have changed my name from Padmini Madhi to **Padmani Madhi**. Henceforth I shall be known as **Padmani Madhi** for all future purposes.

**NOTICE**

By virtue of an affidavit sworn before Notary Public, Rourkela, dated 14.05.2026, I, Madhuchhanda Barpanda, Address: B-160, Sector-20, Rourkela, Dist-Sundergarh, Odisha, Pin-769005, declare that I have changed my name from Madhuchhanda To Madhuchhanda Barpanda. Henceforth, I shall be known as **Madhuchhanda Barpanda** for all purposes.

**(Madhuchhanda Barpanda)**

यूनियन बैंक ऑफ इंडिया Union Bank of India

**ହନୁମାନ ବଜାର ଶାଖା**
ପାକଳବାରି ଷ୍ଟ୍ରିଟ୍, ସାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨

**ଲକର ନୋଟିସ୍**

ଆପଣ ନିମ୍ନଦର୍ଶିତ ଲକରଧାରୀମାନଙ୍କୁ ସେମାନଙ୍କର ପଞ୍ଜିକୃତ ଠିକଣାରେ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସମୟରେ ନୋଟିସ୍ ଦିଆଯିବା ସତ୍ତ୍ୱେ ମଧ୍ୟ ଆପଣମାନେ ଲକର ଦେୟ ପୈଠ କରିବାରେ ଏବଂ ବ୍ୟାଙ୍କ ଶାଖା ସହିତ ଯୋଗାଯୋଗ କରିବାରେ ବିଫଳ ହୋଇଛନ୍ତି। ତେଣୁ ଆପଣମାନଙ୍କୁ ଜଣାଇ ଦିଆଯାଉଛି କି, ଆପଣମାନେ ଏହି ନୋଟିସ୍ ତାରିଖ ଠାରୁ ୩ ମାସ ମଧ୍ୟରେ ବ୍ୟାଙ୍କ ଶାଖାରେ ଯୋଗାଯୋଗ କରନ୍ତୁ ଏବଂ ସଙ୍ଗେସଙ୍ଗେ ଲକର ଦେୟ ପୈଠ କରନ୍ତୁ। ଯଦି ଆପଣମାନେ ବକେୟା ଦେୟ ବାରମ୍ବାର ନୋଟିସ୍ ସତ୍ତ୍ୱେ ମଧ୍ୟ ପ୍ରଦାନ କରୁନାହାନ୍ତି ଏବଂ ଏହା ଜାଣିଶୁଣି କରୁଥାନ୍ତି ତେବେ ଫଳସ୍ୱରୂପ ଆପଣଙ୍କ ଲକର ଧାରଣର ସମସ୍ତ ଅଧିକାର ବାଜ୍ୟାପ୍ତି / ରଦ୍ଦ ହେବ ଏବଂ ବ୍ୟାଙ୍କ ଆପଣଙ୍କୁ ଆବଣ୍ଟିତ କରିଥିବା ଲକରକୁ ପୁନଃ ଅଧିଗ୍ରହଣ କରିବାକୁ ହକଦାର ହେବ। ବ୍ୟାଙ୍କ କଥିତ ପୁନଃ ଅଧିଗ୍ରହଣ ପ୍ରୟୋଗ କରି ଆପଣଙ୍କ କଥିତ ଲକରକୁ ଦଖଲକୁ ନେଇଛି ଏବଂ ଆପଣଙ୍କ ଦାୟ-ଦାୟୀତ୍ୱ ଏବଂ ଖର୍ଚ୍ଚରେ ସେଗୁଡିକୁ ନିମ୍ନଦର୍ଶିତ ତାରିଖ ଓ ସମୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି। ଏଣୁ ଆପଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି, ଆପଣମାନେ ୩ ମାସ (ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ) ମଧ୍ୟରେ ବକେୟା ଦେୟ ପୈଠ କରନ୍ତୁ। ଆପଣମାନଙ୍କୁ ଅବଗତ କରାଇ ଦିଆଯାଉଛି କି, ଯଦି ଆପଣମାନେ ୩ ମାସ ମଧ୍ୟରେ ବକେୟା ଦେୟ ପୈଠ କରି ଲକର ମଧ୍ୟସ୍ଥ ଜିନିଷଗୁଡିକୁ ନ ନିଅନ୍ତି ତେବେ ବ୍ୟାଙ୍କ ବକେୟା ଦେୟ, ଆଇନଗତ ଖର୍ଚ୍ଚ ସହିତ ବିକ୍ରୟ ଖର୍ଚ୍ଚ ଆଦାୟ କରିବା ପାଇଁ ଲକରସ୍ଥ ଆର୍ଟିକିଲ/ ସମ୍ପତ୍ତିର ଅଂଶ ବିକ୍ରି କରିବାକୁ ବାଧ୍ୟ ହେବ। ପୁନଶ୍ଚ ଅବଗତ କରାଇ ଦିଆଯାଉଛି କି, ନିଲାମ ବିକ୍ରୟ ପରେ ଯଦି ଉକ୍ତ ଆର୍ଟିକିଲର କିଛି ଅଂଶ ରହିଯାଏ, ତେବେ ତାହା ସୁରକ୍ଷିତ ସ୍ଥାନରେ ବର୍ତ୍ତମାନ ବାର୍ଷିକ ଲକର ଭଡାର ୨ ଗୁଣ ଭଡାରେ ରହିବ ଏବଂ ତାହା ଆପଣ ପ୍ରଦାନ କରିବାକୁ ବାଧ୍ୟ ହେବେ।

| ଲକର ନଂ. | ଲକରଧାରୀମାନଙ୍କ ନାମ | ଲକର ଖୋଲାଯିବାର ତାରିଖ ଏବଂ ସମୟ |
|---|---|---|
| 450069 | ବି ପ୍ରଦୀପ କୁମାର ପାତ୍ର ଏବଂ ବି କୃଷ୍ଣ ପାତ୍ର | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 400019 | ନାରାୟଣମ୍ ଶ୍ୟାମଳ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 180034 | ବାବୁଲା ଜେନା | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 360060 | ରମେଶ ପାଢୀ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 650072 | ଆଇ ଶିବ ପ୍ରସାଦ ରାଓ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |

ସ୍ଥାନ: ବ୍ରହ୍ମପୁର, ତାରିଖ : ୧୫.୦୫.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ସୁନ୍ଦରଗଡ଼ ପୌରପରିଷଦ : ସୁନ୍ଦରଗଡ଼**

13001/506/2627

ପତ୍ର ସଂଖ୍ୟା ୨୭୬୭, ତାରିଖ: ୦୮.୦୫.୨୦୨୬

**ବିଜ୍ଞପ୍ତି**

ପୂର୍ବରୁ ସୁନ୍ଦରଗଡ଼ ପୌରପାଳିକାକୁ ODF+ ସହର ଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ସୁନ୍ଦରଗଡ଼ ପୌରପାଳିକାକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା। ବର୍ତ୍ତମାନ ସୁନ୍ଦରଗଡ଼ ସହରକୁ ବାହ୍ୟ ମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ସୁନ୍ଦରଗଡ଼ ପୌରପାଳିକାକୁ ପୁଣି ଥରେ ODF++ ସହର ଭାବେ ବିବେଚିତ ହେବାକୁ ଯାଇଅଛି। ସୁନ୍ଦରଗଡ଼ ପୌରପାଳିକାର ବିଭିନ୍ନ କ୍ଷେତ୍ର ପରୀସ୍ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ସୁନ୍ଦରଗଡ଼ ପୌରପାଳିକା ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ସୁନ୍ଦରଗଡ଼ ପୌରପାଳିକା ପୁଣିଥରେ ODF+ + ସହର ଭାବେ ବିବେଚିତ ହେବାକୁ ଯାଉଅଛି। ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇ ISO ର ମାନ୍ୟତା ମଧ୍ୟ ପାଇଛି। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳ ତ୍ୟାଗ କରିବାର ଦେଖାଯାଏ ତାଙ୍କ ଠାରୁ ଟ ୧୦୦ /-ଙ୍କା (ଏକ ଶହ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡନ୍ତି ତେବେ ତାଙ୍କ ଠାରୁ ଟ ୫୦୦ /- ଙ୍କା (ପାଞ୍ଚ ଶହ ଟଙ୍କା) ଜରିମାନା ଆଦାୟ କରାଯିବ। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି / ପ୍ରସ୍ତାବ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଲିଖିତ ଭାବେ ଜଣାଇପାରିବେ।

ପୌରାଧକ୍ଷାଙ୍କ ଆଦେଶକ୍ରମେ
କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ ପୌରପାଳିକା, ସୁନ୍ଦରଗଡ

OIPR-13001/13130/1/26-27/0006

24001/107/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No RDM-LAA-MBJ-0015-2024-15288 / R&DM, Dated 10 APR 2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର- I,II,III ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରାଇକମା, ଥାନା- ବୈଶିଙ୍ଗା ନଂ. ୨୨୪, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୩.୪୪** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର- I,II,III ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ।

**୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ-ଜିଲ୍ଲାପାଳ, ବାରିପଦା।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଇକମା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୦.୯୩ | ଏ. ୩.୪୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ଅଧିକାରୀ ନଂ. ୨ ,ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜଙ୍କ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୨୬/୨୦୨୨
ଏ.୩.୪୪ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଂଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର-I,II,III, ଏବଂ ଖଡିକାପଦା ସବ୍-ମାଇନର ନିମନ୍ତେ
ମୌଜା- ରାଇକମା, ଥାନା- ବୈଶିଙ୍ଗା ନଂ-୨୨୪, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 23 | 358 | 0.10 | 0.07 | ଶାରଦ ତିନି | କଣ୍ଠୁରି ରାଉତ, ପି. ପଦନ ରାଉତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 32 | 1033/ 1402 | 0.69 | 0.01 | ଶାରଦ ତିନି | କର ମାଝି, କାଳିଆ ମାଝି, ପି. ଖୁଦିଆ ମାଝି, ଜା. ସାନ୍ତାଳ, ବା. ବେଲଡ଼ିହା |
| 41 | 334 | 1.05 | 0.09 | ଶାରଦ ତିନି | କାରିଆ ମାଝି, ଲସ ମାଝି, ପି. ରାମ ମାଝି, ଲକ୍ଷ୍ମଣ ମାଝି, ପି. ପାଣ୍ଡୁ ମାଝି, ଭୁଣ୍ଡା ମାଝି, ପି. ଦିଲୁ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| | 333 | 0.35 | 0.02 | ଘରବାରି | |
| 54 | 1218 | 0.48 | 0.07 | ଶାରଦ ଦୁଇ | କ୍ଷେତ୍ର ମୋହନ ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, ଇନ୍ଦ୍ର ମୋହନ ମହାନ୍ତ, ଲଛ ମୋହନ ମହାନ୍ତ, ବୁକା ମହାନ୍ତ, ପି. ଠେଲୁ ମହାନ୍ତ, ଜା. କୁଡୁମି, ବା. ନିଜ ଗାଁ, କିସ୍ମତ ଟ 0. ଆଠଅଣା ବା:, କ୍ଷୀର ମହାନ୍ତ, ସ୍ୱା. ସନାତନ ମହାନ୍ତ, ବ୍ରଜ ମୋହନ ମହାନ୍ତ, ପି. ସନାତନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 63 | 1230 | 0.07 | 0.01 | ଶାରଦ ଦୁଇ | ଗାଲୁ ମାଝି, ପି. ପାଚୁ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 64 | 1154 | 0.20 | 0.01 | ଶାରଦ ତିନି | ଗାଲୁ ମାଝି, ଚିଟ୍ଟୁ ମାଝି, ପି. ପାଚୁ ମାଝି, ଜା. ସାନ୍ତାଳ, ବା. ନିଜଗାଁ |
| 95 | 357 | 0.20 | 0.03 | ଶାରଦ ତିନି | ଜନାର୍ଦ୍ଦନ ପଣ୍ଡିତ, ବିକର୍ତ୍ତନ ପଣ୍ଡିତ, ପି. ଦୁର୍ଗା ଚରଣ ପଣ୍ଡିତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 98 | 1030/ 1491 | 0.25 | 0.04 | ଶାରଦ ତିନି | ଜଗନ୍ନାଥ ମୁର୍ମୁ, ପି. ଦୁର୍ଗା ମୁର୍ମୁ, ଜା. ସାନ୍ତାଳ, ବା. ବେଲଡ଼ିହା |
| 98 | 1030/ 1491 | 0.25 | 0.04 | ଶାରଦ ତିନି | ଜଗନ୍ନାଥ ମୁର୍ମୁ, ପି. ଦୁର୍ଗା ମୁର୍ମୁ, ଜା. ସାନ୍ତାଳ, ବା. ବେଲଡ଼ିହା |
| 101 | 185 | 0.95 | 0.09 | ଶାରଦ ତିନି | ଝାଲକା ମାଝି, ସୋନା ମାଝି, ପି. ଜେଠା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 109 | 406/ 1475/ 1671 | 0.35 | 0.09 | ଶାରଦ ଦୁଇ | ଦିଗାମ୍ବର ରାଉତ, ପି. କଣ୍ଠୁରି ରାଉତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 128 | 1239 | 0.03 | 0.03 | ପତିତ | ନରେନ୍ଦ୍ର ବାରିକ ପି:କୃଷ୍ଣ ବାରିକ ଜା: ଗୋପାଳ ବା: ନିଜଗାଁ |
| 130 | 406/ 1529 | 0.20 | 0.01 | ଶାରଦ ଦୁଇ | ନଳିତ ବାରିକ ସ୍ୱା:ପୁରୁଷତ୍ତମ ବାରିକ ଜା: ଗୋପାଳ ବା: ନିଜଗାଁ |
| 142 | 343 | 0.83 | 0.14 | ଶାରଦ ତିନି | ପଞ୍ଚାନନ ମିଶ୍ର ପି.ଶ୍ରୀନାଥ ମିଶ୍ର ଜା. ବ୍ରାହ୍ମଣ ବା: ନିଜଗାଁ |
| 148 | 359 | 0.05 | 0.01 | ଶାରଦ ତିନି | ପ୍ରତାପ ଚନ୍ଦ୍ର ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| | 361 | 0.42 | 0.03 | ଶାରଦ ତିନି | |
| 172 | 1220 | 0.22 | 0.06 | ଶାରଦ ଦୁଇ | ବାୟା ମାଝି, ପି. ଭୀମା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 173 | 196/ 1431 | 0.16 | 0.04 | ଶାରଦ ଏକ | ବାରିଆଲ ମାଝି, ପି. ଡୁମାନ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| | 196 | 0.44 | 0.03 | ଶାରଦ ଦୁଇ | |
| | 184 | 0.50 | 0.12 | ଶାରଦ ତିନି | |
| 174 | 335 | 0.10 | 0.04 | ଶାରଦ ତିନି | ବାରିଆଲ ମାଝି, ପି. ଡୁମାନ ମାଝି, ଡୁମାନ ମାଝି, ଦାସ ମାଝି, ପି. ଉଭାଳ ମାଝି, ନବୀନ ମାଝି, ପି. କରେ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| | 337 | 0.22 | 0.05 | ଶାରଦ ତିନି | |
| | 338 | 0.24 | 0.02 | ଘରବାରି | |
| 183 | 1032 | 1.19 | 0.18 | ଶାରଦ ତିନି | ବିକର୍ତ୍ତନ ବେହେରା, କୃତିବାସ ବେହେରା, ପି. ଲୋକନାଥ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 198 | 187 | 0.08 | 0.02 | ଶାରଦ ତିନି | ଭାନୁ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ପି. ବୈଦି ଚୌଧୁରୀ, ଜା. ଗଉଡ, ବା. ନିଜ ଗାଁ |
| 206 | 1032/ 1479 | 0.22 | 0.06 | ଶାରଦ ତିନି | ମଙ୍ଗଳା ବିନ୍ଧାଣି, ପି. ଦୁବାଇ ବିନ୍ଧାଣି, ଜା. ବିନ୍ଧାଣି, ବା. ନିଜ ଗାଁ |
| 213 | 186 | 0.38 | 0.04 | ଶାରଦ ତିନି | ମହେଶ୍ୱର ମହାନ୍ତ, ଝଡେଶ୍ୱର ମହାନ୍ତ, ସୁକରାମ ମହାନ୍ତ, ପି. ଲେପା ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| 226 | 1149 | 0.23 | 0.04 | ଶାରଦ ତିନି | ମୁନି ମାଝି, ଚମ୍ପା ମାଝି, ପି. ଲକ୍ଷ୍ମଣ ମାଝି, ସାଉଁରି ମାଝି, ସ୍ୱା. ଲକ୍ଷ୍ମଣ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 229 | 325 | 0.59 | 0.15 | ଶାରଦ ତିନି | ରଘୁନାଥ ଧାଉଁଡିଆ, ପି. ରାମ ଧାଉଁଡିଆ, ବିରେନ୍ଦ୍ର ଧାଉଁଡିଆ, ଉପେନ୍ଦ୍ର ଧାଉଁଡିଆ, ବାସନ୍ତୀ ଧାଉଁଡିଆ, ପି. ନାଥ ଧାଉଁଡିଆ, ଅପନା ଧାଉଁଡିଆ, ସ୍ୱା. ନାଥ ଧାଉଁଡିଆ, ଜା. ଖଣ୍ଡୁଆଳ, ବା. ନିଜ ଗାଁ |
| 230 | 324 | 0.36 | 0.02 | ଘରବାରି | ରଘୁନାଥ ଧାଉଁଡିଆ, ନାଥ ଧାଉଁଡିଆ, ପି. ରାମ ଧାଉଁଡିଆ, ଗିରିଧାରୀ ଧାଉଁଡିଆ, ପି. ପୁରୁଷତ୍ତମ ଧାଉଁଡିଆ, ଜା. ଖଣ୍ଡୁଆଳ, ଅସ୍କନ୍ଦ ପଲେଇ, ପି. ଚିନ୍ତା ପଲେଇ, ଜା. ଗୋପାଳ, ବା. ନିଜ ଗାଁ |
| 242 | 1153/ 1468 | 0.06 | 0.03 | ଘରବାରି | ଲକ୍ଷ୍ମଣ ମାଝି, ପି. ଭାଦୁଆ ମାଝି, ଜା. ସାନ୍ତାଳ, ବା. ବେଲଡ଼ିହା |
| 245 | 212 | 0.27 | 0.03 | ଶାରଦ ଦୁଇ | ଲସ ମାଝି, ପି. ହାଉତା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| | 340 | 0.35 | 0.07 | ଶାରଦ ତିନି | |
| 249 | 215 | 0.64 | 0.12 | ଶାରଦ ଦୁଇ | ଲକ୍ଷ୍ମୀଧର ନାୟକ, ପି. ରାମହରି ନାୟକ, ଜା. ଗୋପାଳ, ବା. ନିଜ ଗାଁ |
| 251 | 1221 | 0.20 | 0.07 | ଶାରଦ ଦୁଇ | ଲାକ ମାଝି, ପି. ନନ୍ଦ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| | 1231 | 0.04 | 0.02 | ଶାରଦ ଦୁଇ | |
| | 1145 | 0.20 | 0.04 | ଶାରଦ ତିନି | |
| 282 | 355 | 1.12 | 0.09 | ଶାରଦ ତିନି | ଶ୍ରୀ ରାଧା ବିନୋଦ ରାୟ ଠାକୁର ବିଜେ ନିଜ ଗାଁ ମାର୍ଫତ ବା:, ଶ୍ରୀନିବାସ ଦାସ, ପି.: ସୁଦର୍ଶନ ଦାସ, ଦ୍ରୌପଦୀ ଦାସ, ସ୍ୱା. ଶ୍ରୀନାଥ ଦାସ, ଜା. କରଣ, ବା. ନିଜ ଗାଁ |
| 284 | 412 | 0.72 | 0.12 | ଶାରଦ ତିନି | ଶ୍ରୀବତ୍ସ ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| 296 | 1033 | 1.17 | 0.27 | ଶାରଦ ତିନି | ସୁଦର୍ଶନ ବେହେରା, କୃତିବାସ ବେହେରା, ପି. ଲୋକନାଥ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 300 | 1240 | 0.04 | 0.04 | ପତିତ | ସୁରେନ୍ଦ୍ର ବାରିକ ପି:କୃଷ୍ଣ ବାରିକ ଜା: ଗୋପାଳ ବା: ନିଜଗାଁ |
| 302 | 1144 | 0.25 | 0.05 | ଶାରଦ ତିନି | ସୁକୁଲ ମାଝି, ପି. କଙ୍କା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 304 | 1139 | 0.26 | 0.01 | ଶାରଦ ତିନି | ହରି ମାଝି, ପି. କନ୍ଦା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 309/39 | 197 | 0.51 | 0.06 | ଶାରଦ ଦୁଇ | ଚନ୍ଦ୍ରକାନ୍ତ ବେହେରା, ପି. ବିକର୍ତ୍ତନ ବେହେରା, ଜା. କୁମ୍ଭାର, ବା. ନିଜ ଗାଁ |
| 309/65 | 1219 | 0.34 | 0.06 | ଶାରଦ ଦୁଇ | ବିନ୍ଦୁ ସରେନ, ପି. ଗାଲୁ ସରେନ, ଜା. ସାନ୍ତାଳ, ବା. ନିଜ ଗାଁ |
| 309/67 | 1140 | 0.22 | 0.05 | ଶାରଦ ତିନି | ଯୁଧିଷ୍ଠିର ମହାନ୍ତ, ପି. ପୁଲଟୁ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| 309/95 | 1227/ 1725 | 0.59 | 0.02 | ଶାରଦ ଦୁଇ | ଜ୍ଞାନରଞ୍ଜନ ମିଶ୍ର, ବିଶ୍ୱରଞ୍ଜନ ମିଶ୍ର, ପି. ପ୍ରଫୁଲ୍ଲ କୁମାର ମିଶ୍ର, ଜା. ବ୍ରାହ୍ମଣ, ବା.ନିଜ ଗାଁ |
| 309/101 | 325/ 1729 | 0.38 | 0.19 | ଶାରଦ ତିନି | ଉତ୍ତମ ଚନ୍ଦ୍ର ବେହେରା, ପି. ଗଙ୍ଗାଧର ବେହେରା, ଜା. ଶୁଣ୍ଢୀ, ବା. ଦାନ୍ତିଆମୁହାଁ |
| 309/134 | 214 | 0.27 | 0.02 | ଶାରଦ ଦୁଇ | ଚନ୍ଦ୍ରକାନ୍ତ ବେହେରା, ପି. ବିକର୍ତ୍ତନ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 306/149 | 1150 | 0.14 | 0.04 | ଶାରଦ ତିନି | ଶୁକୁଦା ଟୁଡୁ, ସାଲକୁ ଟୁଡୁ, ପି. ଧନୁ ଟୁଡୁ, ଜା. ସାନ୍ତାଳ, ବା. ଟୁଆଗାଁ |
| | 1153 | 0.16 | 0.03 | ଶାରଦ ତିନି | |
| 309/159 | 213 | 0.38 | 0.14 | ଶାରଦ ଦୁଇ | ବିନ୍ଦୁନାଥ ବେହେରା, ଚନ୍ଦ୍ରକାନ୍ତ ବେହେରା, ପି. ବିକର୍ତ୍ତନ ବେହେରା,ଜା.କୁମ୍ଭକାର, ବା. ନିଜ ଗାଁ |
| 309/179 | 360 | 0.25 | 0.07 | ଶାରଦ ତିନି | ପ୍ରତାପଚନ୍ଦ୍ର ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| 309/233 | 1233 | 0.45 | 0.07 | ଶାରଦ ଦୁଇ | ଅଚ୍ୟୁତାନନ୍ଦ ବିଶ୍ୱାଳ, ପି. ଶଙ୍କର ବିଶ୍ୱାଳ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| | 329 | 0.77 | 0.11 | ଶାରଦ ତିନି | |
| ମୋଟ | ୫୫ ପ୍ଲଟକୁ | ଏ. ୨୦.୯୩ ହେ.ମି. | ଏ.୩.୪୪ ହେ.ମି. | | |

Amin, Bahalda Zone — Revenue Inspector, Bahalda Zone — Zone Officer-cum-L.A. Collector, S.I.P, Bahalda Zone — Spl. Land Acquisition Officer, S.I.P, Baripada

OIPR-24001/24001/3/26-27/0012

# ସ୍ଥଗିତ ରହିଲା ଖଣି ଖନନ ପାଇଁ ଜନଶୁଣାଣି

ଲକ୍ଷ୍ମୀପୁର,୧୬।୫(ସମିସ):



କୋଡିଙ୍ଗାମାଳି ଠାରୁ ୬ ମିଲିୟନ ଖଣି ଖନନ ପାଇଁ ୧୬ ତାରିଖରେ ହୋଇଥାନ୍ତା ଜନଶୁଣାଣି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚମ୍ପି ଠାରେ ଏହି ଜନଶୁଣାଣି ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରକାରୀ ସ୍ତରରେ ହୋଇ ସାରିଥିଲା। ରାତି ପାହିଲା ପରେ ଆୟୋଜନ ହୋଇଥାନ୍ତା ଜନଶୁଣାଣି କାର୍ଯ୍ୟକ୍ରମ । କିନ୍ତୁ ସରକାର ଏହି ଜନଶୁଣାଣିକୁ ସ୍ଥଗିତ ରଖିଛନ୍ତି। ୬ ମିଲିୟନ ଖନନକୁ କିଛି ବିରୋଧ କରୁଥିଲେ । କିନ୍ତୁ ସମର୍ଥନରେ ଅଧିକାଂଶ ରହି ଥିବା ବେଳେ ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ସଧାରଣରେ ଚର୍ଚ୍ଚା ଜୋର ଧରିଛି। ସରକାର ନିଜ ସ୍ୱାର୍ଥ ପାଇଁ ନା ଜନସାଧାରଣଙ୍କ ପାଇଁ ସ୍ଥଗିତ ରଖିଲେ ତାହା ସବୁ ଆଡେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି । ସପକ୍ଷବାଦୀ ନିରାଶ ହୋଇଥିବା ବେଳେ ବିପକ୍ଷବାଦୀ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଆଦିତ୍ୟ ବିର୍ଲା କମ୍ପାନୀରେ ସ୍ଥାନୀୟ ଅଞ୍ଚଳବାସୀ ଆଦିତ୍ୟ ବିର୍ଲା ମୁଖ୍ୟ ଓ କର୍ମଚାରୀଙ୍କ ସହ ମିଶି ମିଠା ବାଣ୍ଟି ଫୁଲମାଳ ପିନ୍ଧି ଖୁସି ମନାଇବା ଦୃଶ୍ୟ ମଧ୍ୟ ଦେଖାଇବାକୁ ମିଳିଛି। ଏହା କେବଳ ଜନଶୁଣାଣୀ ସ୍ଥଗିତ ପାଇଁ ଜାରି ହୋଇ ଥିବା ଚିଠି ପାଇଲା ପରେ ଏଭଳି ଖୁସି ଜାହିର କରୁଛନ୍ତି ବୋଲି ଲୋକେ ଯୁକ୍ତି ବାଢୁଛନ୍ତି। କାରଣ କୋଡ଼ିଙ୍ଗାମାଳିର ବକ୍ସାଇଟ ଅନ୍ୟତ୍ର ନ ଯାଇ ଏଇଠି ବିନିଯୋଗ ହେବା ପାଇଁ କମ୍ପାନୀ ଆଶା ରଖିଛି। ଅନ୍ୟ ପକ୍ଷରେ ଓଏମସି ୬ମିଲିୟନ ଖଣି ଖନନ କଲେ ଏଠି ରାଜସ୍ୱ ଆଦାୟ ମଧ୍ୟ ବଢ଼ିବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ପ୍ରଦୂଷଣ ବୋର୍ଡ ପୁଣି କେବେ ବିଜ୍ଞପ୍ତି ଜାରି କରୁଛନ୍ତି କି ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ମା'ମାଣିକେଶ୍ୱରୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

ଦୁର୍ଗୀ,୧୬।୫(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ମା' ମାଣିକେଶ୍ୱରୀ ଷ୍ଟାଡିୟମରେ ୨୮ ଟି କ୍ରିକେଟ୍ ଟିମକୁ ନେଇ ପଞ୍ଚାୟତସ୍ତରୀୟ ଏକ ପ୍ରତିଯୋଗିତା ମା'ମାଣିକେଶ୍ୱରୀ କ୍ରିକେଟ କ୍ଲବ୍ ଆୟୋଜନ କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସଙ୍କ ଅଧ୍ୟକ୍ଷତା ତରଫରୁ ଆୟୋଜନ ହୋଇଥିଲା। ଏହି ଟୁର୍ନାମେଣ୍ଟ ଆଜି ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ଉଭୟ ଶୁଣ୍ଡିଧାମୁନି ପଞ୍ଚାୟତର ଚେକାଗୁଡା ଟିମ ସହ ତାଣ୍ଡିକୋଣା କ୍ରିକେଟ୍ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ




୧୨ ଓଭରର ଖେଳ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ତାଣ୍ଡିକଣା ୧୮୩ ରନ ସଂଗ୍ରହ କରି ଚେକାଗୁଡା ଟିମକୁ ପରାଜୟ କରି ବିଜୟୀ ହୋଇଥିଲା। ବିଜୟ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ରନର୍ସ ଦଳକୁ ଟ୍ରଫି ଓ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାମନାଗୁଡ଼ା ବ୍ଲକର ଶୁଣ୍ଡୀଧାମୁନି ପଞ୍ଚାୟତ ସରପଞ୍ଚ ଭାସ୍କର କାଡ୍ରାକା ଓ ପାରିକ୍ଷିତି ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ ରାଓ କୁମୁରୁକା ପ୍ରମୁଖ ଉପସ୍ଥିତ ଥିଲେ।

# ପେନ୍‌ସନ୍ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୬।୫(ସମିସ):

ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରିର ପେନସନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଡେପୁଟି କଲେକ୍ଟର ପ୍ରତିଷ୍ଠାନ ସମିନା ଆଖତାରି, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ଜିଲ୍ଲା ର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀ ମାନେ ନିଜର ପେନସନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଯଦି ଥାଏ, ତେବେ ପେନସନ ଅଦାଲତରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ସରକାରୀ କର୍ମଚାରୀଙ୍କ ପାଇଁ ଏହା କୋରାପୁଟ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଚଳିତ ମାସ ୨୧ ତାରିଖ ଦିନ ପୂର୍ବାହ୍ନ ୯ଟା ଠାରୁ ଏବଂ ପୁଲିସ ବିଭାଗର କର୍ମଚାରୀଙ୍କ ପାଇଁ ଚଳିତ ମାସ ୨୨ ତାରିଖ ପୂର୍ବାହ୍ନ ୯ଟା ଠାରୁ ଅନୁଷ୍ଠିତ ହେବ। ସେଥିପାଇଁ ଯେଉଁ ହିତାଧିକାରୀଙ୍କ ପେନସନ ସମ୍ବନ୍ଧୀୟ କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଛି । ସେମାନେ ଉପରଲିଖିତ ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗର ସମାଧାନ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଅନୁରୋଧ କରିଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ସାବିତ୍ରୀ ଅମାବାସ୍ୟା ପାଇଁ ବଜାର ଚଳଚଞ୍ଚଳ

ଜୟପୁର, ୧୬।୫(ସମିସ): ଶନିବାର ସାବିତ୍ରୀ ଅମାବାସ୍ୟା ପାଇଁ ଜୟପୁର ବଜାର ଗତ ଦୁଇଦିନ ହେଲାଣି ଚଳଚଞ୍ଚଳ ହୋଇଯାଇଛି। ବଜାରର ଫଳ , ଚୂଡି ଏବଂ ଲୁଗାଦୋକାନରେ ଭିଡ ଦେଖିବାକୁ ମିଳିଛି। ଓଡିଆ ପରମ୍ପରା ପର୍ବ ମଧ୍ୟରୁ ମହିଳା ମାନଙ୍କୁ ପାଇଁ ସାବତ୍ରୀ ବ୍ରତ ଅନ୍ୟତମ ପର୍ବ ଭାବେ ପ୍ରତ୍ୟେକ ବର୍ଷ ପାଳିତ ହୋଇଥାଏ। ଏହା ମୁଖ୍ୟତଃ ବିବାହିତ ମହିଳା ମାନେ ସ୍ୱାମୀଙ୍କ ଦୀର୍ଘ ଆୟୁଷ, ଉନ୍ନତୀକାମନା କରିବା ସହିତ ସାରା ଦିନ ଉପବାସ ସହିତ ଅପରାହ୍ନ ପୂଜାର୍ଚ୍ଚନା କରିଥାଆନ୍ତି । ଏହିପରି ପୂଜାର୍ଚ୍ଚନାରେ ଆମ୍ବ, କଦଳୀ, ସେଓ, ଅଙ୍ଗୁର, ପଣସ , ସପୁରୀ, ଖଜୁରୀ, ଜାମୁକୋଳି, ମୁଗ



ଏବଂ ଅନ୍ୟାନ୍ୟ ଫଳ ପ୍ରଭୃତି ପୂଜାର୍ଚ୍ଚନାରେ ପ୍ରସାଦ ଭାବେ ବ୍ୟବହାର କରାଯାଏ। ଶନିବାର ସାବତ୍ରୀ ବ୍ରତ ପୂଜା ରହିଥିବା ଯୋଗୁଁ ଜୟପୁର ବଜାରରେ ଫଳର ପସରା ଗତ ଦୁଇ ଦିନରୁ ଅଧିକ ହେଲାଣି ସାରା ସହରରେ ଦେଖିବାକୁ ମିଳୁଛି। ସାବିତ୍ରୀ ବ୍ରତ ଚାହିଦାକୁ ନେଇ ବ୍ୟବସାୟୀ ମାନେ ଆମ୍ବ ସହିତ ଅନ୍ୟାନ୍ୟ ଫଳ ଦର ବୃଦ୍ଧି କରିଛନ୍ତି। ସେହିପରି ଚୂଡି, ଅଳତା, ସିନ୍ଦୁର, ଦର୍ପଣ ଏବଂ ଅନ୍ୟାନ୍ୟ ବିବାହିତ ମହିଳାଙ୍କ ବ୍ୟବହୃତ ସାଜସଜ୍ଜା ସମାଗ୍ରୀ ଦୋକାନରେ ଏବଂ ନୂତନ ଶାଢୀ କ୍ରୟପାଇଁ ଲୁଗା ଦୋକାନରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଛି। ସହରରେ ମହିଳାଙ୍କ ବ୍ୟବହୃତ ନିମନ୍ତେ ସାଜସଜ୍ଜାସାମଗ୍ରୀ ଗୁଡିକ ଅସ୍ଥାୟୀ ଭାବେ ରାସ୍ତା ପାର୍ଶ୍ୱରେ ବିକ୍ରି କରାଯାଉଛି। ଜୟପୁର ବଜାରକୁ ଆଖପାଖ ଗ୍ରାମାଞ୍ଚଳରୁ ବିଭିନ୍ନ ତୋଟାରୁ ଆମ୍ବର ବିକ୍ରି ପାଇଁ ବ୍ୟବସାୟୀ ମାନେ ପ୍ଲାଷ୍ଟିକ ଏବଂ ବାଉଁଶ ପ୍ରସ୍ତୁତ ଡ଼ାଲାରେ ବହୁ ପରିମାଣରେ ଆଣିଛନ୍ତି। ସହରର ବଜାର ଏବଂ ସାହିକୁ ସାହି ବୁଲି ବିକ୍ରେତା ମାନେ ଆମ୍ବ ଓ ଅନ୍ୟାନ୍ୟ ଫଳମୂଳ ବିକ୍ରି କରୁଛନ୍ତି।

# ଥାଇରକେୟାର ସାମ୍ପଲ୍ କଲେକ୍ସନ ପଏଣ୍ଟ ଉଦ୍‌ଘାଟିତ

ପଦ୍ମପୁର,୧୬।୫(ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ତରଫରୁ ଥାଇରକେୟାର ସାମ୍ପଲ କଲେକ୍ସନ ପଏଣ୍ଟର ଉଦଘାଟିତ ହୋଇଯାଇଛି। ଏହି ସ୍ୟାମ୍ପଲ କଲେକ୍ସନ ପଏଣ୍ଟକୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରତୁପୂର୍ଣ୍ଣା ପଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିବେଣୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ବିପିନ ବିହାରୀ ଜେନା, ଚେୟାରମ୍ୟାନ ସ୍ୱାଗତ ଶେଖର ଜେନା, ସିଇଓ ଅନିତା ମିଶ୍ରଙ୍କ ସମେତ ସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଏହି ସ୍ୟାମ୍ପଲ କଲେକ୍ସନ ପଏଣ୍ଟ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ସହଜ ଓ ସୁଲଭ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପାଇପାରିବେ। ଏହା ପରୀକ୍ଷା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ କରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରେମ କର ଓ ରବୀନ୍ଦ୍ର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ତ୍ରିବେଣୀର ପ୍ରତିଷ୍ଠାତା ବିପିନ ବିହାରୀ ଜେନା ସମସ୍ତ ଅତିଥି ଓ ଉପସ୍ଥିତ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥିଲେ।



# ନରିଙ୍ଗପଙ୍ଗା ଗାଁରେ ପାନୀୟ ଜଳସଙ୍କଟ

## ନୂତନ ବୋରୱେଲ୍ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମୁନିଗୁଡା,୧୬।୫(ସମିସ): ମୁନିଗୁଡା ବ୍ଲକ ଜଗଦଲପୁର ପଞ୍ଚାୟତ ଅନ୍ତର୍ଗତ ନରିଙ୍ଗପଙ୍ଗା ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀମାନେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଏକ ପ୍ରତିନିଧିତ୍ୱ ପତ୍ର ଦାଖଲ କରିଛନ୍ତି। ଗ୍ରାମର ବାସିନ୍ଦା ଗୌରଙ୍ଗ ପୁସିକାଙ୍କ ନେତୃତ୍ୱରେ ଦାଖଲ ହୋଇଥିବା ଏହି ପତ୍ରରେ ଗ୍ରାମରେ ତୁରନ୍ତ ଏକ ନୂତନ ବୋରୱେଲ୍ ସ୍ଥାପନ ପାଇଁ ଦାବି କରାଯାଇଛି। ଗ୍ରାମରେ ବର୍ତ୍ତମାନ କେବଳ ଗୋଟିଏ ଟିଉବ୍‌ୱେଲ୍ ରହିଛି, ଯାହା ଗ୍ରୀଷ୍ମ ଋତୁ ସମୟରେ ସଠିକ ଭାବେ କାର୍ଯ୍ୟ କରୁନାହିଁ। ଏହା ଉପରେ ନିର୍ଭର କରୁଥିବା ୨୦୦ରୁ ଅଧିକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିଉବ୍‌ୱେଲରୁ ବାହାରୁଥିବା ଦୂଷିତ ଜଳ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀମାନେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଯେ, ଗ୍ରାମର ଉପଯୁକ୍ତ ସ୍ଥାନରେ ଏକ ନୂତନ ଟିଉବ୍‌ୱେଲ ଖୋଦାଇ ଏବଂ ସ୍ଥାପନ ପାଇଁ ଶୀଘ୍ର ପ୍ରଶାସନିକ ଅନୁମତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହା ଦ୍ୱାରା ଗ୍ରାମବାସୀ ସୁରକ୍ଷିତ ଓ ପର୍ଯ୍ୟାପ୍ତ ପାନୀୟ ଜଳ ପାଇପାରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ଗୁରତର ସହ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆଦିତ୍ୟ ଆଲୁମିନା ରିଫାଇନାରୀ ପକ୍ଷରୁ ପଶୁ ସ୍ୱାସ୍ଥ୍ୟ ସଚେତନତା ଶିବିର






ଟିକିରି,୧୬।୫(ସମିସ): କାଶୀପୁର ବ୍ଲକ ଅନ୍ତର୍ଗତ ନାକଟିଗୁଡା ଗ୍ରାମରେ ପ୍ରାଣୀ ଧନ ସେବା ପ୍ରକଳ୍ପ ଅଧୀନରେ ଏକ ପଶୁ ସ୍ୱାସ୍ଥ୍ୟ ସଚେତନତା ଓ ପଶୁ ଚିକିତ୍ସା ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ପଶୁ ସମ୍ପଦର ସୁରକ୍ଷା ଓ ପଶୁପାଳକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରାୟ ୧୭୦ ଜଣ ଗ୍ରାମବାସୀ ଯୋଗଦେଇ ପଶୁମାନଙ୍କ ରୋଗ ଚିହ୍ନଟ, ପ୍ରତିରୋଧ ଓ ସଠିକ୍ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଅବଗତ ହୋଇଥିଲେ। ପଶୁମାନଙ୍କୁ ସୁସ୍ଥ ରଖିବା ପାଇଁ ନିୟମିତ ଟିକାକରଣ, ପୌଷ୍ଟିକ ଖାଦ୍ୟ ଓ ସଫା-ସୁତୁରା ପରିବେଶର ଆବଶ୍ୟକତା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ଉପସ୍ଥିତ ଲୋକଙ୍କ ମଧ୍ୟରେ ପଶୁ ରୋଗର ପ୍ରତିରୋଧ ଓ ଚିକିତ୍ସା ସମ୍ବନ୍ଧୀୟ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା। ଶିବିରରେ ମୋଟ ୫୬୦ଟି ଛେଳି ଓ ୪୫୭ଟି ବଡ଼ ପଶୁଙ୍କୁ ଭିଟାମିନ ଡୋଜ, କୃମିନାଶକ ଔଷଧ, ମଲ୍ଟିଭିଟାମିନ ପାଉଡର ସହ ଅନ୍ୟାନ୍ୟ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଏଥିରୁ ପ୍ରାୟ ୧୧୨ ଜଣ ପଶୁପାଳକ ସିଧାସଳଖ ଭାବେ ଉପକୃତ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ନାକଟିଗୁଡା ଗ୍ରାମର ସରପଞ୍ଚ, ସ୍ଥାନୀୟ ଗ୍ରାମବାସୀ ଓ ହିଣ୍ଡାଲକୋ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ପଶୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ ।

# ବସ୍ତରରେ ନକ୍ସଲ ଡମ୍ପ୍ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି, ୧୫।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବସ୍ତର ଅଞ୍ଚଳରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। କାଙ୍କେର ଓ ନାରାୟଣପୁର ସୀମା ଜଙ୍ଗଲରୁ ପୁଲିସ ଓ ବିଏସଏଫର ମିଳିତ ଟିମ ନକ୍ସଲଙ୍କ ଲୁଚାଇ ରଖିଥିବା ଏକ ଡମ୍ପ ଠାବ କରି ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। କାଙ୍କେର ଏସ୍‌ପି ନିଖିଲ ରାଖେଚା କହିଛନ୍ତି ଯେ, ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ ଏହି ସର୍ଚ୍ଚ ଅପରେସନ ଚାଲିଥିଲା। ଜବତ ସାମଗ୍ରୀ ମଧ୍ୟରେ ୫୦ରୁ ଅଧିକ ଅସ୍ତ୍ର, ୧୦ଟି ଆଇଇଡି, ୪୬ କିଲୋ ବାରୁଦ, ୪୬୯ କାର୍ତ୍ତୁସ, ବିଜିଏଲ ସେଲ ଓ ମାଗାଜିନ ରହିଛି। ଏହାସହ ୱାକି-ଟକି ଓ ଗ୍ୟାସ ୱେଲ୍ଡିଂ ମେସିନ ମଧ୍ୟ ମିଳିଥିବାରୁ ନକ୍ସଲମାନେ ସେଠାରେ ଅସ୍ତ୍ରଶସ୍ତ୍ର ମରାମତି କାମ କରୁଥିବା ସନ୍ଦେହ କରାଯାଉଛି। ପୁଲିସ କହିଛି, ନକ୍ସଲ ବିରୋଧୀ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।

# ପୁଲିସ ଜାଲରେ କୁଖ୍ୟାତ ଗୋରୁ ମାଫିଆ

ନବରଙ୍ଗପୁର.୧୬।୫(ସମିସ): ନବରଙ୍ଗପୁର ପୋଲିସକୁ ମିଳିଛି ବଡ଼ ସଫଳତା। ଦୀର୍ଘଦିନ ଧରି ପୁଲିସର ନଜରରେ ଥିବା କୁଖ୍ୟାତ ଗୋରୁ ମାଫିଆ ସେକ୍ ଆଜିଜ୍ ଶେଷରେ ପୁଲିସ ଜାଲରେ ପଡ଼ିଛି। ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଗୋରୁ ଚାଲାଣ ମାମଲାରେ ମୁଖ୍ୟ ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ ହୋଇଥିବା ସେକ ଅଜିଜ୍‌ଙ୍କୁ ନବରଙ୍ଗପୁର ପୁଲିସ ଗିରଫ କରିଛି। ଗତ ସପ୍ତାହ ମଧ୍ୟରେ ନବରଙ୍ଗପୁର ପୁଲିସ ୧୫୦ରୁ ଅଧିକ ଗୋରୁ ଉଦ୍ଧାର କରିଥିବା ବେଳେ ଡାବୁଗାଁ ଓ ରାଇଘର ଥାନାରେ ଏହାକୁ ନେଇ ମାମଲା ରୁଜୁ ହୋଇଥିଲା। ତଦନ୍ତ କରି ଗୋରୁ ଚାଲାଣର ମୁଖ୍ୟ ଅଭିଯୁକ୍ତ ସେକ ଅଜିଜ କୁ ଖୋଜୁଥିଲା ନବରଙ୍ଗପୁର ପୁଲିସ। ତାଙ୍କ ନାମରେ ନବରଙ୍ଗପୁର ଜିଲ୍ଲାରେ ୪ ଟି ମାମଲା ରହିଥିବା ବେଳେ କୋରାପୁଟ ଜିଲ୍ଲାରେ ୨ ଟି ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଶେଷରେ ଅଭିଯୁକ୍ତ ସେକ ଅଜିଜ୍‌କୁ ଧରିବାରେ ସଫଳ ହୋଇଛି ପୋଲିସ। ବର୍ତ୍ତମାନ ରାଇଘର ଥାନା ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପାଇଁ ପ୍ରସ୍ତୁତି ଚାଲାଇଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ଗୋରୁ ଚାଲାଣ ଚକ୍ର ସହ ଜଡିତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ ତଦନ୍ତ ଜାରି ରଖିଛି । ନବରଙ୍ଗପୁର ଜିଲ୍ଲାରୁ ହାଇଦ୍ରାବାଦ ଓ ବିଶାଖାପାଟଣା କୁ ଗୋରୁ ଚାଲାଣ ହେଉଥିବା ପୁଲିସ ସୂଚନା ପାଇଛି। ଅନ୍ୟପଟେ ଗୋରୁ ଚାଲାଣକାରୀଙ୍କ ଆଉ ତ୍ରାହି ନାହିଁ। ବର୍ତମାନ ପୁଲିସ ଗୋରୁ ଚାଲାଣ କାରୀଙ୍କ ଉପରେ କଡା ନଜର ରଖିଥିବା ବେଳେ ଗୋରୁ ଚାଲାଣ ହେଉଥିବା ସମସ୍ତ ରାସ୍ତା ସହିତ (ଭାରତମାଳା) ଉପରେ ମଧ୍ୟ ପାଟ୍ରୋଲିଂ ଜୋରଦାର ଚାଲିଥିବା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ସୂଚନା ଦେଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରେ ପଡ଼ିଛି ତାଲା

# ପିଇଓ, ଜିଆରଏସ୍ ଓ କର୍ମଚାରୀଙ୍କ ନାହିଁ ଦେଖା

ମାଲକାନଗିରି/କୋରୁକୋଣ୍ଡା,୧୬।୫ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଡୁଡାମେଟା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଥିବା ଶୁକ୍ରବାର ଦିନ ୧୧ଟା ୩୦ ମିନିଟ୍ ସମୟରେ ଦେଖିବାକୁ ମିଳିଛି। ନା କାର୍ଯ୍ୟାଳୟରେ ପାଦ ପଡୁଛି ପଞ୍ଚାୟତ ଅଧିକାରୀଙ୍କର, ନା ଦେଖା ମିଳୁଛି ଜିଆରଏସଙ୍କର। ପଞ୍ଚାୟତରେ ନିୟୋଜିତ ପିଅନ କିମ୍ବା ଯୋଗାଣ ସହାୟକଙ୍କ ମଧ୍ୟ ଦେଖା ମିଳୁନି। ତେବେ ପ୍ରଚଣ୍ଡ ଗ୍ରୀଷ୍ମକୁ ଆଖି ଆଗରେ ରଖି ସରକାର ସକାଳ ୭ରୁ ଦିନ ୧ଟା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲିବା ନେଇ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଠି କିନ୍ତୁ ସେହି ନିୟମକୁ ଫୁ କରି ଉଡାଇ ଦେଇଛନ୍ତି ପଞ୍ଚାୟତର ସମସ୍ତ କର୍ମଚାରୀ। ତେବେ ଆଜି ପଞ୍ଚାୟତକୁ ନିଜ ନିଜର ସମସ୍ୟା ନେଇ ଆସିଥିବା ବିଭିନ୍ନ ଗ୍ରାମର ଲୋକେ ଦୀର୍ଘ ସମୟ ଏହି ସରକାରୀ ବାବୁଙ୍କ ବାଟ ଚାହିଁ ବସି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅଧିକାରୀ ବିରାରାମ ଭୂମିଆ ବହୁ ସମୟରେ ଗ୍ରାମସଭା ନିଜେ ଡାକି ଠିକ୍ ସମୟରେ ନ ଆସି ଘଣ୍ଟା ଘଣ୍ଟା ପଞ୍ଚାୟତବାସୀଙ୍କୁ ଅପେକ୍ଷା କରାଉଛନ୍ତି। ସେହିପରି ପଞ୍ଚାୟତର ସମସ୍ତ କର୍ମଚାରୀଙ୍କର ୭ଟା ସମୟରୁ ନିଜର ଡ୍ୟୁଟି ଆରମ୍ଭ ହେଉଥିବା ବେଳେ ଦିନ ୧୧ଟା ପରେ ବେଳେ ବେଳେ ଆସୁଛନ୍ତି । ଅଥବା ଏହିପରି ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡି ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ଏନେଇ କୌଣସି ଗ୍ରାମବାସୀ ଅଭିଯୋଗ କରନ୍ତି, ଫିଲ୍‌ଡ ଡ୍ୟୁଟିର ଆଳ କିମ୍ବା ବ୍ଲକ କାର୍ଯ୍ୟାଳୟରେ ବୈଠକ ଥିବା କହି ପଞ୍ଚାୟତ ଅଧିକାରୀ ଶ୍ରୀ ଭୂମିଆ ଏବଂ ଜିଆରଏସ ସୁନ୍ଦରରାୟ ମୁଦୁଲି ଖସି ଯାଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏନେଇ ଆମେ ପଞ୍ଚାୟତ ଅଧିକାରୀ



ଶ୍ରୀ ଭୂମିଆଙ୍କୁ ପଚାରିବାରୁ ସେ କଥା ଟିକୁ ଅତି ହାଲୁକା ନେବା ସହ ସେ କଣ କରିବେ, ସେ ସର୍ବଦା ଫିଲ୍‌ଡ ଡ୍ୟୁଟି କରୁଥିବା ହେତୁ ସେ ଯୋଗାଣ ସହାୟକ ଏବଂ ପିଅନଙ୍କୁ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଉଭୟଙ୍କର କୌଣସି ବ୍ୟକ୍ତିଗତ କାମ ଥିବା ହେତୁ ଏପରି ତାଲା ପଡି ଯାଇଥାଇ ପାରେ ବୋଲି ପ୍ରକାଶ କରିଛନ୍ତି। ବିଡ଼ିଓ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ ତାଲା ପଡିବା କଥାକୁ ଗ୍ରହଣ କରିବା ସହ ଏପରି ତ ହେବା କଥା ନାହିଁ। ଯଦି ଫିଲ୍‌ଡ ଡ୍ୟୁଟିରେ ଅଧିକାରୀ ବ୍ୟସ୍ତ ରୁହନ୍ତି, ନୋଟିସ ବୋର୍ଡରେ ପଞ୍ଚୟତ ଅଧିକାରୀ ଏବଂ ଜିଆରଏସ କେଉଁ ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ତାର ନିର୍ଦ୍ଧାରିତ ସମୟ ଚିଠି ବୋର୍ଡରେ ଟଙ୍ଗା ଯିବା କଥା। କିନ୍ତୁ ଏଭଳି ନ କରିଥିବା ହେତୁ ସେ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ କେବଳ କୋରୁକୋଣ୍ଡା ବ୍ଲକର ଏହି ଗୋଟିଏ ପଞ୍ଚାୟତ ନୁହେଁ ପ୍ରାୟ ପଞ୍ଚାୟତ ଗୁଡିକରେ ଏହିଭଳି ସମାନ ସ୍ଥିତି ଦେଖିବାକୁ ମିଳୁଛି। ଏନେଇ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ଘୋଷଣାକୁ ୮ ବର୍ଷ ପୂରିଲା

# କେବେ ଖୋଲିବ ଜେଏମ୍ଏଫ୍‌ସି କୋର୍ଟ ?



ନାରାୟଣପାଟଣା,୧୫।୫(ସମିସ): ଆଠ ବର୍ଷ ବିତିଗଲା। କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ଜେଏମ୍ଏଫ୍‌ସି କୋର୍ଟ। ଫଳରେ ଆଜି ବି କୋରାପୁଟ, ଲକ୍ଷ୍ମୀପୁରକୁ ନ୍ୟାୟ ପାଇଁ ଦୌଡିବାକୁ ପଡୁଛି ସୀମାନ୍ତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ଜନସାଧାରଣଙ୍କୁ। ଏଥିପାଇଁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା। ୨୦୧୮ ମସିହାରେ ପୂର୍ବ ସରକାର ନାରାୟଣପାଟଣା ବ୍ଲକରେ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଘୋଷଣା କରିଥିଲେ। ଏହା ଜାଣିବା ପରେ ଖୁସିରେ ବାତାବରଣ ଖେଳି ଯାଇଥିଲା। କିନ୍ତୁ ପୁରୁଣା ସରକାର ଯାଇ ନୂଆ ସରକାର ଆସି ଦୁଇ ବର୍ଷ ବିତିଗଲାଣି । ଏଯାଏଁ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ନ୍ୟାୟ ପାଇଁ ଆଜି ବି ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ବାସୀ ଲକ୍ଷ୍ମୀପୁର ଓ କୋରାପୁଟକୁ ୮୦ କିଲୋମିଟର ଦୌଡିବାକୁ ପଡୁଛି। ଦୁଇ ବର୍ଷ ତଳେ ରଥଚକ ଠାରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାମଚଳା ଭାବେ ଜେଏମ୍ଏଫ୍‌ସି କୋର୍ଟ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରାଯାଇଥିଲା। କାମ ସରି ଚୁନ ଦିଆଯାଇ ସବୁକିଛି ହେଇ ସାରିଲାଣି। ଅଥଚ କେବେ କାର୍ଯ୍ୟକାରୀ ହେବ ନା ନାହିଁ ତାହା ସନ୍ଦେହ ଘେରରେ ରହିଛି। ଅନ୍ୟପଟେ ନୂତନ ନ୍ୟାୟାଳୟ ପାଇଁ ଜାଗା ଚିହ୍ନଟ କରାଯାଇ ପାଚେରି କରି ସୀମିତ ହୋଇ ରହିଯାଇଛି। ଏଯାଏଁ ନା ଟେଣ୍ଡର ପ୍ରକ୍ରିୟା ସରିଛି ନା କାମ ଆଗଉଛି। ଏହି ସୂଚନା କାହା ପାଖରେ ନାହିଁ। ପ୍ରଶାସନର ଉଦାସୀନତା ଯୋଗୁଁ ଜନସାଧାରଣ ନ୍ୟାୟ ପାଇବା ପାଇଁ ବଞ୍ଚିତ ହେଉଥିବା ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି। ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ଜନସଂଖ୍ୟା ଦେଢ଼ଲକ୍ଷ ପାଖାପାଖି। ଛୋଟ ମୋଟ ମକଦ୍ଦମା ପାଇଁ ପଡୋଶୀ ଲକ୍ଷ୍ମୀପୁର, ନଚେତ କୋରାପୁଟକୁ ଦୌଡ଼ିବାକୁ ପଡ଼ିଥାଏ। ଏଥିପାଇଁ ଆଠ ବର୍ଷ ତଳେ ପୂର୍ବେ ବିଜେଡି ସରକାର ନାରାୟଣପାଟଣା ବ୍ଲକରେ ନୂତନ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଅଶୀ ଭାଗ ସ୍ଥାନରେ ନୂତନ କୋର୍ଟ ସ୍ଥାପନ ହୋଇ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ନାରାୟଣପାଟଣା ବ୍ଲକ ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକେ ନ୍ୟାୟ ପାଇବା ପାଇଁ ଅନ୍ୟ ନ୍ୟାୟାଳୟକୁ ଦୌ÷ଡିବାକୁ ପଡୁଛି। ଯଥାଶୀଘ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ କାମଚଳା ଭାବେ ଜେଏମ୍ଏଫ୍‌ସି କୋର୍ଟ କାର୍ଯ୍ୟକ୍ଷମ କଲେ ଜନସାଧାରଣ ନ୍ୟାୟ ପାଇବେ ବୋଲି ମତ ପ୍ରକାଶ ପାଉଛି।

# ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନେଇ କଂଗ୍ରେସର ଶୋଭାଯାତ୍ରା




ନବରଙ୍ଗପୁର,୧୫।୫(ସମିସ): ଚଳିତ ୨୦୨୬ ଜନ ଗଣନା ପ୍ରକାରେ ୩୩ ପ୍ରତିଶତ ମହିଳା ଆଇନ ସଂରକ୍ଷଣ ବିଲ୍ ପାରିତ ନେଇ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହିଳା ଆଇନ ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଦାଶିବ ପାର୍କ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲା ସଭାନେତ୍ରୀ ସୁଶ୍ରୀ ଲିପିକା ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ ମହିଳା କର୍ମୀ ମାନେ ହାତରେ ଦଳୀୟ ପତକା. ମଶାଲ, ପ୍ଲାଗ କାର୍ଡ ଧରି ନାରାବାଜୀ କରି ସାମିଲ ହୋଇଥିଲେ। ଶୋଭାଯାତ୍ରା ଗାନ୍ଧିଛକକୁ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୨୦୨୩ ସଂସଦ ଅଧିବେଶନରେ ମହିଳା ଆଇନ ସଂରକ୍ଷଣ ବିଲ ସପକ୍ଷରେ ଦଳ ମତ ନିର୍ବିଶେଷରେ ଏକ ମତ ହୋଇଥିବା ବେଳେ କେନ୍ଦ୍ର ବିଜେପି ସରକାର ମହିଳା ମାନଙ୍କ ଅଧିକାର ପ୍ରତି ଅଣଦେଖା କରି ଉକ୍ତ ବିଲ୍‌କୁ ଏପର୍ଯ୍ୟନ୍ତ ଲାଗୁ ନକରିବା ମହିଳା ମାନଙ୍କ ପ୍ରତି ଅବିଚାର ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ସଭାରେ ମହିଳା ମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କର ଦୋମୁହାଁ ନିତୀ ବିରୁଦ୍ଧରେ ସମାଲୋଚନା କରିବା ସହ ସମସ୍ତ ବର୍ଗର ମହିଳାଙ୍କ ପାଇଁ ୨୦୨୬ ଜନ ଗଣନା ପ୍ରକାରେ ଶତକଡା ୩୩ ଭାଗ ଆରକ୍ଷଣ ଲାଗୁ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦୃଢ ଦାବି କରାଯାଇଥିଲା। ଏହି ବିଶାଳ ମଶାଲ ଯାତ୍ରା ଏବଂ ବୈଠକ ସମୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ବରିଷ୍ଠ ନେତା ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ କୁମାର ସାହୁ, ଅନାମ ଦିଆନ, ପ୍ରହ୍ଲାଦ ହିଆଲ, ଭୀମ ପାଣିଗ୍ରାହୀ, ସନରାଜ ଗଣ୍ଡ, ବାବୁଲା ପଟ୍ଟନାୟକ, ଅଖିଳ ଭଦ୍ରା, ଶିବରାମ ରାଜୁ, ପ୍ରଦୀପ ସାହୁ, ଶେଖ୍ ଆକବର ହୁସେନ୍, ଭାସ୍କର ବିଷୋୟୀ, ଗୋପାଳ ତ୍ରିପାଠୀ, ଦେବ କାନ୍ତ ପଣ୍ଡା, ଭବାନୀ ସାହୁ, ବାସୁ ପଟ୍ଟନାୟକ, ତମ୍ମୁ ଦାସ ପନକା ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

● ଜୟପୁର ପ୍ରିମିୟର ଲିଗ୍-୩

# ଜୟପୁର ରୟାଲ କିଙ୍ଗସ ଓ ସୁକୁମା ନାଇଟ୍ ରାଇଡର୍ସ ବିଜୟୀ

ଜୟପୁର,୧୫।୫(ସମିସ): ଜୟପୁର ଦଶହରା ପଡିଆଠାରେ ଚାଲିଥିବା ଜୟପୁର ପ୍ରିମିୟର ଲିଗ୍-୩ର ଆଜିର ଦୁଇଟି ମ୍ୟାଚରେ ଜୟପୁର ରୟାଲ କିଙ୍ଗସ ଓ ସୁକୁମା ନାଇଟ ରାଇଡର୍ସ ବିଜୟୀ ଲାଭ କରିଛନ୍ତି। ପ୍ରଥମ ମ୍ୟାଚ ଜୟପୁର ରୟାଲ ଏବଓ ରୟାଲକିଙ୍ଗସ ଜୟପୁର ମଧ୍ୟରେ ହୋଇଥିଲା। ଜୟପୁର ରୟାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୫.୪ ଓଭରରେ ସମସ୍ତ ୱିକେଟ ହରାଇ ୭୮ ରନ୍ ସଂଗ୍ରହ କରିଥିଲେ। ରୟାଲ କିଙ୍ଗସ ଜୟପୁର ଦଳ ୧୩.୨ ଓଭରରେ ୪ଟି ୱିକେଟ ହରାଇ ୮୨ ରନ ସଂଗ୍ରହ କରି ବିଜୟ ଲାଭ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ ଜୟପୁର ସୁପରଷ୍ଟାର ଓ ସୁକୁମା ନାଇଟ୍ ରାଇଡର୍ସ ମଧ୍ୟରେ ହୋଇଥିଲା। ସୁକୁମା ନାଇଟ ରାଇଡର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲେ। ଜୟପୁର ସୁପରଷ୍ଟାର ଦଳ ୧୨.୪ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ସୁକୁମା ଦଳ ୧୦୨ ରନରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚରେ ପି. ନରେଶ ଓ ଦ୍ୱିତୀୟ ମ୍ୟାଚରେ ଅନିଶ ନାଗିସ ମ୍ୟାନଅଫ ଦି ମ୍ୟାଚ ହାସଲ କରିଥିଲେ। ଶନିବାର ପ୍ରଥମ ମ୍ୟାଚ ଜୟପୁର ସୁପରଷ୍ଟାର ସହ ଜୟପୁର ରୟାଲସ ଓ ଦ୍ୱିତୀୟ ମ୍ୟାଚ ସୁକମା ନାଇଟ ରାଇଡରସ ସହ ରୟାଲ କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହେବ।

# କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୧୫।୫(ସମିସ): କୋରାପୁଟ ଜିଲ୍ଲାରେ ଆସନ୍ତା ରବିଧାନ ପାଇଁ ପ୍ରାୟ ୩ ହଜାର ଚାଷୀଙ୍କ ନାମ ପଞ୍ଜୀକରଣ ହୋଇନଥିବା ବେଳେ ତୁରନ୍ତ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇ ମଣ୍ଡିରେ ଅମଳ ଫସଲ ବିକ୍ରି ପାଇଁ ସୁଯୋଗ ପ୍ରଦାନ ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଉଭୟ ରବି ଓ ଖରିଫ ମଣ୍ଡି ପରିଚାଳନାରେ ସ୍ୱଚ୍ଛତା ଏବଂ ସରକାରୀ ନିୟମ ଅନୁଯାୟୀ ମଣ୍ଡିରେ ଧାନ ଗ୍ରହଣ ଏବଂ ଧାନ ଗ୍ରହଣ ରସିଦ ଚାଷୀଙ୍କୁ ପ୍ରଦାନ ଏବଂ ଅନ୍ୟାନ୍ୟ ସମୁଦାୟ ୧୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ଆର୍ଥିକ ବିକାଶ କରିବ କୋରାପୁଟ କଫି




କୋରାପୁଟ,୧୫।୫(ସମିସ): କୋରାପୁଟର କଫି ଏବେ ଦେଶ ବିଦେଶରେ ସୃଷ୍ଟି କରୁଛି ନିଜର ଅଲଗା ପରିଚୟ। ଜୈବିକ ପଦ୍ଧତିରେ ଉତ୍ପାଦିତ କୋରାପୁଟ କଫିର ଚାହିଦା ଦିନକୁ ଦିନ ବଢୁଥିବା ବେଳେ ଏହାକୁ ଆଧାର କରି ଆଦିବାସୀ ଚାଷୀଙ୍କ ଜୀବନଜୀବିକାକୁ ସୁଦୃଢ କରିବାକୁ ଆରମ୍ଭ ହୋଇଛି ବଡ଼ ପ୍ରୟାସ। ଏବେ ଆମ୍ବ, ପଣସ, ଆଭାକୋଡ଼, ଲିଚୁ ,କାଜୁ ଭଳି ବଗିଚା ଭିତରେ ହେବ କଫି ଚାଷ। ଗତକାଲି ଆନ୍ଧ୍ରର ଆରକୁ ଆରଭିନଗରସ୍ଥିତ ଆଞ୍ଚଳିକ କଫି ଗବେଷଣା କେନ୍ଦ୍ରର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ଏହି ଅବସରରେ ବେଙ୍ଗାଲୁରୁସ୍ଥିତ କେନ୍ଦ୍ରୀୟ କଫି ବୋର୍ଡ ଅଧକ୍ଷ ଏମ.ଜେ. ଦୀନେଶ କାର୍ଯ୍ୟକ୍ରମରେ ବେଙ୍ଗାଲୁରୁ କଫି ବୋର୍ଡର ସିଇଓ ଏମ. କୁର୍ମା ରାଓ, ଆଇସିଏଆରର ନିର୍ଦ୍ଦେଶକ ପ୍ରଫେସର ତୁଷାରକାନ୍ତି ବେହେରା, ଚିକମାଙ୍ଗଲୁରୁସ୍ଥିତ କେନ୍ଦ୍ରୀୟ କଫି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏମ୍. ସେହିଲ କୁମାର, ବେଙ୍ଗାଲୁରୁସ୍ଥିତ କଫି ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ଶିବ କୁମାର ସ୍ୱାମୀ ଯୋଗ ଦେଇଥିଲେ। ଉପସ୍ଥିତ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, ଗବେଷକ, ଆରକୁ ଓ କୋରାପୁଟ କଫି ଚାଷୀଙ୍କ ମଧ୍ୟରେ ଚାଷ ବୃଦ୍ଧି ନେଇ ଆରକୁ ପରେ ଆଜି ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଆଲୋଚନା ହୋଇଥିଲା। ଆନ୍ଧ୍ରର ଆଲୁରି ସିତାରାମରାଜୁ ଜିଲ୍ଲାରେ ୨.୪୫ ଲକ୍ଷ ଏକର ଜମିରେ କଫି ଚାଷ ହେଉଥିବା ବେଳେ କୋରାପୁଟ ଜିଲ୍ଲାରେ ୧୨ ହଜାର ଏକର ଜମିରେ ଚାଷ ହେଉଛି। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ୮ଟି ଜିଲ୍ଲାରେ ଓଡିଶା ସରକାରଙ୍କ ଦ୍ୱାରା ପାଞ୍ଚ ଲକ୍ଷରୁ ଅଧିକ ଜମିରେ କିପରି ଚାଷ ହେବ। ସେଥିରେ ବିଭିନ୍ନ କିସମର ଫଳ ଓ ଉଦ୍ୟାନ ଭିତ୍ତିକ ଅର୍ଥକାରୀ ବଗିଚା ଭିତରେ କଫି ଚାଷ ହେବା ନେଇ ଆଲୋଚନା ହୋଇଥିଲା। କଫି ଉତ୍ପାଦକ ସଂଘ ସଭାପତି ଈଶ୍ୱର ପାଣିଗ୍ରାହୀ, ଉପସଭାପତି ସୁଜୟ ପ୍ରଧାନଙ୍କ ସମେତ କୋରାପୁଟ ଚାଷୀ ସଂଘର କର୍ମକର୍ତ୍ତା ଓ କୋରାପୁଟ କଫି ବୋର୍ଡର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଜନଜାତି ସୁରକ୍ଷା ମଞ୍ଚ ଓ ବନବାସୀ କଲ୍ୟାଣ ଆଶ୍ରମର ମିଳିତ ବୈଠକ



ଜୟପୁର,୧୫।୫(ସମିସ): ରାଜ୍ୟ ଜନ ଜାତି ସୁରକ୍ଷା ମଞ୍ଚ ଓ ବନବାସୀ କଲ୍ୟାଣ ଆଶ୍ରମ ମିଳିତ ଆନୁକୂଲ୍ୟରେ ଏକ ବୈଠକ ଓ ନଗର ସମିତି ଗଠିତ ହୋଇଯାଇଛି। କୋଟପାଡ଼ ସ୍ଥିତ ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଭତରା ପରିଷଦର ପୂର୍ବତନ ସଭାପତି ନୀଳକଣ୍ଠ ଚାଲାଣଙ୍କ ସଭାପତିତ୍ୱରେ ରାଜ୍ୟ ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ପ୍ରାନ୍ତ ସଂଯୋଜକ ରତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଜାତି ସୁରକ୍ଷା ମଞ୍ଚର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଗାମୀ ୨୪ ତାରିଖରେ ନୂଆଦିଲ୍ଲୀ ଠାରେ ହେବାକୁ ଥିବା ଅଖିଳ ଭାରତୀୟ ଜନଜାତି ସମ୍ମିଳନୀ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ପ୍ରାୟ ଦୁଇ ଲକ୍ଷ ଜନଜାତି କାର୍ମକର୍ତ୍ତାଙ୍କ ସମ୍ମିଳନୀରେ ରାଜ୍ୟର ୩୪୦୮ ଜଣ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ୬୩୦ ଜଣ ସଦସ୍ୟ ଏବଂ ୧୦୬ ଜଣ ଜନଜାତି କର୍ମକର୍ତ୍ତା ଯୋଗଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟମ ବିଭାଗର ସହ ପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ କୋଟପାଡ଼ ସହରର

## ସମିତି ଗଠିତ

ନଗର ସମିତି ସର୍ବସମ୍ମତି କ୍ରମେ ଗଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତା ଭାବେ ସଭାପତି ଭୀମ ମାଝୀ, ଉପ ସଭାପତି ଅନାମ ଅମାନତ୍ୟ, ସମ୍ପାଦକ କେଶବ ପୂଜାରୀ , ଯୁଗ୍ମ ସମ୍ପାଦକ ହରିବନ୍ଧୁ ମାଝୀ, କୋଷାଧକ୍ଷ ଧନପତି ଚାଲାଣ,କାର୍ଯ୍ୟକାରୀ ସଦସ୍ ଭାବେ ସୁନାଧର ମାଝି, ପରବ ପୂଜାରୀ, କିଶୋର ଚନ୍ଦ୍ର ଭୂମିଆ ମନୋନୀତ ହୋଇଥିଲେ। ଜନଜାତି ମାନଙ୍କ ବିକାଶ ହେଲେ ରାଷ୍ଟ୍ରର ବିକାଶ ହୋଇପାରିବ ଏବଂ ଏମାନଙ୍କୁ ଅବହେଳା କଲେ ରାଷ୍ଟ୍ର ପ୍ରତି ବିନାଶ ଆସିବା ସ୍ୱାଭାବିକ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ।

# ବଢୁଛି ପାସ୍ ହାର, ବାହାରୁନାହାନ୍ତି ମେଧାବୀ

## ଭଞ୍ଜନଗରରେ ଭୁଶୁଡ଼ିଛି ଶିକ୍ଷା ବ୍ୟବସ୍ଥା

ଭଞ୍ଜନଗର,୧୫।୫(ସମିସ): ଭଞ୍ଜନଗରରେ ଏବେ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ପାସ୍ ହାର ବଢୁଛି ସତ ହେଲେ ପୂର୍ବ ତୁଳନାରେ ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଥିବା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ୯୬.୪୮ ପ୍ରତିଶତ ପାସ୍ ହାର ରହିଥିବା ବେଳେ ଉତ୍କୃଷ୍ଟ ଫଳାଫଳ କମ୍ ରହିଛି। ପାସ୍ ହୋଇଥିବା ୧୯୪୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବ୍ଲକର ମାତ୍ର ୨୦ ଜଣ ଅର୍ଥାତ ଏକ ପ୍ରତିଶତ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ଯେଉଁଥିରେ ସରକାରୀ ବିଦ୍ୟାଳୟର ୩ ଜଣ ଥିବାବେଳେ ବେସରକାରୀ ବିଦ୍ୟାଳୟର ୧୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସମୟ ଥିଲା ଯେତେବେଳେ ମାଟ୍ରିକ୍ ପାସ୍ କରିବା ଗାଁରେ ଗର୍ବ ଓ ସମ୍ମାନର ବିଷୟ ଥିଲା। ସେତେବେଳେ ମାତ୍ର ୩୦ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିଲେ ଓ ତୃତୀୟ ଶ୍ରେଣୀରେ ପାସ୍ କରିବାକୁ ମଧ୍ୟ ବଡ଼ ସଫଳତା ଭାବେ ଦେଖାଯାଉଥିଲା। ସୀମିତ ସୁବିଧା ସତ୍ତ୍ୱେ ପିଲା ମାନେ ଲଣ୍ଠନ ଆଲୋକରେ ପାଠ ପଢ଼ି ନିଜ ଲକ୍ଷ୍ୟ ପୂରଣ କରୁଥିଲେ। କିନ୍ତୁ ବର୍ତ୍ତମାନ ସ୍ଥିତି ପୂରାପୂରି ପରିବର୍ତ୍ତିତ। ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଆଜି ୯୫ ପ୍ରତିଶତରୁ ଅଧିକ ପାସ୍ ହାର ସାଧାରଣ ଘଟଣାରେ ପରିଣତ ହୋଇଛି। ଡିଜିଟାଲ୍ ସହାୟତା ଓ ସ୍ମାର୍ଟ କ୍ଲାସ୍ ସମେତ ବିଭିନ୍ନ ପ୍ରଣାଳୀ ପରୀକ୍ଷାକୁ ସହଜ କରିଦେଇଛି। ଏବେ ଛାତ୍ରମାନଙ୍କ ମଧ୍ୟରେ ପାସ୍ ହେବାର ଭୟ ନୁହେଁ, ବରଂ ଅଧିକ ନମ୍ବର ପାଇବାର ପ୍ରତିଯୋଗିତା ବଢ଼ିଛି। ଭଞ୍ଜନଗର ବ୍ଲକର ଚିତ୍ର ଏହାକୁ ଅଧିକ ସ୍ପଷ୍ଟ କରୁଛି। ଚଳିତବର୍ଷ ଭଞ୍ଜନଗର ବ୍ଲକ୍‌ରୁ ୨୦୧୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୪୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ କେବଳ ସରକାରୀ ବିଦ୍ୟାଳୟରେ ୧୮୭୨ ଛାତ୍ରଛାତ୍ରୀ ଥିବା ବେଳେ ୧୮୦୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ସରକାରୀ ବିଦ୍ୟାଳୟରେ ପାସ୍ ହାର ୯୬.୨୧ ପ୍ରତିଶତ ରହିଛି। ୨୭ଟି ସରକାରୀ ସ୍କୁଲ୍ ମଧ୍ୟରୁ ଲାଲସିଂ କାହ୍ନୁରାଉତ ନୋଡାଲ ଉଚ୍ଚବିଦ୍ୟାଳୟ, ଭଞ୍ଜନଗରର ସୋମନାଥ ଅଭ୍ୟାସ ଉଚ୍ଚବିଦ୍ୟାଳୟ, ଦୋମୁହାଁଣିର ଶ୍ରୀରାଙ୍ଗ ପାତ୍ର ହାଇସ୍କୁଲ୍ ଓ ଇନ୍ଦାଗଡ଼ ଉଚ୍ଚବିଦ୍ୟାଳୟରେ ପାସ୍‌ହାର ଶତପ୍ରତିଶତ ରହିଥିଲେ ମଧ୍ୟ ମାତ୍ର ତିନୋଟି ବିଦ୍ୟାଳୟ ଦୀନବନ୍ଧୁ ବେହେରା ବାଳିକା ଉଚ୍ଚବିଦ୍ୟାଳୟ, କବି ସମ୍ରାଟ ଉଚ୍ଚମାଧ୍ୟମିକ ସ୍କୁଲ୍ ଏବଂ ରାଇପଲ୍ଲୀ ୟୁଜିଏସ୍ଏସ୍‌ରୁ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ସେହିପରି ସମସ୍ତ ଘରୋଇ ସ୍କୁଲରେ ମଧ୍ୟ ପାସ ହାର ଶତପ୍ରତିଶତ ରହିଛି। ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ରହିଥିବା ବେସରକାରୀ ସ୍କୁଲରେ ୧୪୭ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ସରକାରୀ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ତୁଳନାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଧିକ ସମୟ ବ୍ୟୟ ହେଉଛି। ଶିକ୍ଷକ ଅଭାବ ଓ ଅନେକ ପ୍ରଶାସନିକ କାମରେ ଶିକ୍ଷକ ମାନଙ୍କ ବ୍ୟସ୍ତତା ମଧ୍ୟ ପିଲାଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି କରୁଛି। ତା' ସହିତ ଲିବରାଲ୍ ମୂଲ୍ୟାୟନ ପ୍ରଣାଳୀ ଛାତ୍ରମାନଙ୍କୁ ପାସ୍ କରାଇବାରେ ସହାୟକ ହେଉଥିଲେ ମଧ୍ୟ ମୂଳ ଜ୍ଞାନକୁ ଦୃଢ଼ କରିପାରୁନାହିଁ। ଏହି ପରିସ୍ଥିତିରେ ଏକ ମୂଳ ପ୍ରଶ୍ନ ଉଠୁଛି ଛାତ୍ରମାନେ କେବଳ ପାସ୍ ହେଉଛନ୍ତି କି, ନା ସତରେ ଶିଖୁଛନ୍ତି? ଯଦି ଶିକ୍ଷା କେବଳ ନମ୍ବର ଓ ସାର୍ଟିଫିକେଟ୍‌ରେ ସୀମିତ ହୋଇଯାଏ, ତେବେ ଏହା ଭବିଷ୍ୟତ ପିଢ଼ି ପାଇଁ ଗଭୀର ଚିନ୍ତାର ବିଷୟ।

# ବିଜେପିକୁ ଭୋଟ ଦେଇ ଭୁଲ କଲୁ



ଆସିକା,୧୫।୫(ସମିସ): ମଧ୍ୟ ପ୍ରାଚ୍ୟର ଯୁଦ୍ଧର ପ୍ରଭାବରେ ସାରା ରାଜ୍ୟରେ ପେଟ୍ରୋଲ ଡିଜେଲ ସଙ୍କଟ ଦେଖା ଦେଇଥିବା ବେଳେ ଷ୍ଟକ ସରିବାରୁ ଧୀରେ ଧୀରେ ପେଟ୍ରୋଲ ପମ୍ପ ଗୁଡ଼ିକ ବନ୍ଦ ହେଲାଣି। ଆଉ ଯେଉଁ ସବୁ ପମ୍ପ ଚାଲିଛି ତାହା ନିକଟରେ ଲୋକଙ୍କ ଲମ୍ବା ଧାଡି ଲାଗିଛି। ଗଞ୍ଜାମ ଜିଲ୍ଲା ଆସିକା ସମେତ ଆଖ ପାଖ ଥିବା ଅଞ୍ଚଳର ୫ଟି ପେଟ୍ରୋଲ ପମ୍ପ ମଧ୍ୟରୁ ୨ ବନ୍ଦ ବନ୍ଦ ରହିଥିବା ବେଳେ ୩ଟି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ମିଳୁଛି। ଯାହା ସେହି ପେଟ୍ରୋଲ ପମ୍ପ ଗୁଡିକରେ ମଧ୍ୟ ଆଜି ସରିଯିବ। ଫଳରେ ଟାଙ୍କି ଗୁଡିକରେ ପେଟ୍ରୋଲ ୨୦୦ ଟଙ୍କା ଆଉ ଡିଜେଲ ୫୦୦ ରୁ ୧୦୦୦ ଟଙ୍କା ଭିତରେ ଦିଆଯାଉଛି। ସେପଟେ ଚାରିଚକିଆକୁ ପେଟ୍ରୋଲ ୫୦୦ ରୁ ୧୦୦୦ ଟଙ୍କା ଭିତରେ ଦିଆ ଯାଉଛି । ଯାହା ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେବ ଡିଜେଲ ଓ ପେଟ୍ରୋଲ ଗ୍ରାହକ ମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜେପି ସରକାରକୁ ଭୋଟ ଦେଇ ବଡ ଭୁଲ କଲୁ ବୋଲି ଗ୍ରାହକ ମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟପଟେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ନାକେଦମ ହେଲେଣି ଗ୍ରାହକ।

ଜୟପୁର ପୌରପାଳିକା ସଫେଇ ଟେଣ୍ଡରରେ ଦୁର୍ନୀତି ଅଭିଯୋଗ

# ଟେଣ୍ଡର ବାତିଲ ପାଇଁ ଜିଲ୍ଲାପାଳଙ୍କୁ ୧୫ କାଉନସିଲରଙ୍କ ଦାବିପତ୍ର



## ବିଜେଡି କାଉନସିଲରଙ୍କ ଗଣଧାରଣା ଚେତାବନୀ

କୋରାପୁଟ,୧୫।୫(ସମିସ): ଜୟପୁର ପୌରପାଳିକାର ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ପାତରଅନ୍ତର ଅଭିଯୋଗ ହୋଇଛି। ଏହି ଟେଣ୍ଡରକୁ ତୁରନ୍ତ ବାତିଲ କରିବା ପାଇଁ ଜୟପୁର ପୌରପାଳିକାର ୧୫ ଜଣ କାଉନସିଲର କୋରାପୁଟ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଣ-ସ୍ୱଚ୍ଛ ଏବଂ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗ୍ରହ ଦେଖାଇବା ପାଇଁ କରାଯାଇଛି। ଗତ ଫେବୃଆରୀ ୨୪ରେ ଆହ୍ୱାନ କରାଯାଇଥିବା ଏହି ଟେଣ୍ଡରରେ ୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାଗଜପତ୍ର ଅଭାବରୁ ୪ ଜଣ ଏବଂ ଅନ୍‌ଲାଇନରେ ଭାଗ ନ ନେବାରୁ ଜଣେ ବାଦ ପଡ଼ିଥିଲେ। ଶେଷରେ ୪ ଜଣଙ୍କ ମଧ୍ୟରେ ଲଟେରୀ କରାଯାଇଥିଲା । ଏହା ନିୟମ ଉଲ୍ଲଂଘନ ବୋଲି କାଉନସିଲର ମାନେ ଦାବି କରିଛନ୍ତି। କୌଣସି ଜନପ୍ରତିନିଧିଙ୍କ ଅନୁପସ୍ଥିତିରେ, କେବଳ ପୌରପାଳିକା ଅଧ୍ୟକ୍ଷ ଏବଂ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏକ ବନ୍ଦ କୋଠରୀରେ ସନ୍ଦେହଜନକ ଭାବେ ଚିଟ୍ ଉଠାଯାଇ ଲଟେରୀ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ବିଷୟରେ ନିର୍ବାଚିତ କାଉନସିଲରମାନଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ବର୍ତ୍ତମାନର ବେଆଇନ ସଫେଇ ଟେଣ୍ଡରକୁ ତୁରନ୍ତ ବାତିଲ କରାଯାଉ, ସର୍ବସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱଚ୍ଛତା ଓ ସମାନ ପ୍ରତିଯୋଗିତା ଭିତ୍ତିରେ ପୁଣି ଥରେ ନୂତନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ବିବାଦୀୟ ଟେଣ୍ଡରକୁ ତୁରନ୍ତ ବାତିଲ କରିବା ପାଇଁ ଜୟପୁର ପୌରପାଳିକାର ଉପାଧ୍ୟକ୍ଷା ବି. ସୁନୀତା ଏବଂ ବିଭିନ୍ନ ୱାର୍ଡର କାଉନସିଲରମାନେ ମିଳିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ଟେଣ୍ଡରକୁ ତୁରନ୍ତ ବାତିଲ କରାନଯାଏ, ତେବେ ଆଗାମୀ ଦିନରେ ସମସ୍ତ ବିଜେଡି କାଉନସିଲର ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେବା ପାଇଁ ବାଧ୍ୟ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହା ସହ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ କାଉନସିଲରମାନେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟକୁ ହସ୍ତକ୍ଷେପ ପାଇଁ ପ୍ରେରଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କାଉନସିଲର ଦେବେନ୍ଦ୍ର କୁମାର ଚୌଧୁରୀ, ଶଶୀରେଖା ପରଜା , ଜସପାଲ ସିଂହ, ବି. ବିଷ୍ଣୁ ବର୍ଦ୍ଧନ ରେ‡ୀ , ଏନ୍. ଲକ୍ଷ୍ମୀ ନାରାୟଣ , ଏ. ଭଦ୍ରା ବେଣୀ ଏବଂ ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯଦି ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

# ଦୁଷ୍କର୍ମ ପୀଡ଼ିତା ନାବାଳିକା ୬ ମାସର ଗର୍ଭବତୀ

**ସମ୍ପର୍କୀୟ ଭାଇ ଗିରଫ**

ବୈଶିଙ୍ଗା, ୧୫।୫ (ସମିସ): ମୟୂରଭଞ୍ଜ ଜିଲ୍ଲାରୁ ପୁଣି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ବୈଶିଙ୍ଗା ଥାନା ଅଞ୍ଚଳରେ ଦୁଷ୍କର୍ମର ଶିକାର ଜଣେ ୧୩ ବର୍ଷୀୟା ନାବାଳିକା ୬ ମାସର ଗର୍ଭବତୀ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ନାବାଳିକାର ସମ୍ପର୍କୀୟ ଭାଇକୁ ଗିରଫ କରିଛି। ପୀଡ଼ିତାଙ୍କ ପରିବାରର ଅଭିଯୋଗ ମୁତାବକ, ପ୍ରାୟ ୬ମାସ ତଳେ ଅଭିଯୁକ୍ତର ମା' ଦେହ ଅସୁସ୍ଥ ଥିଲା। ଘର କାମରେ ସାହାଯ୍ୟ କରିବାକୁ ନାବାଳିକାକୁ ପଠାଇବାକୁ ଅଭିଯୁକ୍ତଜଣଙ୍କ ନାବାଳିକଙ୍କ ମା'ଙ୍କୁ ଅନୁରୋଧ କରିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତଜଣଙ୍କ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏହାସହ ଘଟଣା ବାହାରେ ପ୍ରଘଟ କଲେ, ଜୀବନରୁ ମାରିଦେବାକୁ ଧମକ ଦେଇଆସୁଥିଲା। ପୀଡ଼ିତା ଭୟରେ ଓ ମାନସିକ ଚାପରେ ରହୁଥିବା ବେଳେ ଇତିମଧ୍ୟରେ ସେ ଅସୁସ୍ଥ ହୋଇପଡ଼ିଥିଲା। ପରେ ଡାକ୍ତରୀ ପରୀକ୍ଷାରୁ ସେ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଘରଲୋକେ ଅଧିକ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା।

**ପରିବହନ ବିଭାଗର ଉଚ୍ଚସ୍ତରୀୟ ବୈଠକ**

# ବସ୍-ଟ୍ରକ୍ ପାଇଁ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ

କଟକ,୧୫।୫(ସମିସ): ଓଡ଼ିଶାରେ ଜାରି ରହିଥିବା ତେଲ ସଙ୍କଟକୁ ନେଇ ପରିବହନ କ୍ଷେତ୍ରରେ ଏକ ବଡ଼ ବିପର୍ଯ୍ୟୟର ଆଶଙ୍କା ସୃଷ୍ଟି ହୋଇଛି। ଡିଜେଲ ଅଭାବ ଯୋଗୁଁ ରାଜ୍ୟରେ ବସ୍ ଓ ଟ୍ରକ୍ ଚଳାଚଳ ବନ୍ଦ ହୋଇଯିବ ବୋଲି ମାଲିକ ସଂଘ ଚେତାବନୀ ଦେବା ପରେ ପରିସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ୪୮ଘଣ୍ଟା ସମୟ ନେଇଛି। ଆଜି ଏହି ପରିପ୍ରେକ୍ଷୀରେ ଏସ୍‌ଟିଏ କାର୍ଯ୍ୟାଳୟଠାରେ ପରିବହନ କମିସନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଓ ତୈଳ କମ୍ପାନୀର ଅଧିକାରୀମାନେ ଯୋଗ ଦେଇଥିଲେ।

ସଂଘର ଦାବି ଅନୁସାରେ, ବିଭିନ୍ନ ଜିଲ୍ଲାରେ କେବଳ ବସ୍ ଓ ଟ୍ରକ୍‌ଗୁଡ଼ିକରେ ତେଲ ପକାଇବା ସୁବ୍ୟବସ୍ଥିତ କରିବା ପାଇଁ କେତେକ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ସଂରକ୍ଷିତ ରଖାଯିବ ବୋଲି ପରିବହନ ବିଭାଗ ପ୍ରତିଶ୍ରୁତି ଦେଇଛି। ଏଥିପାଇଁ ବିଭାଗ ପକ୍ଷରୁ ବସ୍ ମାଲିକ ସଂଘ ପକ୍ଷରୁ ବ୍ୟବହାର କରୁଥିବା ପମ୍ପଗୁଡ଼ିକର ସୂଚୀ ପ୍ରଦାନ କରିବାକୁ କୁହାଯାଇଛି। ସେହିଭଳି, ଟ୍ରକ୍‌ଗୁଡ଼ିକ ପାଇଁ ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ଜିଲ୍ଲାର ସ୍ୱତନ୍ତ୍ର ପମ୍ପ ଚିହ୍ନଟ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଗାଡ଼ିଗୁଡ଼ିକର ଦୈନିକ ଆବଶ୍ୟକତା ଅନୁଯାୟୀ, ସେହି ନିର୍ଦ୍ଦିଷ୍ଟ ପମ୍ପଗୁଡ଼ିକୁ ତୈଳ ଯୋଗାଣ ପ୍ରକ୍ରିୟାକୁ ସରକାର ଓ ତୈଳ କମ୍ପାନୀ ସିଧାସଳଖ ମନିଟରିଂ କରିବେ। ଇନ୍ଧନ ପ୍ରସଙ୍ଗରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ଅନୁରୋଧ କରାଯିବା ସହ ପବ୍ଲିକ ଟ୍ରାନ୍ସପୋର୍ଟ ସ୍ୱାଭାବିକ ରହିବ ବୋଲି ଆଶ୍ୱାସନା ଦିଆଯାଇଛି।



ଇନ୍ଧନ ଅଭାବ ଯୋଗୁଁ ଅନେକ ଗାଡ଼ି ପୂର୍ବରୁ ହିଁ ଚଳାଚଳ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାରାଦୀପରେ ମଧ୍ୟ ପମ୍ପଗୁଡ଼ିକରେ ତେଲ ମିଳୁନାହିଁ। ଫଳରେ ପ୍ରାୟ ଶତାଧିକ ଟ୍ରକ୍ ଅଟକି ରହିଛି। ସେହିଭଳି ପମ୍ପରେ ପେଟ୍ରୋଲ ପାଇଁ ଭିଡ଼ ହେଉଥିବାରୁ ବସ୍‌ଗୁଡ଼ିକ ଡିଜେଲ ପକାଇବାରେ ଅସୁବିଧା ଭୋଗୁଛନ୍ତି। ଏଣୁ, ସ୍ୱତନ୍ତ୍ର ପମ୍ପ ସଂରକ୍ଷିତ ରଖାଯାଇ ଡିଜେଲ ଯୋଗାଇବାକୁ ବସ୍ ମାଲିକ ସଂଘ ସଭାପତି ଦେବେନ୍ଦ୍ର ସାହୁଙ୍କ ପକ୍ଷରୁ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ଇଣ୍ଡିଆନ ଅଏଲ୍ କର୍ତ୍ତୃପକ୍ଷ କହିଥିଲେ ଯେ ରାଜ୍ୟରେ ପର୍ଯ୍ୟାପ୍ତ ତେଲ ମହଜୁଦ ଅଛି ଏବଂ ପୂର୍ବାପେକ୍ଷା ୨୫ପ୍ରତିଶତ ଅଧିକ କୋଟା ଯୋଗାଇ ଦିଆଯାଉଛି।

# ଲକ୍ଷ୍ୟଠାରୁ ଦୂରରେ ଇଭି ଅଭିଯାନ



**ସରକାରୀ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବି ବନ୍ଦ**

**ଚାର୍ଜିଂ ଷ୍ଟେସନ୍ ଅଭାବ ପାଇଁ ଗ୍ରାହକ ପଛଘୁଞ୍ଚା**

ଭୁବନେଶ୍ୱର, ୧୫।୫ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଦରରେ ବୃଦ୍ଧି, ଗତ ୨ ଦିନ ହେଲା ରାଜ୍ୟର ପେଟ୍ରୋଲ ପମ୍ପ ଆଗରେ ଦିନରାତି ଲମ୍ବା ଲାଇନ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟ ସରକାରଙ୍କ 'ଇଭି' ଅଭିଯାନ। ପେଟ୍ରୋଲ-ଡିଜେଲ୍ ପାଇଁ ଏବେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଇଭି ଗାଡ଼ି ଏହାର ବିକଳ୍ପ ବୋଲି କୁହାଯାଉଛି। କିନ୍ତୁ, ଗୋଟେପଟେ ୨୦୩୦ ସୁଦ୍ଧା ଇଭି ପଞ୍ଜୀକରଣ ୫୦%ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଚାର୍ଜିଂ ଷ୍ଟେସନ୍‌ର ଘୋର୍ ଅଭାବ ଇଭି ପ୍ରତି ଲୋକଙ୍କୁ ବିମୁଖ କରୁଛି। ବାକି ଛୋଟବଡ଼ ସହର କଥା ଛାଡ଼, ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମାତ୍ର ୧୨ଟି ଚାର୍ଜିଂ ଷ୍ଟେସନ୍ ରହିଛି। ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ, ଗ୍ରାହକ ଇଭି ଗାଡ଼ି କିଣିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ସେହିପରି, ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିବା ସାଙ୍ଗକୁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି। କିନ୍ତୁ, ଏହା ସତ୍ତ୍ୱେ ରାଜ୍ୟରେ ଇଭି ଅଭିଯାନ ବାଟବଣା ହୋଇଥିବା କୁହାଯାଉଛି। ଇଭି ଗାଡ଼ି ଓ ଏ ସମ୍ପର୍କିତ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ପୂର୍ବ ସରକାର ବଳିଷ୍ଠ ଇଭି ନୀତି ପ୍ରଣୟନ କରିଥିଲେ। ନୂଆ ସରକାର ଗତବର୍ଷ ସେଥିରେ ସଂସ୍କାର ଆଣିଥିଲେ ହେଁ ମଧ୍ୟ ଇଭି ଅଭିଯାନ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଥିବା କୁହାଯାଉଛି।

ଗୋଟିଏପଟେ, ପୂର୍ବାପେକ୍ଷା ଇଭି କ୍ରୟ ବୃଦ୍ଧି ପାଇଛି। କିନ୍ତୁ ପଞ୍ଜୀକରଣ ହାର ଉତ୍ସାହିତ କରିପାରୁନାହିଁ। ଭିତ୍ତିଭୂମି ନିର୍ମାଣରେ ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ସହଯୋଗ କରୁନଥିବା ଜଣାଯାଇଛି। ଭୁବନେଶ୍ୱରରେ ପରିବହନ ବିଭାଗ ପକ୍ଷରୁ ନିର୍ମିତ ଚାର୍ଜିଂ ଷ୍ଟେସନକୁ ଶକ୍ତି ବିଭାଗ ବିଦ୍ୟୁତ୍ ସଂଯୋଗ ଦେବାରେ ଅବହେଳା କରୁଥିବା ନେଇ ପରିବହନ ବିଭାଗର ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରିବାକୁ ପଡୁଛି। ଏପଟେ ଇଭି କିଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁଧବିହୀନ ଋଣ ଚଳିତ ମାସରୁ ବନ୍ଦ ହୋଇଯାଇଥିବାରୁ ଗ୍ରାହକମାନେ ମଧ୍ୟ ଏଥିରୁ ମୁହଁ ଫେରାଇଲେଣି। କେବଳ ସେତିକି ନୁହେଁ, ଯେଉଁମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିଛନ୍ତି ସେମାନେ ପୁନର୍ବାର ଇଭି ଗାଡ଼ି କିଣିବା ଅସମ୍ଭବ ବୋଲି କହୁଛନ୍ତି। ସେହିପରି ଇଭି ଉପରେ ଗବେଷଣା ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରଚଳିତ ନୀତିରେ ବ୍ୟବସ୍ଥା ଥିଲେ ସୁଦ୍ଧା ତାହାର ଚିହ୍ନବର୍ଣ୍ଣ ନାହିଁ।

ଇଭି ଅଭିଯାନକୁ ବଳ ଦେବା ପାଇଁ ସରକାର ଗତବର୍ଷ ସେପ୍ଟେମ୍ବରରୁ ଇଭି ଚିଠା ନୀତି ପ୍ରସ୍ତୁତ କଲେଣି। କିନ୍ତୁ ଆଜି ଯାଏ ତାହାର ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ପ୍ରସ୍ତାବିତ ଚିଠା ନୀତି ଅନୁସାରେ ନୂଆ ନୀତି ଲାଗୁ ହେବାର ୬ ମାସ ମଧ୍ୟରେ ସମସ୍ତ ସରକାରୀ ବିଭାଗ ଇଭି ବ୍ୟବହାର କରିବା ବାଧ୍ୟତାମୂଳକ ହେବ। ଅଳିଆ ବୁହା ଗାଡ଼ି, ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ଇଭି ଚାଲିବ। ସମସ୍ତ ସରକାରୀ ନୌକା ଏବଂ ଲଞ୍ଚଗୁଡ଼ିକୁ ଇଭିରେ ପରିବର୍ତ୍ତନ କରାଯିବ। ଇଭି ସମ୍ପର୍କିତ ଗବେଷଣା ଓ ବିକାଶ ପାଇଁ ଅନ୍ୟୂନ ୩ ଟି ଉତ୍କର୍ଷ କେନ୍ଦ୍ର ତଥା ଷ୍ଟାର୍ଟ-ଅପ୍ ପାଇଁ ଇନ୍‌କ୍ୟୁବେସନ ସେଣ୍ଟର ଖୋଲାଯିବ। ଗବେଷଣା ଓ ବିକାଶ ପାଇଁ ସରକାର ୧୫ କୋଟି ଟଙ୍କାର ପାଣ୍ଠି ଗଠନ କରିବେ। ଇଭି ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଦକ୍ଷତା ବିକାଶ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରାଯିବ। ଏହାଦ୍ୱାରା ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ହେବ। ସେହିପରି ୭ ସହରର ମୁଖ୍ୟ ରାସ୍ତାରେ ୩୦୦ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯିବ। ପ୍ରତି ଇଭି ଚାର୍ଜିଂ ଷ୍ଟେସନ ପାଇଁ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରିବେ। ବ୍ୟାଟେରୀ ସ୍ୱାପିଂ ଷ୍ଟେସନ ସ୍ଥାପନ ପାଇଁ ୨ ଲକ୍ଷ ଟଙ୍କା ସବ୍‌ସିଡି ଦିଆଯିବ ବୋଲି ଏଥିରେ ଯୋଜନା ରହିଥିଲା। କିନ୍ତୁ, ଏହି ନୀତି କେବେ କାର୍ଯ୍ୟକାରୀ ହେବ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ପୁଣି ବ୍ରହ୍ମଗିରିରେ ଲଜ୍ଜା**

# ୫ ବର୍ଷୀୟା ଶିଶୁକନ୍ୟାକୁ ଶୌଚାଳୟରେ ଦୁଷ୍କର୍ମ

ପୁରୀ/ବ୍ରହ୍ମଗିରି, ୧୫।୫(ସମିସ): ବ୍ରହ୍ମଗିରି ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୫ ବର୍ଷୀୟା ଏକ ଶିଶୁକନ୍ୟାକୁ ବାତ୍ୟା ଆଶ୍ରୟସ୍ଥଳ ଶୌଚାଳୟରେ ଦୁଷ୍କର୍ମ କରାଯାଇଛି। ଏ ସଂପର୍କରେ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଶିଶୁକନ୍ୟାଜଣଙ୍କ ଗତ ବୁଧବାର ସକାଳେ ଟ୍ୟୁସନ୍‌ରୁ ଘେରକୁ ଫେରିବା ବେଳେ ଗାଁ ମୁଣ୍ଡରେ ଥିବା ବାତ୍ୟା ଆଶ୍ରୟସ୍ଥଳ ନିକଟରେ ୨୮ ବର୍ଷୀୟ ଜଣେ ଯୁବକ ତାକୁ ବାତ୍ୟା ଆଶ୍ରୟସ୍ଥଳ ଶୌଚାଳୟ ଭିତରକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ଶିଶୁକନ୍ୟାଜଣଙ୍କ କାନ୍ଦିକାନ୍ଦି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଗୁରୁବାର ଶିଶୁକନ୍ୟାର ବାପା ଅଭିଯୁକ୍ତ ଘରକୁ ଯାଇ ତାକୁ ମାଡ଼ ମାରି ଆଣି କୋଠଘରେ ରଖିଥିଲେ। ତେବେ ଗାଁର କେହି ବ୍ୟକ୍ତି କୋଠଘର ଖୋଲିଦେବାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିଲା। ଅପରପକ୍ଷେ, ଏ ସଂପର୍କରେ ଶିଶୁକନ୍ୟାର ପରିବାର ପକ୍ଷରୁ ବ୍ରହ୍ମଗିରି ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶିଶୁକନ୍ୟାର ଡାକ୍ତରୀ ମାଇନା କରିବା ସହ ଗୁରୁବାର ରାତିରେ ଘରେ ଛାଡ଼ିଥିଲା। ଶୁକ୍ରବାର ନାବାଳିକାର ବୟାନ ରେକର୍ଡ କରାଯାଇଛି। ତାକୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ନିକଟରେ ହାଜର କରାଯାଇଛି।

ଏ ସମ୍ପର୍କରେ ବ୍ରହ୍ମଗିରି ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି, ଅଭିଯୋଗ ହେବା ପରେ ତୁରନ୍ତ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଆରମ୍ଭ ହୋଇଛି। ପୀଡ଼ିତାର ଡାକ୍ତରୀମାଇନା ଏବଂ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ସୂଚନାଥାଉ କି, ୩ମାସରେ ବ୍ରହ୍ମଗିରି ଅଞ୍ଚଳରେ ୩ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି। ମାର୍ଚ୍ଚ ୨୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟ ସମ୍ପୃକ୍ତ ଶିକ୍ଷକ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ବ୍ରହ୍ମଗିରି ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ସେଠାରୁ ବଦଳି କରିଦିଆଯାଇଥିଲା। ସେହିପରି, ଗତ ଏପ୍ରିଲରେ ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ୬ବର୍ଷୀୟା ଶିଶୁକନ୍ୟାରୁ ହାତ ବାନ୍ଧି ଦୁଷ୍କର୍ମ କରାଯାଇଥିଲା। ପଡ଼ିଶାଘରର ୨୧ ବର୍ଷୀୟ ଜଣେ ଯୁବକ ଏହି ନୃଶଂସକାଣ୍ଡ ଭିଆଇଥିଲା। ଏବେ ଜଣେ ୫ ବର୍ଷୀୟ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ରସାତଳଗାମୀ ହେଉଥିବା ବେଳେ ପୁଲିସ କିମ୍ବା ଆଇନକୁ ଆଉ ଅପରାଧୀଙ୍କ ଭୟ ନରହିବାର ଏହା ଜ୍ୱଳନ୍ତ ପ୍ରମାଣ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

**ବେତନଟୀ ଡାକ୍ତରଖାନା ଏକ୍ସ-ରେ ବିଭାଗର ଦାୟିତ୍ୱହୀନତା**

# ୮ ବର୍ଷର ଝିଅକୁ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ' ରିପୋର୍ଟ

ବେତନଟୀ, ୧୫।୫ (ସମିସ): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରଞ୍ଜନରଶ୍ମି (ଏକ୍ସ-ରେ') ବିଭାଗର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ୮ ବର୍ଷର ଜଣେ ନାବାଳିକାକୁ ଭୁଲ୍ ଏକ୍ସ-ରେ' ରିପୋର୍ଟ ଦେବା ଏବଂ ଅନାବଶ୍ୟକ ଭାବେ ଛାତ୍ରୀଙ୍କ ଗୋଡ଼ ପ୍ଲାଷ୍ଟର୍ କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ପରିବାରଲୋକେ ଏହି ଘଟଣାରେ ସମ୍ପୃକ୍ତ ଏକ୍ସ-ରେ' ଟେକ୍ନିସିଆନ୍ ଓ ଡାକ୍ତରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବହାନଡ଼ା ଗ୍ରାମର ଜଣେ ୮ ବର୍ଷୀୟା ନାବାଳିକା ସୋମବାର ଦିନ ଘର ପାଖରେ ସାଇକେଲ ଚଳାଉଥିବା ବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପରିବାରଲୋକ ତାଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ନାବାଳିକାଙ୍କ ଏକ୍ସ-ରେ' କରାଯାଇଥିଲା। କିନ୍ତୁ, ରଞ୍ଜନରଶ୍ମି ବିଭାଗର ଟେକ୍ନିସିଆନ୍ ନାବାଳିକାଙ୍କ ବଦଳରେ ଅନ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କ ରିପୋର୍ଟ ନାବାଳିକାଙ୍କ ପରିବାର ଲୋକଙ୍କୁ ଦେଇଥିଲେ। ଡାକ୍ତର ମଧ୍ୟ ଉକ୍ତ ରିପୋର୍ଟ ଭଲ ଭାବେ ଯାଞ୍ଚ ନ କରି ଗୋଡ଼ ଭାଙ୍ଗିଥିବା ଦେଖି ଅପରେସନ୍ ସହ ପ୍ଲାଷ୍ଟରିଂ କରିବାକୁ ପରାମର୍ଶ ଦେଇ ବାରିପଦା ରେଫର୍ କରିଥିଲେ। ଅପରେସନ୍ କଥା ଶୁଣି ପରିବାର ବିଚଳିତ ହୋଇପଡ଼ିଥିଲା। ବ୍ୟସ୍ତବିବ୍ରତ ହୋଇ କରଜ କରି ଟଙ୍କାନେଇ ଅପରେସନ ପାଇଁ ଯାଉଥିଲେ। ଏହି ସମୟରେ ଜଣେ ସମ୍ପର୍କୀୟଙ୍କ ସନ୍ଦେହ ହେବାରୁ ନାବାଳିକାଙ୍କୁ ନେଇ ଏକ ଘରୋଇ କ୍ଲିନିକ୍‌କୁ ଯାଇ ପୁନଃ ଏକ୍ସ-ରେ' କରାଯାଇଥିଲା। ନୂଆ ରିପୋର୍ଟ ଭିନ୍ନ ଆସିଥିଲା। ପରେ ଉକ୍ତ ନାବାଳିକାଙ୍କ ପିତାମାତା ଡାକ୍ତରଖାନାରେ ପହଞ୍ଚି ଭୁଲ୍ ପ୍ଲାଷ୍ଟର୍ ଖୋଲିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଥିଲେ। ଏ ସମ୍ପର୍କରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପୁନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ତଦନ୍ତ ପାଇଁ ଅନୁରୋଧ କରିଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଦର ବଢ଼ିଲା...

ଦେଖିବାକୁ ମିଳିଥିଲା। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ସରକାର ପେଟ୍ରୋଲ ଓ ଡିଜେଲ ଦାମରେ ତିନି ଟଙ୍କା ବୃଦ୍ଧି କରିବାକୁ ଆଜି ସକାଳେ ଘୋଷଣା କରିଛନ୍ତି। ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ତେଲ ଦର ବଢୁଥିବାରୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତି ନେଇଥିବା ସରକାର ସଫେଇ ଦେଇଛନ୍ତି। ତୈଳ ଦର ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୯୪.୭୭ ଟଙ୍କାରୁ ବଢ଼ି ୯୭.୭୭ ଟଙ୍କା ହୋଇଛି। ସେହିପରି ଡିଜେଲ ଲିଟର ପିଛା ୮୭.୬୭ ଟଙ୍କାରୁ ବଢ଼ି ୯୦.୬୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଦାମ ଲିଟର ପିଛା ୧୦୪ ଟଙ୍କା ୩୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦାମ୍ ୯୫ ଟଙ୍କା ୮୭ ପଇସାକୁ ବୃଦ୍ଧି ପାଇଛି।

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ଭାରତ ଆମଦାନୀ କରୁଥିବା ଅଶୋଧିତ ତୈଳ ବ୍ୟାରେଲ ପିଛା ୬୯ ଡଲାରରୁ ବଢ଼ି ପ୍ରାୟ ୧୧୪ ଡଲାରରେ ପହଞ୍ଚିବା ଫଳରେ ତୈଳ ବିକ୍ରୟ ସଂସ୍ଥାଗୁଡ଼ିକ କ୍ଷତି ସହୁଥିଲେ। ଏହି ଆର୍ଥିକ ଚାପକୁ ସମ୍ଭାଳିବା ପାଇଁ ଦର ବୃଦ୍ଧି ଅପରିହାର୍ଯ୍ୟ ହୋଇପଡ଼ିଥିଲା ବୋଲି ସରକାର କହିଛନ୍ତି। ପ୍ରାୟ ୧୧ ସପ୍ତାହ ଧରି ସ୍ଥିର ରହିବା ପରେ ଶେଷରେ ତେଲ ଦରରେ ଏହି ପରିବର୍ତ୍ତନ କରାଯାଇଛି। ଦର ବଢ଼ିବା ଆଶଙ୍କାରେ ଗତ କିଛି ଦିନ ହେବ ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରବଳ ଗହଳି ଦେଖିବାକୁ ମିଳୁଥିଲା।। ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୨୪ ମାର୍ଚ୍ଚ ମାସରେ ତେଲ ଦରରେ ୨ ଟଙ୍କା ହ୍ରାସ କରାଯାଇଥିଲା। କିନ୍ତୁ ବର୍ତ୍ତମାନର ବିଶ୍ୱସ୍ତରୀୟ ପରିସ୍ଥିତି ଓ ତୈଳ କମ୍ପାନୀଗୁଡ଼ିକର କ୍ଷତିକୁ ଦୃଷ୍ଟିରେ ରଖି ଏହି ଦର ବୃଦ୍ଧି ସାଧାରଣ ଜନତାଙ୍କ ପକେଟ ଉପରେ ବଡ଼ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଖର୍ଚ୍ଚ ବଢ଼ିବା ସହ ବଜାରରେ ଦରଦାମ ବୃଦ୍ଧି ହେବାର ମଧ୍ୟ ସମ୍ଭାବନା ରହିଛି।

ବିଶେଷଜ୍ଞଙ୍କ ମତରେ ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଗ୍ରାହକଙ୍କୁ ଆହୁରି ବଡ଼ ଝଟ୍‌କା ଲାଗିପାରେ। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପ୍ରାୟ ୧୦୭ ଡଲାର ଅତିକ୍ରମ କରିଛି। ଭାରତରେ ତୈଳ କମ୍ପାନୀଗୁଡ଼ିକ ଗତ କିଛି ମାସ ଧରି ଦର ବଢ଼ାଇ ନଥିବାରୁ ଦିନକୁ ପ୍ରାୟ ୧୦୦୦ କୋଟି ଟଙ୍କାର କ୍ଷତି ସହୁଥିଲେ। ଏହି କ୍ଷତି ଭରଣା ପାଇଁ ଏବେ ଦର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବର୍ତ୍ତମାନର ୩ ଟଙ୍କାର ବୃଦ୍ଧି ଯଥେଷ୍ଟ ନୁହେଁ। ତୈଳ କମ୍ପାନୀଗୁଡ଼ିକର ସ୍ଥିତି ସୁଧାରିବା ପାଇଁ ଆଗକୁ ଆହୁରି ୧୧ ରୁ ୧୫ ଟଙ୍କା ପର୍ଯ୍ୟନ୍ତ ଦର ବୃଦ୍ଧି ହେବାର ସମ୍ଭାବନା ରହିଛି। କେତେକ ଆର୍ଥିକ ବିଶେଷଜ୍ଞଙ୍କ ମତରେ, ଯଦି ଅଶୋଧିତ ତୈଳ ଦର ଏହିପରି ବଢ଼ିଚାଲେ, ତେବେ ମୋଟ ଉପରେ ୨୦ ରୁ ୨୫ ଟଙ୍କା ପର୍ଯ୍ୟନ୍ତ ଦର ବୃଦ୍ଧି ଘଟିପାରେ।

### ପେଟ୍ରୋଲ୍ ଟାଙ୍କିରେ..

ଜରୁରୀ ପରିସ୍ଥିତି ବୋଲି ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ତେଲ କମ୍ପାନୀଗୁଡ଼ିକ ରାଜ୍ୟରେ ଦୁଇଦିନରେ ୩୦% ଅଧିକ ତେଲ ବିକ୍ରି ହୋଇଥିବା ସୂଚନା ଦେଇ ଆବଶ୍ୟକରୁ ଅଧିକ ତେଲ କ୍ରୟ ଯୋଗୁଁ ଏପରି ସ୍ଥିତି ଉପୁଜିଛି ବୋଲି କହି ନିଜ ମୁଣ୍ଡରୁ ଅଠା ଛାଡ଼ାଇଛି।

ଗୁରୁବାର ଭଳି ଶୁକ୍ରବାର ସାରା ରାଜ୍ୟରେ ତେଲ ସଙ୍କଟ ଜାରି ରହିଛି। ରାଜଧାନୀ ସହ କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଆଦି ସହରରେ ଗୁରୁବାର ରାତି ସାରା ଲୋକେ ତେଲ ପକାଇବାକୁ ପେଟ୍ରୋଲ ପମ୍ପରେ ଧାଡି ଲଗାଇଥିବା ଦେଖିବାକୁ ମିଳିଛି। ତେଲ ନ ଥିବାରୁ ଅନେକ ଟାଙ୍କି ବନ୍ଦ ରହିଛି ଓ ଅନ୍ୟ କିଛି ପମ୍ପ କର୍ତ୍ତୃପକ୍ଷ ଅସ୍ଥାୟୀ ବ୍ୟାରିକେଡ୍ କରି ତେଲ ପମ୍ପକୁ ଅବରୋଧ କରି ରଖିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଆଗକୁ ଯାତ୍ରୀ ଓ ମାଲ ପରିବହନ ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧକ୍ଷ ରବି ଶତପଥୀ କହିଛନ୍ତି ଯେ, ରାଜ୍ୟରେ ତେଲକୁ ନେଇ ବର୍ତ୍ତମାନ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ତେଲ କମ୍ପାନୀଗୁଡିକ ଦାୟୀ। ଆମକୁ ଗତ ୫ ଦିନ ହେବ ୪୦% କମ୍ ତେଲ ମିଳୁଛି। ଏବେ ବି ୨ ଲକ୍ଷ ଟ୍ରକ୍ ମଧ୍ୟରୁ ୪୦ ହଜାର ଟ୍ରକ୍ ତେଲ ଅଭାବରୁ ଚାଲିପାରୁନାହିଁ।

ସ୍ଥିତି ମୁକାବିଲା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ସଚିବାଳୟରେ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମସ୍ତ ପେଟ୍ରୋଲ ପମ୍ପକୁ ତୈଳ ଯୋଗାଣ ସ୍ଥିର ରହିଛି। ଲୋକେ ଭୟଭୀତ ନ ହୋଇ ପେଟ୍ରୋଲ ଓ ଡିଜେଲ ଆବଶ୍ୟକତାଠାରୁ ଅଧିକ ନ କିଣିବାକୁ ତୈଳ କମ୍ପାନୀର ପ୍ରତିନିଧିମାନେ ବୈଠକରେ ଅବଗତ କରାଇଥିବା କଥା ମନ୍ତ୍ରୀ ଦୋହରାଇଛନ୍ତି। ଏହା ସମସ୍ୟାର ତ୍ୱରିତ ସମାଧାନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିନିଧିମାନେ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିବା ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ତେଲ ସଙ୍କଟ ସ୍ଥିତିକୁ ସ୍ୱାଭାବିକ କରିବା ବଦଳରେ ଇଣ୍ଡିଆନ ଅଏଲ୍ କର୍ତ୍ତୃପକ୍ଷ ଲୋକଙ୍କ ଆଡ଼କୁ ଦୋଷ ଠେଲିଛନ୍ତି। କମ୍ପାନୀର ରାଜ୍ୟ ମୁଖ୍ୟ କହିଛନ୍ତି ଯେ ଗୋଟିଏ ଟାଙ୍କି ପାଖରେ ୨ରୁ ୩ ଦିନର ତେଲ ଷ୍ଟକ୍ ଥାଏ। କିନ୍ତୁ ଅଚାନକ ୩୦ରୁ ୪୦% ବିକ୍ରି ବଢ଼ିଗଲେ ଡ୍ରାଏ ଆଉଟ୍ ସମସ୍ୟା ଉପୁଜେ। ଦେଶରେ ୨ରୁ ୩ ଦିନ ଭିତରେ ପେଟ୍ରୋଲ ବିକ୍ରି ୩୭ ପ୍ରତିଶତ ବଢ଼ିଛି। ଗ୍ରାହକ ସଂଖ୍ୟା ୩୦-୪୦% ବଢିଗଲେ ପମ୍ପ ଖାଲି ହେବ। ଏହା ଅଭାବ ନୁହେଁ, ଅତିରିକ୍ତ ଭିଡ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

### ଚାଲିଗଲା ରୋଗୀଙ୍କ...

ଚାଲିଗଲା ବୋଲି ପରିବାରଲୋକେ କାନ୍ଦି କାନ୍ଦି କହିଛନ୍ତି।

ଅନ୍ୟପକ୍ଷରେ, ଆମ୍ବୁଲାନ୍ସ ମାଲିକ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଗାଡ଼ିରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା କହିଛନ୍ତି। ଖବର ପାଇ କଟକ ସଦର ଥାନା ପୁଲିସ ଗୋପାଳପୁର ନିକଟରେ ଅଟକି ରହିଥିବା ଆମ୍ବୁଲାନ୍ସକୁ ଜବତ କରିଛି। ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସରେ ତେଲ କିମ୍ବା ଅକ୍ସିଜେନ ନ ରହିବା ଏବଂ ଗାଡ଼ିର ଫିଟନେସ୍ ନ ଥିବା ଭଳି ପ୍ରସଙ୍ଗ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

### ସୀମା ଟପୁଛି...

ଧମକ ଘଟଣା ସରକାରୀ କର୍ମଚାରୀମାନଙ୍କ ମନୋବଳ ଭାଙ୍ଗିଦେଇଛି। ବିଡ଼ିଓଙ୍କ ଅନୁପସ୍ଥିତିରେ ବିଜେପି ନେତାଙ୍କ ଉତ୍ପାତରୁ ଏବିଡ଼ିଓ ଓ ଅନ୍ୟ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ଏସଡିପିଓ ଉମାକାନ୍ତ ନାୟକ ଓ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ନାକେଦମ ହେବାକୁ ପଡ଼ିଛି।

ଅଭିଯୋଗ ଅନୁଯାୟୀ ଏକ ବୈଠକକୁ 'ଆମ୍ବା' ସଭାପତିଙ୍କୁ ଡ଼କା ଯାଇ ନ ଥିବା ଘଟଣାକୁ କେନ୍ଦ୍ର କରି ଅରିନ୍ଦମ ଓ ଅଭୟ ବ୍ଲକ୍ କାର୍ଯ୍ୟାଳୟରେ ଭୀଷଣ ପାଟିତୁଣ୍ଡ ସହ ଗାଳିଗୁଲଜ କରିଛନ୍ତି। ପ୍ରଥମେ ଜଣେ ମହିଳା ଅଧିକାରୀଙ୍କୁ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ ପରେ ଦୁଇ ବିଜେପି ନେତା ଓ ତାଙ୍କର ସହଯୋଗୀମାନେ ଏବିଡ଼ିଓ ଶ୍ରୀ ଜେନାଙ୍କୁ ନିଶାଣ କରିଥିଲେ। ଏହି ସମୟରେ ପୁଲିସ ଉପସ୍ଥିତି ନ ଥିଲେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଥାଆନ୍ତା ବୋଲି ଅନେକ ଆଶଙ୍କା କରିଛନ୍ତି। ଏବେ ରାଜ୍ୟରେ ବିଜେପି ସରକାର ଅଛି ଓ ସବୁ କଥା ଆମ କଥାରେ ଚାଲିବ ବୋଲି କ୍ରୋଧାନ୍ୱିତ ଶ୍ରୀ ରାୟ ଓ ଶ୍ରୀ ବାରିକ ସରକାରୀ ଅଧିକାରୀମାନଙ୍କୁ ଚେତାବନୀ ଦେଇଛନ୍ତି। ପୁଲିସ ଉପସ୍ଥିତିରେ ସରକାରୀ ଅଧିକାରୀମାନଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ପ୍ରଶାସନିକ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଆବାସ ଯୋଜନା, ରାସନ କାର୍ଡ ଓ ଭତ୍ତା ବଣ୍ଟନ ଭଳି କାର୍ଯ୍ୟରେ ସ୍ଥାନୀୟ ବିଧାୟକ ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ଦୁଇ ବିଧାୟକ ପ୍ରଶାନ୍ତ ବେହେରା ଓ ରାଜା ସ୍ୱାଇଁଙ୍କ ସହ ବ୍ଲକ୍ କାର୍ଯ୍ୟାଳୟର ଅଧିକାରୀଙ୍କ ପିସି କାରବାର ଚାଲିଛି ବୋଲି ଅରିନ୍ଦମ ରାୟ ଆକ୍ଷେପ କରିଛନ୍ତି। ଅପରପକ୍ଷରେ ଅଭୟ ବାରିକ ଏବିଡ଼ିଓ, ଏମ୍‌ଆଇ ଓ ଅନ୍ୟ ମହିଳା କର୍ମଚାରୀଙ୍କୁ ଧମକ ଦେବା ସହ ସେମାନଙ୍କର କାମ ଓ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ବ୍ଲକ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଆଇଆଇସି ବିକାଶ ସେଠୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଶେଷରେ ଆସନ୍ତା ବୁଧବାର ସମସ୍ତ ବିଭାଗୀୟ ଅଧିକାରୀ ଓ ବିଜେପି ନେତାଙ୍କୁ ନେଇ ଏକ ମିଳିତ ବୈଠକ କରାଯିବ ବୋଲି ଏବିଡିଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି।

### ଜୁନ୍ ୨୧ରେ ...

ସ୍ୱଚ୍ଛତା ଆସିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଆସନ୍ତାର ଜୁନ୍ ୨୧ ତାରିଖରେ ନିଟ୍‌ର ପୁନଃ ପରୀକ୍ଷା ହେବ। ଜୁନ୍ ୧୪ ତାରିଖ ସୁଦ୍ଧା ନୂତନ ପ୍ରବେଶ ପତ୍ର ୱେବସାଇଟ୍‌ରେ ଉପଲବ୍ଧ ହେବ। ଛାତ୍ରଛାତ୍ରୀଙ୍କୁ ପୁଣିଥରେ ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ପରୀକ୍ଷାର୍ଥୀମାନେ ନିଜ ପସନ୍ଦର ପରୀକ୍ଷା କେନ୍ଦ୍ର ବା ସହର ବାଛିବା ପାଇଁ ସୁଯୋଗ ପାଇବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଏସନ ଧୋକା ଦେବ...

କ୍ରମାଗତ ୬ ମାସ ଧରି ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ରହିଥିବା ବେଳେ ଏହା ଏଲ୍-ନିନୋକୁ ଦୀର୍ଘସ୍ଥାୟୀ କରିବା ପାଇଁ ଆବଶ୍ୟକ ତାପଜ ଶକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ସାମୁଦ୍ରିକ ପରିବର୍ତ୍ତନ ସହ ବାୟୁମଣ୍ଡଳର ସମନ୍ୱୟ ମଧ୍ୟ ଦେଖିବାକୁ ମିଳୁଛ। ଭାରତୀୟ ଉପମହାଦେଶ ପାଇଁ ଏହି ପରିବର୍ତ୍ତନ ସାଧାରଣତଃ ଦୁର୍ବଳ ଓ ଅନିୟମିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ସଙ୍କେତ ଦେଇଥାଏ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଏହାଦ୍ୱାରା ହାରାହାରି ତାପମାତ୍ରାରେ ବୃଦ୍ଧି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଆଶଙ୍କା ଏବଂ ଚାଷ ସମୟରେ ଦୀର୍ଘ ଦିନ ଧରି ବର୍ଷାର ଅଭାବ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅଧିକ ଦିନ ଧରି ରହିବା ସହ ବର୍ଷାର ପରିମାଣରେ ବ୍ୟାପକ ଅନିଶ୍ଚିତତା ଦେଖାଯାଇପାରେ। ଓଡ଼ିଶାର କୃଷି କ୍ଷେତ୍ରରେ ବିଶେଷ କରି ଖରିଫ ଧାନ ବୁଣିବା ଏବଂ ତଳି ରୋପଣ ସମୟରେ ବର୍ଷାର ଅଭାବ ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହି ସ୍ଥିତିର ମୁକାବିଲା ପାଇଁ ଚାଷୀମାନେ ସ୍ୱଳ୍ପ ଅବଧି ଏବଂ ମରୁଡ଼ି ସହନଶୀଳ ବିହନ ବ୍ୟବହାର କରିବା ସହ ଜମିରେ ବୃଷ୍ଟି ଜଳ ସଂରକ୍ଷଣ ଏବଂ କ୍ଷେତ ସ୍ତରରେ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଏଲ୍-ନିନୋ ସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଧାନ ଚାଷ ପରିବର୍ତ୍ତେ ଅଣ-ଧାନ ଫସଲ ଯଥା ମକ୍କା, ମାଣ୍ଡିଆ, ଡାଲି ଜାତୀୟ ଫସଲ ଏବଂ ତୈଳବୀଜ ଚାଷକୁ ଅଧିକ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ବୋଲି ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି। ତେବେ ଏହି ଫସଲଗୁଡ଼ିକର ସଠିକ ସମୟରେ ବୁଣାବୁଣି କରିବା ଏବଂ ବିଶେଷ ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବର୍ଷାର ଅନିୟମିତତା ଯୋଗୁଁ ଉଚ୍ଚା ଜମିଗୁଡ଼ିକ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ମୌସୁମୀ ବିଭ୍ରାଟର ମୁକାବିଲା ପାଇଁ ଏକ ଜରୁରୀକାଳୀନ ପଦକ୍ଷେପ ସ୍ୱରୂପ ସରକାର ସ୍ୱଳ୍ପ ଅବଧି ବିହନ ବ୍ୟାଙ୍କ ପ୍ରତିଷ୍ଠା କରିବା ଉଚିତ୍ ବୋଲି ସେ କହିଛନ୍ତି। ଏଥିସହ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ ରଖିବା, ଅଗ୍ରୀମ ବିହନ ବଣ୍ଟନ ଏବଂ ସାର ଏବଂ ଡିଜେଲର ପର୍ଯ୍ୟାପ୍ତ ସୁବିଧା ସୁନିଶ୍ଚିତ କରିବାକୁ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

### ୨୬ରେ କେରଳ...

କରାଯାଇଛି। ମୌସୁମୀ ବାୟୁ ଭାରତୀୟ କୃଷି ଓ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଦେଶର ବାର୍ଷିକ ବର୍ଷାର ପ୍ରାୟ ୭୦ ପ୍ରତିଶତ ଏହି ସମୟରେ ହୋଇଥାଏ। ତେବେ ଚଳିତ ବର୍ଷ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିପାରେ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ସ୍ଥିତି ସକ୍ରିୟ ହେଉଥିବାରୁ ଭାରତରେ ବର୍ଷାର ପରିମାଣ କମିପାରେ। ସାଧାରଣତଃ ମୌସୁମୀ ସମୟରେ ୮୭ ସେଣ୍ଟିମିଟର ବର୍ଷା ହୋଇଥାଏ, ମାତ୍ର ଏଥର ମାତ୍ର ୮୦ ସେଣ୍ଟିମିଟର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି। ମୌସୁମୀର ଆଗମନ ଖରା ଓ ଗୁଳୁଗୁଳିରୁ ରକ୍ଷା କରିବା ସହ ଜଳାଶୟଗୁଡ଼ିକୁ ପୂର୍ଣ୍ଣ କରିବାରେ ସାହାଯ୍ୟ କରେ। ଯଦିଓ ମୌସୁମୀ ଶୀଘ୍ର ଆସୁଛି, ତଥାପି 'ଏଲ୍ ନିନୋ' କାରଣରୁ କମ୍ ବର୍ଷା ହେଲେ ଏହାର ପ୍ରଭାବ ଚାଷ କାର୍ଯ୍ୟ ଉପରେ ପଡ଼ିବାର ଆଶଙ୍କା ରହିଛି। ପାଣିପାଗ ବିଭାଗ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ଜାଲ୍ ପରିଚୟରେ ନକଲି ଓକିଲ ମାମଲା ପରିଚାଳନା କରିବା ପ୍ରସଙ୍ଗ

# ହାଇକୋର୍ଟରେ ଅଭିଯୁକ୍ତର ଜାମିନ ଖାରଜ

କଟକ, ୧୫।୫ (ସମିସ): ଜାଲ ପରିଚୟରେ ଜଣେ ନିଜକୁ ଓକିଲ ଭାବେ ଦର୍ଶାଇ ଅଦାଲତରେ ଏକ ନିର୍ବାଚନ ମାମଲା ପରିଚାଳନା କରିବା ଅଭିଯୋଗରେ ଗିରଫ ସୁବାସ ମହାପାତ୍ରଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅଭିଯୁକ୍ତ ଶ୍ରୀ ମହାପାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କ ବିରୋଧରେ ଏଭଳି ଅଭିଯୋଗକୁ ଗୁରୁତ୍ୱର ବୋଲି ଦର୍ଶାଇଛନ୍ତି। ଏହା ଏକ 'ସମାଜ ବିରୋଧୀ ଅପରାଧ' ବୋଲି ହାଇକୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଶ୍ରୀ ମହାପାତ୍ର ନିଜ ଓକିଲାତିନାମାରେ ଯେଉଁ ବାର୍ କାଉନସିଲ ଏନରୋଲମେଣ୍ଟ ନମ୍ବର ବ୍ୟବହାର କରିଥିଲେ, ତାହା ଗୀତାଞ୍ଜଳି ଶର୍ମା ନାମକ ଜଣେ ମହିଳା ଆଇନଜୀବୀଙ୍କର ବୋଲି ତଦନ୍ତରୁ ଜଣାପଡ଼ିଛି। କୋର୍ଟ ଶ୍ରୀ ମହାପାତ୍ରଙ୍କୁ ବୈଧ ଏନରୋଲମେଣ୍ଟ ନମ୍ବର ଏବଂ ଓକିଲାତି କରିବା ପାଇଁ ଲାଇସେନ୍ସ ଦେଖାଇବାକୁ ସୁଯୋଗ ଦେଇଥିଲେ ମଧ ସେ ଏଥିରେ ବିଫଳ ହୋଇଥିଲେ। ଗତ ୨୦୨୫ ସେପ୍ଟେମ୍ବର ୧୨ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୋଧରେ ଲାଲବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ୨୦୨୫ ଡିସେମ୍ବରରେ ତାଙ୍କୁ ଏହି ମାମଲାରେ ପୁଲିସ ଗିରଫ କରିଥିଲା।

ସରକାରୀ ଓକିଲ ଦର୍ଶାଇଥିଲେ ଯେ ଆବେଦନକାରୀଙ୍କ ବିରୋଧରେ ପୂର୍ବରୁ ଭୁବନେଶ୍ୱରର ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ମହିଳା ଥାନା ସମେତ ଛତିଶଗଡ଼ର ରାୟପୁର ଏବଂ ଅନ୍ୟାନ୍ୟ ସ୍ଥାନରେ ୯ଟି ଅପରାଧିକ ମାମଲା ରହିଛି। ସେ ଏବଂ ତାଙ୍କ ସହଯୋଗୀମାନେ ବିଭିନ୍ନ ବ୍ୟକ୍ତିଙ୍କ ବିରୋଧରେ ପ୍ରାୟ ୮୦ଟି ମାମଲା ରୁଜୁ କରି ଅନୁଚିତ ସୁବିଧା ହାସଲ କରିବାକୁ ଚେଷ୍ଟା କରୁଥିଲେ। ଏହି ସମସ୍ତ ଦିଗକୁ ବିଚାର କରି ହାଇକୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି।

## ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନସନ୍ ପ୍ରସଙ୍ଗ

# ସରକାର ବାରମ୍ବାର ସମୟ ଲୋଡ଼ିବା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ, ୧୫।୫ (ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କ ତରଫରୁ ବାରମ୍ବାର ସମୟ ଲୋଡ଼ାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିଲେ। ତେବେ, ଏହି କମିଟି କ'ଣ କରିଛି, ସେନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ କହିବା ସହ କମିଟି ସଦସ୍ୟମାନଙ୍କ ନାମ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖକୁ ସ୍ଥିର କରିଛନ୍ତି।

**କମିଟିର ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ**

ଗତ ୨୦୨୬ ଫେବ୍ରୁଆରି ୧୭ରେ ରାଜ୍ୟ ସରକାରଙ୍କୁ ଆଉ ସମୟ ପ୍ରଦାନ କରାଯିବ ନାହିଁ ବୋଲି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ଥିବା ପ୍ରତିପକ୍ଷଙ୍କ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ ବ୍ଲକ୍‌ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ୍ ଦାୟର କରିଥିଲେ। ସେହିଭଳି ନିର୍ଦ୍ଦେଶ ଅନୁପାଳନ କରିବା ପ୍ରାର୍ଥନା କରି ଅବସରପ୍ରାପ୍ତ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଗଛରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ,୧୫।୫(ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ରାଜାବଗିଚା ଫିବନ୍ଧ କଡ଼ରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ସ୍ଥାନୀୟ ଅଞ୍ଚଳର ପ୍ରସନ୍ନ ନାଥ (୭୦)। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଜିମା ଦେଇଛି। ଶୁକ୍ରବାର ମଧ୍ୟାହ୍ନରେ ଗୋଧୋଇବା ପାଇଁ ପ୍ରସନ୍ନ ଘରୁ ବାହାରି ଯାଇଥିଲେ। ମାତ୍ର ସେ ଆଉ ଘରକୁ ଫେରିନଥିଲେ। ଏହା ମଧ୍ୟରେ ସ୍ଥାନୀୟ ଲୋକ ସିଟି କଲେଜ ସମ୍ମୁଖରେ ଥିବା ନଦୀବନ୍ଧ କଡ଼ରେ ଏକ ଗଛରେ ଜଣେ ବୃଦ୍ଧ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଗଛରେ ଗାମୁଛାର ଗୋଟିଏ ପାଖ ବନ୍ଧା ଯାଇଥିଲା ବେଳେ ଆରପାଖ ବୃଦ୍ଧଙ୍କ ବେକରେ ଗୁଡ଼ାଯାଇଛି। ଖବର ପାଇ ପୁଲିସ ଆସି ବୃଦ୍ଧଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରସନ୍ନ ନାଥ ବୋଲି ଚିହ୍ନଟ କରିଥିଲେ। ଉଦ୍ଧାର ପରେ ଶବକୁ ଏସ୍‌ସିବି ନିଆଯାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରସନ୍ନ ସେଠାରେ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ମାତ୍ର ଆତ୍ମହତ୍ୟାର କାରଣ ଏଯାବତ ସ୍ପଷ୍ଟ ହୋଇ ନ ଥିବା ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

# ରେଳଧାରଣାରୁ ମୃତଦେହ ଉଦ୍ଧାର

ତ୍ରିଶୂଳିଆ, ୧୫।୫(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ଗୋଠପୁର ଗ୍ରାମ ନିକଟସ୍ଥ ରେଳ ଧାରଣା ପାର୍ଶ୍ୱରୁ ଶୁକ୍ରବାର ସକାଳେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ବାରଙ୍ଗରୁ କଟକ ଅଭିମୁଖେ ଯାଇଥିବା ରେଳ ଲାଇନ୍ ମଝିରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବାରଙ୍ଗ ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ତଦନ୍ତ ସମୟରେ ମୃତ ଯୁବକଙ୍କ ନିକଟରୁ ତାମିଲନାଡୁର ତିରୁକିଲାପରୀରୁ ବାଲେଶ୍ୱର ଜିଲ୍ଲା ସୋର ପର୍ଯ୍ୟନ୍ତ ଏକ ସାଧାରଣ ଟ୍ରେନ୍ ଟିକେଟ୍ ମିଳିଛି। ଏହି ଟିକେଟକୁ ଆଧାର କରି ଯୁବକଙ୍କ ପରିଚୟ ଜାଣିବାକୁ ପୁଲିସ ଚେଷ୍ଟା ଚଳାଇଛି। ତେବେ ଏହା ଏକ ଦୁର୍ଘଟଣା ନା ଆତ୍ମହତ୍ୟା, ସେନେଇ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି। ଯୁବକଙ୍କ ପରିଚୟ ମିଳିଲେ, ତାଙ୍କ ପରିବାରକୁ ସୂଚନା ଦିଆଯିବ ବୋଲି ପୁଲିସ କହିଛି।


**TPNODL** TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP Northern Odisha Distribution Limited**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) May 16th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001185 | Purchase Order for Supply of various AB Cables |
| 2 | TPNODL/OT/2026-27/2500001189 | Purchase Order for Construction of a New DT Workshop |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**



**OFFICE OF THE REGULATED MARKET COMMITTEE, KORAPUT.**
At/Po- Koraput,
Dist.:-Koraput (Odisha), PIN- 764020
TENDER CALL NOTICE NO. 1108/ RMC dated: - 13.05.2026
Bid Identification no. 01/ RMC-Koraput /2026-27

***E-procurement notice IFB (Invitation for bids)***

| Sr.No. | Item | Details |
|---|---|---|
| 1 | The Sub-Collector Koraput-cum-Chairman, RMC Koraput invites percentage rate bids in **Single cover system** in ONLINE MODE only for work as detailed below: | |
| 2 | Nature of the work | Construction of different developmental works at 04 Market Yards of RMC Koraput. |
| 3 | No of work | 04 Nos |
| 4 | Bid Cost | Rs 6000.00 online transfer. |
| 5 | Value of Tender | Rs 17.80 to 37.93 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt 15.05.2026 to 25.05.2026 |
| 8 | Last date/time of Receipt of bids in the portal | Dt 25.05.2026 up to 5.00 P.M |
| 9 | Date of opening of bid | Dt 28.05.2026 at 11.00 A.M |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website:https://tendersorissa.gov.in. | |

**Corrigendum-** Due to technical error in the tender process/ portal, the Tender Call Notice No.1086 Dtd.02.05.2026 is hereby cancelled vide this office Corrigendum Letter No. 1102 Dtd.12.05.2026.

**Sd/- Sub- Collector Koraput-cum chairman**
**Regulated Market Committee, Koraput.**



24001/112/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No. RDM-LAA-BLS-0001-2026- 5413 /R&DM, dated 05.02.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା - କାହାଳିଆ(ଅତିରିକ୍ତ), ଥାନା-ନୀଳଗିରି, ସଂଖ୍ୟା-୬୯, ତହସିଲ- ନୀଳଗିରି, ଜିଲ୍ଲା- ବାଲେଶ୍ୱର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୧୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧକ୍ଷଣ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିବା । ସାର୍ବଜନୀନ
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ନୀଳଗିରି (ପ୍ରଯୁଜ୍ୟ ନୁହେଁ) ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | କାହାଳିଆ (ଅତିରିକ୍ତ) | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୧୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ଖନନ କାର୍ଯ୍ୟ ନିମନ୍ତେ ଅତିରିକ୍ତ ଜମି ଅଧିଗ୍ରହଣ । ଗ୍ରାମ-କାହାଳିଆ (ଅତିରିକ୍ତ), ଥାନା-ନୀଳଗିରି, ଥାନା ନଂ-୬୯, ତହସିଲ- ନୀଳଗିରି, ଜିଲ୍ଲା-ବାଲେଶ୍ୱର, L.A.Case No.୦୧/୨୦୨୫

| କ୍ର:ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ଜାତି ଓ ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା(ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬୮/ ୧୨୦୮ | ଦିନେଶ ଦେବେନ ବିଶ୍ୱାଳ, ଦେବଶ୍ରୀ ବିଶ୍ୱାଳ, ପି:- ଭାସ୍କର ଚନ୍ଦ୍ର ବିଶ୍ୱାଳ, ଚକ୍ରଧର ବିଶ୍ୱାଳ, ପି:- ଗଦାଧର ବିଶ୍ୱାଳ, ଜା:- ଖଣ୍ଡାୟତ, ବା:- କାହାଳିଆ | ୯୭୭ | ଶାରଦ ଦୁଇ/୬ | ୦.୬୪ | ୦.୧୫ |
| | | | | ମୋଟ | ୦.୬୪ | ୦.୧୫ |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0017



**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
**obcc**
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking Works Department)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଦୂରଭାଷ - ୦୬୭୪- 1400089, CIN U482030 1953500001163
Vikash Bhavan, Nayapalli, Bhubaneswar-751012, Tel: 0674-2390043, Website: www.obcc.in, Email: md@obcc.in; info@obcc.in

No. 36164
File: SMT-2115
Date: 13.05.2026

**NOTICE INVITING TENDER** 34001/205/2627

| | | | |
|---|---|---|---|
| 1. | **Name of Work** | : | Construction of RCC Bridge over river Brahmani near Vedvyas and Beautification of Vedvyas Riverbank, Rourkela. |
| 2. | **Bid Identification No** | : | **12/Tender/OBCC/2026-27** |
| 3. | **Class of Contractor** | : | Special Class & Super Class |
| 4. | **Bid Security Fee/ EMD (In online mode/ In shape of e-Bank Guarantee)** | : | ₹ 48,31,500.00 |
| 5. | **Bid Processing Fee (Online mode only)** | | ₹ 48,315/- (Including GST) |
| 6. | **Date of availability of bid document in e-procurement portal** | : | From Dt.19.05.2026 up to 5:00 PM of Dt.10.06.2026 |
| 7. | **Last Date & Time of receipt of online bid** | : | Up to 5.00 PM on Dt.10.06.2026 |
| 8. | **Last Date of Pre-Bid Queries** | | Till 5:00 PM on Dt.25.05.2026 |
| 9. | **Date & Time for Pre-bid meeting** | | At 11:30 AM on Dt.26.05.2026 (Through Video Conferencing) https://meet.google.com/qwg-acif-uuj |
| 10. | **Date of Bid Opening** | : | At 11:30 AM on Dt.11.06.2026 |
| 11. | **Project Completion Duration** | | 24 (Twenty-Four) Calendar Months |

12. Further details can be seen from the e-Procurement portal https://www.tendersodisha.gov.in.
13. OBCC has the right to accept or reject the Notice / RFP without assigning any reasons thereof.

**Chief Engineer -I**
**OB&CC Ltd**

OIPR-34001/34161/1/26-27/0010



24001/119/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**ସଂଖ୍ୟା RDM-LAC-KNJ-0006-2022- 4998 /R&DM, ତା- 03 FEB 2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝର ଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା**, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୧୧୦୦୨ ତା ୦୬.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା,** ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅଧିସୂଚନା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବସାଇଟ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ଏହି ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ପରିବର୍ତ୍ତିତ ଭୂମି ଅନୁସୂଚି

| ପ୍ଲଟ ନଂ | ଅଧିସୂଚିତ ରକବା | ପରିବର୍ତ୍ତିତ ରକବା | ମନ୍ତବ୍ୟ |
|---|---|---|---|
| ୧୮୨୪/୬୬୩୦/୭୨୫୬ | ୦.୧୨ | ୦ | ବାଦ୍ ଦିଆଗଲା |
| ୧୮୨୪/୭୦୦୮ | ୦.୦୬ | ୦ | ବାଦ୍ ଦିଆଗଲା |

**ତଫସିଲ- କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶୈଲଙ୍ଗ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ ୧.୨୯ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ- ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା:- କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• **ଅଧିସୂଚନାର ବୈଧ ତାରିଖ :- ୧୧ /୦୩ /୨୦୨୬ ।**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

**LAND SCHEDULE**
Addl. Land Acquisition for Construction of Anandapur Barrage Project (Baitarani Right Bank Canal) of Vill- Sailong (Addl), Tahasil- Ghasipur, Ps.- Ghasipura, Dist.- Keonjhar after withdrawal.
L.A. Case No. LACN/1/10/2022

| କ୍ରମିକ ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ ଜାତି, ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ଆଇଁଠୁ ଚରଣ ସା, ବା: ନିଜଗାଁ, କୁନ୍ତଳା ବଳ, ବା: ନାକଝରୀ, ପି: ନିଶାକର ସା, ଚିତ ସା, ସ୍ୱା: ନିଶାକର ସା, ଜାତି: ଖଣ୍ଡାୟତ, ବା: ନିଜଗାଁ | ୧୮୨୫ | ଶାରଦ-୨ | ୦.୫୩ | ୦.୧୮ |
| ୨ | ୧୩ | ଅର୍ଜୁନ ସାହୁ, ପି: ଗୋପିନାଥ ସାହୁ, ଜା: ତେଲି, ବା ଘଷିପୁରା | ୧୮୪୧ | ଶାରଦ-୨ | ୦.୨୩ | ୦.୧୩ |
| ୩ | ୬୮ | କୃଷ୍ଣ ଚନ୍ଦ୍ର ବଳ, ନରହରି ବଳ, ଚକ୍ରଧର ବଳ, ଦୁଃଶାସନ ବଳ, ପି: ମିଛୁ ବଳ, କାଳିପ୍ରସ୍ନ ବଳ, ପି: କାହ୍ନୁଚରଣ ବଳ, ଦାବୋଦର ବଳ, ରଙ୍ଗାଧର ବଳ, ପି: ହୃଷିକେଶ ବଳ, ଜାତି: ଖଣ୍ଡାୟତ, ବା: ପୁରୁଣିଆ | ୧୮୧୭ | ଶାରଦ-୨ | ୦.୦୯ | ୦.୦୪ |
| ୪ | ୮୪ | ଗାଣ୍ଡୁ ସାହୁ, ପି: ବିଜଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୮ | ଶାରଦ-୨ | ୦.୧୫ | ୦.୧୫ |
| ୫ | ୨୨୪ | ବଂଶୀଧର ସାହୁ, ପି: ବନେଇ ସାହୁ, ଜାତି: ତେଲି, ବା: ଜଇନପୁରା | ୧୮୩୩ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୫ | ଶାରଦ-୨ | ୦.୦୫ | ୦.୦୫ |
| ୬ | ୨୫୪ | ବୈଲୋଚନ ସାହୁ, ପି: ବିକଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୭ | ଶାରଦ-୨ | ୦.୧୬ | ୦.୦୯ |
| ୭ | ୨୭୪ | ମୂଷା ସେଠୀ, ପି: ବୋଧି ସେଠୀ, ଜା: ଧୋବା, ବା: ଘଷିପୁରା | ୧୮୨୩ | ଶାରଦ-୨ | ୦.୪୦ | ୦.୨୨ |
| ୮ | ୩୬୪/୪୧ | ବନମାଳୀ ସାହୁ, ପି: କାଳି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୧୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୮୧୬ | ଶାରଦ-୨ | ୦.୦୬ | ୦.୦୬ |
| | | | ୧୮୧୮ | ଶାରଦ-୨ | ୦.୦୪୧ | ୦.୦୧ |
| ୯ | ୩୬୪/୪୯ | ପୁରନ୍ଦର ସାହୁ, ପି: ଗଣି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୧୬ | ୦.୧୧ |
| | | | ୧୮୩୪ | ଶାରଦ-୨ | ୦.୦୪ | ୦.୦୪ |
| | | | ୧୮୩୭ | ଶାରଦ-୨ | ୦.୦୫ | ୦.୦୧ |
| ୧୦ | ୩୬୪/୧୦୭ | ଯଦୁନାଥ ସାହୁ, ପି: ବନମାଳୀ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୬ | ଶାରଦ-୨ | ୦.୦୪ | ୦.୦୪ |
| ୧୧ | ୩୬୪/୪୭୫ | ଅଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ, ପି: ନାରାୟଣ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୨୪ | ଶାରଦ-୨ | ୦.୧୭ | ୦.୦୫ |
| ୧୨ | ୩୬୪/୬୪୩ | ମାଧବନନ୍ଦ ସାହୁ, ପି: ଶ୍ୟାମସୁନ୍ଦର ସାହୁ, ଜା: ତେଲି, ବା: କଏନପୁରା | ୧୭୦୪/ ୭୨୦୯ | ଶାରଦ-୨ | ୦.୦୫ | ୦.୦୫ |
| | | | | ମୋଟ ରକବା ଏ | ୧.୨୯ | ୦.୦୫ |

LA, Amin REVENUE INSPECTOR Special Land Acquisition Officer, ABP, Salapada, Keonjhar

OIPR-24001/24001/3/26-27/0024

## ଆକାଶ ସିଂଙ୍କ ଘାତକ ବୋଲିଂ, ମିଚେଲ ମାର୍ଶଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଲକ୍ଷ୍ନୌଠାରୁ ହାରି ପ୍ଲେ ଅଫ୍ ଆଶଙ୍କାରେ ସିଏସ୍‌କେ



ଲକ୍ଷ୍ନୌ,୧୫।୫(ଏଜେନ୍ସି): ଆକାଶ ସିଂ (୩/୨୬)ଙ୍କ ଘାତକ ବୋଲିଂ ଓ ମିଚେଲ ମାର୍ଶ (୩୮ ବଲ୍‌ରେ ୯୦ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲର ୫୯ତମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ୭ ୱିକେଟରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗ୍‌ସ)କୁ ପରାସ୍ତ କରିଛି। ଏହା ଫଳରେ ୧୨ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଥିବା ସିଏସ୍‌କେ ଏବେ ପ୍ଲେ ଅଫ୍ ପ୍ରବେଶ ନେଇ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଦଳର ଆଉ ୨ଟି ଲିଗ୍ ମ୍ୟାଚ୍ ବାକି ଅଛି ଓ ଉଭୟ ମ୍ୟାଚ୍‌ରେ ବିଜୟୀ ହେବା ସହ ଅନ୍ୟ ଶୀର୍ଷ ଦଳର ପ୍ରଦର୍ଶନ ଉପରେ ସିଏସ୍‌କେର ପ୍ଲେ ଅଫ୍ ପ୍ରବେଶ ଝୁଲି ରହିଛି। ଅନ୍ୟପକ୍ଷରେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଏଲଏସ୍‌ଜି ୧୨ତମ ମ୍ୟାଚ୍‌ରେ ୪ର୍ଥ ବିଜୟ ହାସଲ କରିଥିଲେ ମଧ୍ୟ ପଏଣ୍ଟ ଟେବୁଲର ଶେଷସ୍ଥାନରେ ରହିଛି।



| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| କୋଲକାତା ବନାମ ଗୁଜରାଟ |
| ଭେନ୍ୟୁ-କୋଲକାତା |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

ଏହି ମ୍ୟାଚ୍‌ରେ ଯୁବ ଖେଳାଳି କାର୍ତ୍ତିକ ଶର୍ମା ଓ ଡିୱାଲ୍ଡ ବ୍ରେଭିସ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ କରିଥିଲା ୧୮୭ ରନ୍। ଜବାବରେ ୧୮୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଲ୍‌ଏସ୍‌ଜି ୧୬.୪ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମିଚେଲ ମାର୍ଶ ଓ ଜୋଶ ଇଂଲିଶ ପ୍ରଥମ ୱିକେଟରୁ ୭୦ ବଲ୍‌ରେ ୧୩୫ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। ଏହି ସମୟରେ ଇଂଲିଶ ୩୨ ବଲ୍‌ରେ ୩୬ ଓ ମାର୍ଶ ୩୮ ବଲ୍‌ରେ ୯ଚୌକା ଓ ୭ଛକା ସହ ୯୦ ରନ୍‌ରେ ଆଉଟ ହୋଇଯାଇଥିଲେ। ଏମାନଙ୍କ ପରେ ଅବଦୁଲ ସମଦ ମଧ୍ୟ ପାଭିଲିଅନ ଫେରିଥିଲେ। ଫଳରେ ୯ ରନ୍ ମଧ୍ୟରେ ସିଏସକେ ୩ଟି ୱିକେଟ ହରାଇ ମ୍ୟାଚ୍‌କୁ ଫେରିଥିଲା। କିନ୍ତୁ ନିକୋଲସ ପୂରନ ଓ ମୁକୁଲ ଚୌଧୁରୀ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅବିଭକ୍ତ ୪ର୍ଥ ୱିକେଟରୁ ୨୦ ବଲ୍‌ରେ ୪୪ ରନ୍ ଉଠାଇବା ଫଳରେ ଏଲଏସ୍‌ଜି ଆଉ ୨୦ଟି ବଲ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ପୂରନ ୧୭ବଲ୍‌ରୁ ୧ ଚୌକା ଓ ୪ଛକା ସହ ୩୨ ଏବଂ ମୁକୁଲ ୧୦ବଲ୍‌ରୁ ୨ ଚୌକା ସହ ୧୩ ରନ୍‌ରେ ଅପରାଜିତ ରହିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ଆକାଶ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ୫୨ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଆକାଶ ପ୍ରତିପକ୍ଷ ଦଳର ପ୍ରଥମ ୩ଟିଯାକ ୱିକେଟ ଅକ୍ତିଆର କରିଥିଲେ। ସେମାନଙ୍କ ମଧ୍ୟରୁ ଋତୁରାଜ ଗାଏକ୍ୱାଡ (୧୩), ଉର୍ଭିଲ ପଟେଲ (୬) ଓ ନିର୍ଭରଯୋଗ୍ୟ ସଞ୍ଜୁ ସାମସନ ୨୦ ରନ୍ କରିଥିଲେ। ଏହା ପରେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରେ କାର୍ତ୍ତିକ ଓ ଡିୱାଲ୍ଡ ଉତ୍ତମ ବୁଝାମଣା ଓ ସମନ୍ୱୟ ରକ୍ଷା କରି ୪୪ ବଲ୍‌ରୁ ୭୦ ରନ୍ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିବା ପରେ ଲାଗ ଲାଗ ଆଉଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଡିୱାଲ୍ଡ ବ୍ରେଭିସ୍ ୧୬ ବଲ୍‌ରୁ ୨ ଛକା ସହ ୨୫ ଓ କାର୍ତ୍ତିକ ୪୨ବଲ୍‌ରୁ ୬ଚୌକା ଓ ୫ଛକା ସହ ସର୍ବାଧିକ ୭୧ ରନ କରିଥିଲେ। ଏମାନଙ୍କ ପରେ ୬ଷ୍ଠ ୱିକେଟରେ ଶିବମ ଦୁବେ ଓ ପ୍ରଶାନ୍ତ ବୀର ୨୪ବଲ୍‌ରୁ ୪୫ ରନ୍ ଉଠାଇଥିଲେ। ଦୁବେ ୧୬ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୩ ଓ ବୀର ୧୦ ବଲ୍‌ରେ ୧୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
| --- | --- | --- | --- | --- | --- | --- |
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନଇ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| କୋଲକାତା | ୧୧ | ୪ | ୬ | ୧ | ୯ | -୦.୧୯୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ସଂକ୍ଷିପ୍ତ ସ୍କୋର

**ଚେନ୍ନଇ ସୁପର କିଙ୍ଗ୍‌ସ:** ୧୮୭/୫, ୨୦ ଓଭର (କାର୍ତ୍ତିକ-୭୧, ଶିବମ ଦୁବେ-୩୨*, ଡିୱାଲ୍ଡ ବ୍ରେଭିସ୍-୨୫, ଆକାଶ ମହାରାଜ ସିଂ-୩/୨୬)।

**ଲକ୍ଷ୍ନୌ ସୁପର ଜାଏଣ୍ଟସ:** ୧୮୮/୩, ୧୬.୪ ଓଭର (ମାର୍ଶ-୯୦, ଜୋଶ ଇଂଲିଶ-୩୬, ପୁରନ୍- ୩୨*, ମୁକୁଲ- ୧୩*, ମୁକେଶ-୧/୧୭, ସ୍ପେନ୍‌ସର-୧/୩୯)।

## ରୁଷ୍ ଓ ବେଲାରୁଷ୍ ଉପରୁ କଟକଣା ଉଠିଲା

ମସ୍କୋ,୧୫।୫(ଏଜେନ୍ସି): ରୁଷ ଓ ବେଲାରୁଷର କୁସ୍ତିଯୋଦ୍ଧାଙ୍କ ଉପରୁ କଟକଣା ଉଠାଇଦେଇଛି ୟୁନାଇଟେଡ ୱାର୍ଲ୍ଡ ରେସଲିଂ। ଏହା ଫଳରେ ଉଭୟ ଦେଶର କୁସ୍ତିଯୋଦ୍ଧାମାନେ ଏବେ ନିଜ ଦେଶର ବ୍ୟାନରରେ ସମସ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ମାର୍ଚ୍ଚ ୨୦୨୨ରେ ଉଭୟ ଦେଶର ପ୍ରତିଯୋଗୀଙ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ କଟକଣା ଲଗାଯାଇଥିଲା। ଏବେ ଏହି କଟକଣା ଉଠାଇ ଦିଆଯାଇଛି ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂର ସଭାପତି ନେନାଦ ଲାଲୋଭିଚ୍ କହିଛନ୍ତି।

## ୪୫ ବର୍ଷରେ ଖେଳିବେ ଭେନସ


ପ୍ୟାରିସ୍,୧୫।୫(ଏଜେନ୍ସି): ଆମେରିକାର ବରିଷ୍ଠ ଖେଳାଳି ଭେନସ ୱିଲିୟମ୍ସ ମେ ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଫ୍ରେଞ୍ଚ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଡବଲ୍ସରେ ଭାଗନେବେ। ଏହି ସମୟରେ ତାଙ୍କୁ ୪୫ବର୍ଷ ହୋଇଥିବ ଓ ସେ ତାଙ୍କଠାରୁ ୨୧ ବର୍ଷ କମ୍ ବୟସର ଖେଳାଳି ହେଲି ବାପ୍ଟିଷ୍ଟଙ୍କୁ ପାର୍ଟନର କରିବେ। ଏଠାରେ ସେ ମହିଳା ସିଙ୍ଗଲ୍ସରେ ଖେଳିବେ ନାହିଁ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭେନସ ପୂର୍ବରୁ ନଂ-୧ ଖେଳାଳି ରହିଥିଲେ। ସେ ତାଙ୍କ କ୍ୟାରିୟରରେ ୭ଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିଲେ। ଶେଷଥର ଲାଗି ୨୦୦୨ ଫ୍ରେଞ୍ଚ ଓପନର ସିଙ୍ଗଲ୍ସ ଫାଇନାଲରେ ସାନ ଭଉଣୀ ସେରେନାଙ୍କଠାରୁ ଭେନସ ପରାଜିତ ହୋଇଥିଲେ। ସେରେନାଙ୍କୁ ପାର୍ଟନର କରି ଭେନସ ୧୯୯୯ ଓ ୨୦୧୦ରେ ଡବଲ୍ସ ଟାଇଟଲ ଜିତିଥିଲେ।



## ୨୦୨୭ ବିଶ୍ୱକପ୍ ଲାଗି ଯୋଜନା

# ଖେଳିବାକୁ ସର୍ତ୍ତ ରଖିଲେ ବିରାଟ

ବେଙ୍ଗାଲୁରୁ,୧୫।୫(ଏଜେନ୍ସି)



ଦିନିକିଆ ବିଶ୍ୱକପ୍‌ର ୨୦୨୭ ସଂସ୍କରଣ ଖେଳିବା ଲାଗି ମୁଁ ଭୋକିଲା ରହିଛି। କିନ୍ତୁ ଭାରତୀୟ ବ୍ୟବସ୍ଥା ଚାହିଁଲେ ଏବଂ ଉପଯୁକ୍ତ ସମ୍ମାନ ମିଳିଲେ ମୁଁ ଏହି ବିଶ୍ୱକପ୍‌ରେ ଖେଳିବାକୁ ଯିବି ବୋଲି ଭାରତୀୟ କ୍ରିକେଟର କିଂବଦନ୍ତୀ ବ୍ୟାଟର ବିରାଟ କୋହଲି କହିଛନ୍ତି। ବେଙ୍ଗାଲୁରୁ ଟିମ୍‌ର ପୋଡକାଷ୍ଟରେ ସେ କହିଛନ୍ତି, ଦଳରେ ମୋତେ ସ୍ଥାନ ମିଳିବ ବୋଲି ବାରମ୍ବାର ପରୀକ୍ଷା ଦେବାକୁ ମୋର ଆଦୌ ଆଗ୍ରହ ନାହିଁ। ବିଶ୍ୱକପ୍ ହେଉ କିମ୍ବା ଆଇପିଏଲ୍ ମୁଁ ସର୍ବଦା ଖେଳିବାକୁ ପ୍ରସ୍ତୁତ ରହିଛି। କ୍ରିକେଟ ଖେଳ ମୋ ଦୈନନ୍ଦିନ ଜୀବନର ସହ ଜଡିତ। ଖେଳସୂଚୀ ଥାଉ କି ନ ଥାଉ ମୁଁ ସର୍ବଦା ମ୍ୟାଚ୍ ଖେଳିବା ଲାଗି ନିଜକୁ ପ୍ରସ୍ତୁତ କରି ରଖିଥାଏ। ଏଣୁ ମୋତେ ପ୍ରମାଣ କରିବାର ଆବଶ୍ୟକତା ନାହିଁ ବୋଲି କୋହଲି କହିଛନ୍ତି।

କୋହଲି ୨୦୨୪ରେ ଟି-୨୦ ଅନ୍ତର୍ଜାତୀୟ ଓ ୨୦୨୫ରେ ଟେଷ୍ଟ ମ୍ୟାଚ୍‌ରେ ଅବସର ନେଇଛନ୍ତି। ଏବେ ସେ ଅନ୍ତର୍ଜାତୀୟସ୍ତରରେ କେବଳ ଦିନିକିଆ ମ୍ୟାଚ୍ ଖେଳୁଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ସେ ଖେଳିବେ କି ନାହିଁ ବୋଲି ଚର୍ଚ୍ଚ ଚାଲିଛି। ଏ ସମ୍ପର୍କରେ କୋହଲି କହିଛନ୍ତି, ଏହାର ଉତ୍ତର ମୋ ନିକଟରେ ରହିଛି। ମୋତେ ଭାରତୀୟ ସେଟ୍‌ଅପରେ ଆବଶ୍ୟକ ପଡ଼ିଲେ ସମ୍ମାନର ସହ ଖେଳିବି। କିନ୍ତୁ ମୋର ଦକ୍ଷତା ଓ ଫିଟ୍‌ନେସ ଉପରେ ପ୍ରଶ୍ନ ଉଠାଇଲେ କିମ୍ବା ଏଥିଲାଗି ବାରମ୍ବାର ପରୀକ୍ଷା ଦେବାକୁ ହେଲେ ମୁଁ ଏହି ଦୌଡ଼ରୁ ଓହରିଯିବି ବୋଲି କହିଛନ୍ତି। ପରୋକ୍ଷରେ ସେ ବିସିସିଆଇ, ସିଲେକ୍ସନ କମିଟି ଓ ଟିମ୍ ମ୍ୟାନେଜ୍‌ମେଣ୍ଟରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ସୂଚନା ଦେଇଛନ୍ତି। ଏହି ସଂସ୍ଥା ଓ ଖେଳାଳିଙ୍କ ମଧ୍ୟରେ ବିଶ୍ୱାସ ରହିବା ଉଚିତ। ଦଳରେ ମୋର ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଲେ ମୋର ଖେଳିବା କଷ୍ଟକର ହୋଇ ପଡ଼ିବ। ଏଣୁ ମୁଁ ଏଥିରୁ ଓହରିଯିବି ବୋଲି ସେ କହିଛନ୍ତି। ଭାରତ ପକ୍ଷରୁ କୋହଲି ୩୧୧ଟି ଦିନିକିଆ ମ୍ୟାଚ୍ ଖେଳି ୫୮.୭୧ ହାରରେ ୧୪, ୭୯୭ ରନ୍ କରିଛନ୍ତି। ଏହା ମଧ୍ୟରେ ୫୪ଟି ଶତକ ଓ ୭୭ଟି ଅର୍ଦ୍ଧଶତକ ରହିଛି।

## ଖଲୀଲଙ୍କ ସ୍ଥାନରେ କୁଲଦୀପ, ଥୁସାରାଙ୍କ ସ୍ଥାନରେ ଗ୍ଲୀସନ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଆଇପିଏଲ୍ ଶେଷ ହେବା ଯେତେ ନିକଟତର ହେଉଛି ଖେଳାଳିଙ୍କ ଆହତ ସମସ୍ୟା ସେତେ ବୃଦ୍ଧି ପାଉଛି। ଏହା ମଧ୍ୟରେ ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଦୁଇ ଖେଳାଳିଙ୍କ ବଦଳ ଖେଳାଳି ଚିହ୍ନଟ ହୋଇଛି। ଦଳରୁ ବାଦ୍ ପଡ଼ିଥିବା ସିଏସ୍‌କେର ଫାଷ୍ଟ ବୋଲର ଖଲୀଲ ଅହମ୍ମଦ୍‌ଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳ ସାମିଲ କରିଛି। ସେହିପରି ନୁୱାନ ଥୁଷାରାଙ୍କ ସ୍ଥାନରେ ଇଂଲଣ୍ଡର ରିଚାର୍ଡ ଗ୍ଲୀସନଙ୍କୁ ଆର୍‌ସିବି ୧.୬ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ଏମାନେ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ସମୟ ଲାଗି ଦଳ ପକ୍ଷରୁ ଖେଳିବେ। ଉଭୟ ଖେଳାଳି ପୂର୍ବରୁ ଆଇପିଏଲ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି।

## କେକେଆର୍ ଛାଡ଼ିଲେ ରାଚିନ ରବୀନ୍ଦ୍ର



କୋଲକାତା,୧୫।୫(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ଟୁର୍ ଲାଗି ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର କେକେଆର୍ ଟିମ୍ ଛାଡିଛନ୍ତି। ଗତ ଆଇପିଏଲ୍ ନିଲାମିରେ କେକେଆର୍ ତାଙ୍କୁ ତାଙ୍କ ମୂଳ ମୂଲ୍ୟ ୨କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ଆରମ୍ଭରୁ ଦଳ ସହ ଥିଲେ ମଧ୍ୟ କେକେଆର୍ ପକ୍ଷରୁ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିଲେ। ଆଇପିଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିବାର ସାମାନ୍ୟ ଆଶା ଥିବା କେକେଆର୍ ତାହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଗୁଜରାଟ ଟାଇଟାନ୍ସ ସହ ଶନିବାର ଖେଳିବ।

## ଇଶାନ୍‌ଙ୍କୁ ୧ କୋଟି ଟଙ୍କା




ପାଟନା, ୧୫।୫ (ଏଜେନ୍ସି): ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର୍ ଇଶାନ କିଶାନ ଶୁକ୍ରବାର ବିହାରର ନୂଆ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସମ୍ରାଟ ଏକ କୋଟି ଟଙ୍କାର ଚେକ୍ ପାଟନାର ତାରକା ଇଶାନଙ୍କୁ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତକୁ ରେକର୍ଡ ୩ୟଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇବାରେ ଇଶାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଏହି ଅବଦାନ ଲାଗି ବିହାର ସରକାର ଇଶାନଙ୍କୁ ପୁରସ୍କୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଇଶାନଙ୍କ ନିକଟତମ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ନୱାଡା ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଏବଂ ପାଟନାରେ ଶୈଶବ ବିତାଇଥିବା ଇଶାନ ଗତ ଟି-୨୦ ବିଶ୍ୱକପରେ ୯ଟି ମ୍ୟାଚରୁ ୩୫.୨୨ ହାରରେ ୩୧୭ ରନ ସଂଗ୍ରହ କରିଥିଲେ।

## ନେତୃତ୍ୱ ନେବା ଲାଗି ସାମ୍‌ସନ୍ ଶ୍ରେଷ୍ଠ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଏଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ୨୦୨୮ରେ ପରବର୍ତ୍ତୀ ବିଶ୍ୱକପ୍ ହେବାକୁ ଯାଉଛି। ଏହା ଆରମ୍ଭ ହେଲାବେଳକୁ ସୂର୍ଯ୍ୟକୁମାରଙ୍କ ବୟସ ୩୭ ହୋଇଥିବ। ଏଣୁ ଏବେଠାରୁ ଭାରତୀୟ ଚୟନକର୍ତ୍ତା ଜଣେ ନୂଆ ଅଧିନାୟକ ଖୋଜିବା ଆରମ୍ଭ କରିଦେଇଛନ୍ତି। ଏହି ସ୍ଥାନ ଲାଗି ଗତଥର ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ସଞ୍ଜୁ ସାମସନ ଶ୍ରେଷ୍ଠ ବୋଲି ପୂର୍ବତନ କୋଚ୍ ତଥା ଭାଷ୍ୟକାର ରବି ଶାସ୍ତ୍ରୀ କହିଛନ୍ତି। ୩୧ ବର୍ଷିୟ ସାମସନଙ୍କର ନେତୃତ୍ୱ ନେବାର ବେଶ ଅଭିଜ୍ଞତା ରହିଛି ଓ ସେ ଏବେ ହଟ ଫର୍ମରେ ରହିଛନ୍ତି। ଭାରତର ନେତୃତ୍ୱ ନେବା ଲାଗି ସେ ଏବେ ଶ୍ରେଷ୍ଠ ଖେଳାଳି ବୋଲି ଶାସ୍ତ୍ରୀ ମତ ଦେଇଛନ୍ତି।

## ୧୫ ବଲ୍‌ରେ ସାନାଙ୍କ ରେକର୍ଡ ଅର୍ଦ୍ଧଶତକ

କରାଚି, ୧୫।୫ (ଏଜେନ୍ସି): ପାକିସ୍ତାନ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଫାତିମା ସାନା ଶୁକ୍ରବାର ବିଶ୍ୱରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି ଫାତିମା। ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଫାତିମା ୧୫ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଫଳରେ ପାକିସ୍ତାନ ଏହି ମ୍ୟାଚକୁ ୧୩୩ ରନର ବିରାଟ ବ୍ୟବଧାନରେ ବିଜୟୀ ହୋଇଥିଲା। ପୂର୍ବରୁ ଦ୍ରୁତତମ ଅର୍ଦ୍ଧଶତକ ନ୍ୟୁଜିଲାଣ୍ଡର ଦୁଇ ବ୍ୟାଟର୍ ସୋଫି ଡିଭାଇନ ଓ ଫୋଏବ ଲିଚଫିଲ୍ଡଙ୍କ ନାମରେ ରହିଥିଲା। ଉଭୟ ୧୮ଟି ଲେଖାଏ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ।

## ବେକ୍‌ହାମ ବ୍ରିଟେନ୍‌ର ପ୍ରଥମ ଅରବପତି ଖେଳାଳି



ଲଣ୍ଡନ,୧୫।୫(ଏଜେନ୍ସି): ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟବଲ ଖେଳାଳି ଡେଭିଡ୍ ବେକ୍‌ହାମ୍ ବ୍ରିଟେନର ପ୍ରଥମ ଅରବପତି ବା ବିଲେନେୟାର ଖେଳାଳି ହୋଇଛନ୍ତି। ବ୍ରିଟେନ୍‌ର ସନ୍‌ଡେ ଟାଇମ୍ସ ପକ୍ଷରୁ ପ୍ରକାଶିତ ଧନୀ ତାଲିକାରେ ବେକ୍‌ହାମ୍‌ଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧.୧୮୫ ପାଉଣ୍ଡ ବିଲିଅନ ବା ୧.୫୮୩ ବିଲିଅନ ଡଲାର ବୋଲି ଉଲ୍ଲେଖ କରିଛି। ତେବେ ବ୍ରିଟେନର ଧନୀ କ୍ରୀଡ଼ାବ୍ୟକ୍ତିତ୍ୱ ତାଲିକାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫର୍ମୁଲା ୱାନ୍‌ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ବର୍ଣ୍ଣି ଇକ୍ଲେଷ୍ଟୋନ୍‌ଙ୍କ ସମ୍ପତି ମୂଲ୍ୟ ୨ ନିୟୁତ ପାଉଣ୍ଡ ବିଲିଅନ ରହିଛି। ସେ ନମ୍ବର ୱାନ୍ ସ୍ଥାନରେ ରହିଛନ୍ତି। ୨୦୧୩ରେ ଫୁଟବଲ ଖେଳରୁ ଅବସର ନେଇଥିବା ବେକ୍‌ହାମ୍ ଏବେ ଇଣ୍ଟର ମିଆମିର ସହ ମାଲିକ ରହିଛନ୍ତି। ମେଜର ଲିଗ୍ ସକ୍କରରେ ଏହି କ୍ଲବ୍‌କୁ ବିଶ୍ୱର ଅନ୍ୟତମ ଧନୀ ଫୁଟବଲ କ୍ଲବ୍ ମଧ୍ୟରେ ଗଣାଯାଉଛି। ସେ ଏବେ ମଧ୍ୟ ଆଡିଡାସ ଓ ହୁଗୋ ବସ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି।

ବେକହାମ୍‌ଙ୍କ ସହ ଧନୀ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଲୁଇସ ହାମିଲଟନ (୪୩୫ ମିଲିଅନ୍ ପାଉଣ୍ଡ-୫ମ), ମାଷ୍ଟର୍ସ ଗଲ୍ଫ ଚାମ୍ପିଅନ ରୋରି ମ୍ୟାକ୍‌ଲୋରୀ (୩୨୫ ମିଲିଅନ ପାଉଣ୍ଡ-୭ମ), ବକ୍ସର ଆନ୍ଥୋନୀ ଜୋଶୁଆ (୨୪୦ ମିଲିଅନ ପାଉଣ୍ଡ -୮ମ), ହେଭିୱେଟ୍ ବକ୍ସର ଟାଇସନ ଫ୍ୟୁରୀ (୧୬୨ ମିଲିଅନ ପାଉଣ୍ଡ-୯ମ), ଫୁଟବଲ ଖେଳାଳି ହ୍ୟାରୀ କେନ୍ ଓ ଟେନିସ ଖେଳାଳି ଆଣ୍ଡି ମୁରେ (୧୧୦ ମିଲିଅନ ପାଉଣ୍ଡ- ଯୁଗ୍ମ ୧୦ମ) ରହିଛନ୍ତି। ଏହି ତାଲିକାରେ ଜଣେ ହେଲେ କ୍ରିକେଟ ଖେଳାଳି ନାହାନ୍ତି।

## ପୋଲାର୍ଡଙ୍କୁ ଜରିମାନା

ଧର୍ମଶାଳା, ୧୫।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ମୁମ୍ବଇ ଇଣ୍ଡିଆନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏହି ସାନ୍ତ୍ୱନାମୂଳକ ବିଜୟ ପରେ ଦଳର କୋଚ୍ କାଇରନ ପୋଲାର୍ଡଙ୍କୁ ଏକ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଚରଣ ସଂହିତା ଉଲ୍ଲଂଘନ ଲାଗି ବିସିସିଆଇ ପୋଲାର୍ଡଙ୍କୁ ଜରିମାନା ଲଗାଇଛି। ପୋଲାର୍ଡଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଥିସହ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ମିଳିଛି। ପଞ୍ଜାବ ଇନିଂସର ୧୯ତମ ଓଭରରେ ପୋଲାର୍ଡ ଚତୁର୍ଥ ଅମ୍ପାୟାରଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରିଥିଲେ।

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ

# ସ୍ୱସ୍ତିକଙ୍କୁ ୭ ୱିକେଟ୍

ଭୁବନେଶ୍ୱର, ୧୫।୫ (ସମିସ)







ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ୪ର୍ଥ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳରେ ୩ଟି ଉଲ୍ଲେଖନୀୟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର-ବି'ର ସ୍ୱସ୍ତିକ ଘୋଷାଲ ୭ ୱିକେଟ୍ ହାସଲ କରିଥିବାବେଳେ ସମ୍ବଲପୁର-ଏ'ର ବରୁଣ ନାଗ ଓ କେନ୍ଦ୍ରାପଡ଼ାର ଅମନ ଦାସ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଛନ୍ତି।

ରେଭେନସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭୪ ରନରେ ଗଜପତିକୁ, ବିଡ଼ାନାସୀ ଗ୍ରାଉଣ୍ଡରେ ନୟାଗଡ଼ ୩ ୱିକେଟରେ ପାରାଦୀପକୁ, ସମ୍ବଲପୁର-ଏ ୩୩ ରନରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୬ ୱିକେଟରେ ନବରଙ୍ଗପୁରକୁ, କେନ୍ଦ୍ରାପଡ଼ା ୧୩୯ ରନରେ ସମ୍ବଲପୁର-ବି'କୁ, କନ୍ଧମାଳ ୧ ୱିକେଟରେ ବୌଦ୍ଧକୁ, କଟକ-ବି ୪ ୱିକେଟରେ ଦେଓଗଡ଼କୁ, ଯାଜପୁର ୮୭ ରନରେ କିଟ୍‌କୁ ଏବଂ ରାଉରକେଲା ୨୫୩ ରନରେ ରାୟଗଡ଼ାକୁ ଦୟନୀୟ ଭାବେ ପରାସ୍ତ କରିଛି। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ୪୭ ଓଭରରେ ୯ ୱିକେଟ ହରାଇ ୩୦୨ ରନ କରିଥିଲା। ଜବାବରେ ରାୟଗଡ଼ା ୨୪ ଓଭରରେ ମାତ୍ର ୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଉରକେଲାର ରାଜା ଯାଦବ (୩ ୱିକେଟ), ଯାଜପୁରର ନସୀମ ଅହମ୍ମଦ (୩ ୱିକେଟ ଓ ୨୪ ରନ), କଟକର ଅଭିଷେକ ସେନାପତି (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

# ଥାଇଲାଣ୍ଡ ଓପନ: ସେମିରେ ସାତ୍ତ୍ୱିକ-ଚିରାଗ



ବ୍ୟାଙ୍କକ୍, ୧୫।୫ (ଏଜେନ୍ସି): ଚାରି କୋଟି ୭୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଷ୍ଟାର୍ ସଟଲର୍ ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଛନ୍ତି।

### ସିନ୍ଧୁ, ଲକ୍ଷ୍ୟଙ୍କ ବିଦାୟ

ତେବେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ସିନ୍ଧୁ ୨୧-୧୯, ୧୮-୨୧, ୧୫-୨୧ ଗେମରେ ଟପ୍ ସିଡ୍ ଅକାନେ ୟାମାଗୁଚିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ସେନ ୫୩ ମିନିଟ ମଧ୍ୟରେ ୧୯-୨୧, ୧୬-୨୧ ସିଧାସଳଖ ଗେମରେ ବିଶ୍ୱର ୨ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ୍ ଭିତିଦର୍ଶନଙ୍କଠାରୁ ହାରିଯାଇଛନ୍ତି। ତେବେ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ବିଜୟୀ ହୋଇ ଭାରତ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଟପ୍ ସିଡ୍ ଏହି ଭାରତୀୟ ଯୋଡ଼ି ୨୧-୧୨, ୨୧-୧୩ ଗେମରେ ଜାପାନର ତାକୁମି ନୋମୁରା ଓ ୟୁଚି ଶିମୋଗାମି ଯୋଡ଼ିଙ୍କୁ ପରାସ୍ତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS